# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ସୋମବାର, ଜୁନ୍ ୨୪ /୨୦୨୪ (୧୪ ପୃଷ୍ଠା) | Bhubaneswar, Monday, June 24/2024 | Page 14 | ₹ 7.00 | BERHAMPUR

୫୦ଶ ଭାଗ ୨୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 210 | ମୂଲ୍ୟ₹୭/-




## ସୋନାକ୍ଷୀଙ୍କ ହାତ ଧରିଲେ ଜହିର

ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ବୟଫ୍ରେଣ୍ଡ ଅଭିନେତା ଜହିର ଇକ୍‌ବାଲ ରବିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।


୦୨

୧୩

## ଗୁଲ୍‌ବଦିନ ପ୍ଲେୟର ଅଫ୍ ଦି ମ୍ୟାଚ୍

ଅଷ୍ଟ୍ରେଲିଆ ବିପକ୍ଷ ଟି୨୦ ବିଶ୍ୱକପ୍ ସୁପର-୮ ବିଜୟ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ଆଫଗାନିସ୍ତାନ ବୋଲର ଗୁଲ୍‌ବଦିନ ନାଇବ।





ପଞ୍ଜାବର ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିରରେ ଯୋଗାଭ୍ୟାସ କରୁଥିବା ଅର୍ଚ୍ଚନା ମକ୍‌ୱାନା

# ସ୍ୱର୍ଣ୍ଣମନ୍ଦିରରେ ଯୋଗ କରି କ୍ଷମା ପ୍ରାର୍ଥନା

ଅମୃତସର,୨୩।୬

ଜୁନ୍ ୨୧ରେ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଥିବାବେଳେ ପଞ୍ଜାବର ଅମୃତସରସ୍ଥିତ ସ୍ୱର୍ଣ୍ଣମନ୍ଦିରରେ ଜଣେ ଯୁବତୀ ଯୋଗାଭ୍ୟାସ କରି ଅଡୁଆରେ ଫସିଛନ୍ତି। ଇନ୍‌ଫ୍ଲୁଏନ୍ସର ଅର୍ଚ୍ଚନା ମକ୍‌ୱାନା ଯୋଗ କରୁଥିବାବେଳର ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବାପରେ ଏହାକୁ ନେଇ ଶିଖ୍ ସମ୍ପ୍ରଦାୟ ବିରୋଧ କରିଛି। ଏପରି କି ବିବାଦ ବଢ଼ିବାରୁ ଅର୍ଚ୍ଚନା ଏଥିପାଇଁ ଶିଖ୍ ସମୁଦାୟ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ସେ ଯଦି ଶିଖ୍‌ମାନଙ୍କ ଧର୍ମୀୟ ଭାବାବେଗକୁ ଆଘାତ ଦେଇଛନ୍ତି ତେବେ ସେମାନଙ୍କ ନିକଟରେ କ୍ଷମାପ୍ରାର୍ଥୀ ବୋଲି ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏକ ପୋଷ୍ଟ କରିଛନ୍ତି। ସବୁ ଧର୍ମ ଆମକୁ କ୍ଷମା କରିବାକୁ ଶିଖାଏ, ଦୁର୍ବ୍ୟବହାର କରିବାକୁ ନୁହେଁ ବୋଲି ଅର୍ଚ୍ଚନା ଉକ୍ତ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ତେବେ ସ୍ୱର୍ଣ୍ଣମନ୍ଦିରର ପବିତ୍ରତାକୁ ନଷ୍ଟ କରିଥିବା ଅଭିଯୋଗରେ ଅର୍ଚ୍ଚନାଙ୍କ ବିରୋଧରେ ଶିରୋମଣି ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ଏସ୍‌ଜିପିସି) ପକ୍ଷରୁ ମାମଲା ରୁଜୁ କରାଯାଇଛି।

ସୋସିଆଲ ମିଡିଆରେ ଶେୟାର କରିଥିବା ଭିଡିଓରେ ଅର୍ଚ୍ଚନା କହିଛନ୍ତି, ଜୁନ୍ ୧୯ରେ ସେ ଦିଲ୍ଲୀ ଯାଇଥିଲେ। ସେଠାରେ ତାଙ୍କୁ ଯୋଗ ଉପରେ ପୁରସ୍କୃତ କରାଯାଇଥିଲା। ୨୧ତାରିଖରେ ଅନ୍ତର୍ଜାତୀୟ ଯୋଗଦିବସ ପାଳନ ଅବସରରେ ସେ ଅମୃତସର ସ୍ୱର୍ଣ୍ଣମନ୍ଦିରକୁ ଯାଇଥିଲେ। ସେଠାରେ ସେ ତାଙ୍କ ପ୍ରିୟ ଶୀର୍ଷାସନ କରିଥିଲେ। କାହାର ଧର୍ମୀୟ ଭାବାବେଗକୁ କୁଠାରାଘାତ କରିବା ତାଙ୍କ ଉଦ୍ଦେଶ୍ୟ ନ ଥିଲା ☞ପୃଷ୍ଠା-୪

# କଳାବଜାରରୁ ଦରଦାମ୍ ବୃଦ୍ଧି

## ରୋକିବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର

**ଅତ୍ୟାବଶ୍ୟକ ସାମଗ୍ରୀର ଅହେତୁକ ଦରବୃଦ୍ଧି ଏକ ଜାତୀୟ ସମସ୍ୟା। ଓଡ଼ିଶାରେ ଅସାଧୁ ବ୍ୟବସାୟୀଙ୍କ କଳାବଜାର ଯୋଗୁ ଦରଦାମ୍ ବୃଦ୍ଧି ଘଟୁଛି ବୋଲି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଏହା ଉପରେ ରୋକ ଲଗାଇବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଉଭୟ ଜିଲା ପ୍ରଶାସନ ଏବଂ ବ୍ୟବସାୟୀ ସଂଘ ଏହାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନେବାକୁ ରବିବାର ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି।**

ଭୁବନେଶ୍ୱର,୨୩।୬
(ଅନୁରାଧା ମହାରଣା /ସୁନିତ୍ ମିଶ୍ର)

ଚାଉଳ, ଡାଲି, ପରିବା, ଖାଇବା ତେଲ ଭଳି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଲଗାତର ବୃଦ୍ଧି ଯୋଗୁ ରାଜ୍ୟବାସୀ ଚିନ୍ତାରେ ପଡ଼ିଛନ୍ତି। ଦିନକୁ ଦିନ ଖାଦ୍ୟ ସାମଗ୍ରୀ ଉତ୍ପାଦନ କମୁଥିବାରୁ ବାହାର ରାଜ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ପିଆଜ ଏବଂ ଆଳୁ ପାଇଁ ନାସିକ ଓ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡୁଛି। ସେଠାରୁ ଗାଡ଼ି ଓଡ଼ିଶାରେ ପହଞ୍ଚିବାକୁ ୪ରୁ ୫ଦିନ ଲାଗୁଥିବାବେଳେ ଯଥେଷ୍ଟ ପରିମାଣରେ ଆଳୁ, ପିଆଜ ସଂରକ୍ଷଣ କରି ରଖିବା ଭଳି ବ୍ୟବସ୍ଥା ନାହିଁ। ସେହିପରି ରାଜ୍ୟରେ ନିଅଣ୍ଟିଆ ବର୍ଷା ଚାଷ କାର୍ଯ୍ୟକୁ ପ୍ରଭାବିତ କରୁଥିବାରୁ ଚାହିଦା ଅନୁସାରେ କଞ୍ଚା ପରିବା ବଜାରକୁ ଆସିପାରୁନାହିଁ। ଉତ୍ପାଦିତ ସାମଗ୍ରୀକୁ ସାଇତି ରଖିବା ପାଇଁ ଆବଶ୍ୟକ ବ୍ୟବସ୍ଥା ଅଦ୍ୟାବଧି ହୋଇପାରିଲା ନାହିଁ। ଏସବୁରୁ ଦରବୃଦ୍ଧି ଘଟୁଥିବାବେଳେ ଅସାଧୁ ବ୍ୟବସାୟୀମାନେ ଏହାର ଫାଇଦା ଉଠାଇ ସାମଗ୍ରୀଗୁଡ଼ିକୁ ଅନୈତିକ ଉପାୟରେ ମହଜୁଦ ରଖି କଳାବଜାର କରୁଛନ୍ତି।

ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ବିଭିନ୍ନ ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ମୂଲ୍ୟବୃଦ୍ଧି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଖାଉଟିଙ୍କୁ ସୁଲଭ ମୂଲ୍ୟରେ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ତ୍ୱରିତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଛନ୍ତି। ଏହାସହ ମୁନାଫାଖୋର ତଥା ଅସାଧୁ ଉପାୟ ଅବଲମ୍ବନ କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଖାଉଟି ସାମଗ୍ରୀର ଦରବୃଦ୍ଧି ବର୍ତ୍ତମାନ ଜାତୀୟ ସମସ୍ୟା ହୋଇଥିଲେ ମଧ୍ୟ ରାଜ୍ୟରେ ଅସାଧୁ ବ୍ୟବସାୟୀ ଯେପରି ଏହାର ଲାଭ ନ ଉଠାଇ ପାରନ୍ତି, ସେଥିପାଇଁ ସଜାଗ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ଯୋଗାଣ ବିଭାଗ ଅଧିକାରୀମାନଙ୍କ ଦ୍ୱାରା ରାଜ୍ୟର ପ୍ରମୁଖ ବଜାର ଯଥା ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ପୁରୀ ଆଦି ଅଞ୍ଚଳରେ ଯାଞ୍ଚ କରାଯାଉଥିବା ଦର୍ଶାଯାଇଛି। ସେହିପରି ବିଭାଗ ତରଫରୁ ରାଜ୍ୟର ସମସ୍ତ ଜିଲାପାଳଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀର କ୍ରୟ ବିକ୍ରୟ ଆଦି ଉପରେ ନଜର ରଖିବା ସହ ଜିଲାର ଯୋଗାଣ କର୍ମଚାରୀଙ୍କୁ ଏ ସମ୍ବନ୍ଧରେ ବିବରଣୀ ବିଭାଗକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଥାଉ କି, ଖୁଚୁରା ବଜାରରେ ଉଭୟ ଉଷୁନା ଓ ଅରୁଆ ଚାଉଳ ଦର ଅହେତୁକ ବଢ଼ିଛି। ମାସ ଆରମ୍ଭରେ କୁଇଣ୍ଟାଲ ପ୍ରତି ୨୧୦୦ରୁ ୨୨୦୦ଟଙ୍କାରେ ବିକ୍ରି ହେଉଥିବା ଚାଉଳ ମାସଶେଷ ସୁଦ୍ଧା ୩୨୦୦ରୁ ୩୩୦୦ଟଙ୍କାରେ ପହଞ୍ଚିଛି। ଖୁଚୁରା ବଜାରରେ ୩୨ଟଙ୍କାରେ ବିକ୍ରି ହେଉଥିବା ଚାଉଳ ୩୫ ଟଙ୍କାରେ ବିକ୍ରି ହେଉଛି। ସେହିପରି ହରଡ଼, ମୁଗ, ମସୁର, ବିରି, ବୁଟ, କାବୁଲି ବୁଟ ଆଦି ଡାଲି ଦର ମାସକ ମଧ୍ୟରେ ୫ରୁ ୮ ଟଙ୍କା ବୃଦ୍ଧି ପାଇଛି। ଅନ୍ୟପଟେ ଗତ ସପ୍ତାହରେ ଲିଟର ପ୍ରତି ୧୨୮ ଟଙ୍କାରେ ବିକ୍ରି ହେଉଥିବା ଖାଇବା ତେଲ ଦର ୧୩୫ ଟଙ୍କା ଛୁଇଁଛି। ରୋଷେଇ ଘରର ସବୁଠୁ ଦରକାରୀ ପରିବା ଆଳୁ ଦର ୩୫ରୁ ୪୦ଟଙ୍କାରେ ବିକ୍ରି ହେଉଛି। କଞ୍ଚା ପରିବା ଦର ମଧ୍ୟ ଆକାଶଛୁଆଁ ହୋଇଛି। ପ୍ରାୟ ସବୁ କଞ୍ଚା ପରିବା କିଲୋ ପ୍ରତି ୫୦ଟଙ୍କାରୁ ଅଧିକ ଦାମରେ ବିକ୍ରି ହେଉଛି। କିଲୋ ପ୍ରତି କଲରା ୮୦ ଟଙ୍କା, ଭେଣ୍ଡି ୬୦, ଟମାଟୋ ୮୦, ଜହ୍ନି ୬୦ ଟଙ୍କା, ☞ପୃଷ୍ଠା-୪

## ଆଜିଠୁ ସ୍ୱାଭାବିକ ଚାଲିବ ସ୍କୁଲ

ଭୁବନେଶ୍ୱର, ୨୩।୬ (ଅସମାପିକା ସାହୁ)

ରାଜ୍ୟରେ ଏବେ ପାଗ ଅନୁକୂଳ ରହିଛି। ତେଣୁ ସୋମବାରଠାରୁ ସ୍କୁଲ ସ୍ୱାଭାବିକ ସମୟରେ ଚାଲିବ। ଏ ନେଇ ରବିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ସେ କହିଛନ୍ତି, ପୂର୍ବରୁ ଖରା ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସକାଳ ସାଢ଼େ ୬ରୁ ସାଢ଼େ ୧୦ଟା ଯାଏ ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଏବେ ରାଜ୍ୟରେ ପାଗ ଅନୁକୂଳ ରହିଛି। ତେଣୁ ସୋମବାରରୁ ସ୍କୁଲ ପୂର୍ବଭଳି ଚାଲିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ମନ୍ତ୍ରୀ ଗଣିତ ଶିକ୍ଷାକୁ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଗଣିତ ଶିକ୍ଷକଙ୍କୁ ବ୍ଲକସ୍ତରରେ ପ୍ରଶିକ୍ଷଣ ଦିଆଯିବ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ବ୍ୟାପମ୍‌ର ବୋପା

# ନୋଟ୍ ଛାପୁଛନ୍ତି ମାଓବାଦୀ

ଭୋପାଳ/ ମାଲକାନଗିରି (ଦୁର୍ଯ୍ୟୋଧନ ପାତ୍ର)/ ଭୁବନେଶ୍ୱର (ସତ୍ୟଜିତ ରାଉତ)

ମାଓବାଦୀମାନେ ମେସିନରେ ଜାଲ୍ ନୋଟ୍ ଛାପୁଛନ୍ତି। ଛତିଶଗଡ଼ର ସୁକ୍‌ମା ଜିଲାରେ ମାଓବାଦ ନିରୋଧୀ ଅପରେଶନ୍ ବେଳେ ସେମାନଙ୍କ ଶିବିରରୁ ଜବତ ନୋଟ୍ ଛପା ମେସିନ ଓ ଜାଲ୍ ଟଙ୍କାରୁ ଏହି ବିଷୟ ସ୍ପଷ୍ଟ ହୋଇଛି। ସୁକ୍‌ମା ଜିଲାରେ ପୋଲିସ ପକ୍ଷରୁ ରବିବାର ମାଓବାଦୀ କ୍ୟାମ୍ପ ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ସେଠାରୁ ଜାଲ୍ ନୋଟ୍ ସହ ଟଙ୍କା ପ୍ରିଣ୍ଟିଂ ମେସିନ ପୋଲିସ ଜବତ କରିଛି। ଛତିଶଗଡ଼ରେ ଲଗାତର ଅପରେଶନ ଚାଲିଥିବାରୁ ମାଓବାଦୀଙ୍କ ସଙ୍ଗଠନ ଦୁର୍ବଳ ହୋଇପଡୁଛି। ଫଳରେ ମାଓବାଦୀଙ୍କ ପାଖକୁ ବାହାରୁ ଟଙ୍କା ଆସିବା ଏକପ୍ରକାର ବନ୍ଦ ହୋଇଯାଇଛି। ସେମାନଙ୍କ ପାଖରେ ଖାଦ୍ୟସାମଗ୍ରୀ କିଣିବା ପାଇଁ ଟଙ୍କା ନାହିଁ। ଏଥିପାଇଁ ସେମାନେ ମେସିନରେ ଟଙ୍କା ଛାପୁଛନ୍ତି। ସେଥିପାଇଁ ବ୍ୟବହୃତ କାଗଜ, ବିଭିନ୍ନ କଲର ଗଚ୍ଛିତ ରଖୁଛନ୍ତି। ପୋଲିସ, ଡିଆରଜି ଓ ବସ୍ତର ଫାଇଟର୍ସ ଯବାନମାନେ ମିଳିତ ଭାବେ ସୁକ୍‌ମା ଜିଲା କୋଣ୍ଟା ଥାନା ☞ପୃଷ୍ଠା-୪



ସୁକ୍‌ମାରେ ମାଓବାଦୀଙ୍କ ଶିବିରରୁ ଜବତ ଜାଲ୍ ନୋଟ୍, ପ୍ରିଣ୍ଟିଂ ମେସିନ ଓ ଅନ୍ୟ ଉପକରଣ

# ଏନ୍‌ଇଇଟି-ୟୁଜି ସାନି ପରୀକ୍ଷା: ୧,୫୬୩ରୁ ୭୫୦ ପରୀକ୍ଷାର୍ଥୀ ଆସିଲେନି

ନୂଆଦିଲ୍ଲୀ,୨୩।୬

ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଓ ରେଜଲ୍ଟ ବିଭ୍ରାଟ ଘଟଣାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗ୍ରେସ୍ ମାର୍କ ପାଇଥିବା ୧,୫୬୩ ପରୀକ୍ଷାର୍ଥୀଙ୍କୁ ସାନି ପରୀକ୍ଷା ଦେବା ପାଇଁ ସୁଯୋଗ ଦିଆଯାଇଥିଲା। ପରୀକ୍ଷା ନ ଦେଲେ ଗ୍ରେସ୍‌ମାର୍କକୁ ବାଦ୍ ଦିଆଯାଇ ଅବଶିଷ୍ଟ ମାର୍କକୁ ସେମାନଙ୍କ ଫଳାଫଳ ବିବେଚନା କରାଯିବ ବୋଲି ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) କହିଥିଲା। ରବିବାର ଏହି ପିଲାମାନଙ୍କ ପାଇଁ ସାନି ପରୀକ୍ଷା ଅନୁଷ୍ଠିତ ହୋଇଥିବାବେଳେ ୪୮ ପ୍ରତିଶତ ପରୀକ୍ଷା ଦେବାକୁ ଆସି ନାହାନ୍ତି। ମୋଟ ୮୧୩ ଜଣ ଛାତ୍ରୀଛାତ୍ର (୫୨ ପ୍ରତିଶତ) ପରୀକ୍ଷା ଦେଇଥିବାବେଳେ ୭୫୦ ଜଣ ଏହାକୁ ଏଡ଼ାଇ ଯାଇଥିବା ଏନ୍‌ଟିଏ ପକ୍ଷରୁ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ୧,୫୬୩ ପିଲାଙ୍କ ପାଇଁ ଛତିଶଗଡ଼, ଗୁଜରାଟ, ହରିୟାଣା, ମେଘାଳୟ, ଚଣ୍ଡିଗଡ଼ରେ ୭ଟି ପରୀକ୍ଷା କେନ୍ଦ୍ର ଖୋଲାଯାଇଥିଲା। ଚଣ୍ଡିଗଡ଼ ଏକ୍‌ଜାମ୍ ସେଣ୍ଟରରେ ୨ ଜଣ ପରୀକ୍ଷା ଦେବାକୁ ଥିବାବେଳେ କେହି ଆସି ନ ଥିଲେ। ସେହିପରି ଛତିଶଗଡ଼ରେ ୬୦୨ ଜଣ ପରୀକ୍ଷାର୍ଥୀଙ୍କ ସ୍ଥାନରେ ୩୧୧ ଜଣ ଅନୁପସ୍ଥିତ ଥିବାବେଳେ ୨୯୧ ଜଣ ପରୀକ୍ଷା ଦେଇଥିଲେ। ଗୁଜରାଟର ପରୀକ୍ଷା କେନ୍ଦ୍ରରେ ମାତ୍ର ଜଣେ ପରୀକ୍ଷାର୍ଥୀ ଥିବାବେଳେ ସେ ମଧ୍ୟ ଅନୁପସ୍ଥିତ ରହିଥିଲେ। ମେଘାଳୟର ୪୬୪ ପିଲାଙ୍କ ମଧ୍ୟରୁ ୨୩୦ ଅନୁପସ୍ଥିତ ଥିବାବେଳେ ୨୩୪ ଜଣ ପୁନଃ ପରୀକ୍ଷା ଦେଇଛନ୍ତି।

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ମେ' ୫ରେ ଅନୁଷ୍ଠିତ ଏନ୍‌ଇଇଟି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଏବଂ ବ୍ୟାପକ ଅନିୟମିତତା ରିପୋର୍ଟ ମିଳିବା ପରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ରବିବାର ତଦନ୍ତ ଆରମ୍ଭ କରିଛି। ସିବିଆଇ ମାମଲା ରୁଜୁ କରିବା ପରେ ଏହାର ସ୍ୱତନ୍ତ୍ର ଟିମ୍ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗୋଧ୍ରା ଓ ପାଟନା ଯାଇ ତନାଘନା ଚଳାଇଛନ୍ତି।

# ସୁନାର କେନ୍ଦୁଝର ମୋର ଲକ୍ଷ୍ୟ: ମୁଖ୍ୟମନ୍ତ୍ରୀ

କେନ୍ଦୁଝର/ଘଟଗାଁ/ଢେଙ୍କିକୋଟ
(ନରେଶ ଚନ୍ଦ୍ର ପଟ୍ଟନାୟକ/ରାଜେନ୍ଦ୍ର ପଟ୍ଟନାୟକ/ନୀଳମଣି ମଣ୍ଡଳ), ୨୩।୬

**ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ**

- ମା' ତାରିଣୀ, ଶ୍ରୀ ବଳଦେବଜୀଉଙ୍କ ଆଶୀର୍ବାଦ ନେଲେ
- ତାରିଣୀଙ୍କ ପୀଠ ଉନ୍ନତି ପାଇଁ ୫୦ କୋଟି ଘୋଷଣା
- ରୋଡ୍ ଶୋ' କରି ଲୋକଙ୍କ ସହ ମିଶିଲେ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ରବିବାର ପ୍ରଥମ ଥର ପାଇଁ ମୋହନ ଚରଣ ମାଝୀ କେନ୍ଦୁଝର ଜିଲା ତଥା ନିଜ ଜନ୍ମମାଟି ଗସ୍ତ କରିଛନ୍ତି। ପ୍ରଥମେ ଘଟଗାଁ ତାରିଣୀ ପୀଠକୁ ଯାଇ ମା'ଙ୍କ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ପୀଠର ଉନ୍ନତୀକରଣ ପାଇଁ ୫୦ କୋଟିର ଅନୁଦାନ ଘୋଷଣା କରିଥିଲେ। ସେଠାରେ ରୋଡ୍ ଶୋ' କରି ସାଧାରଣ ଲୋକଙ୍କ ସହ ମିଶିଥିବା ବେଳେ ସୁନାର କେନ୍ଦୁଝର କରିବାକୁ ସେ ପ୍ରୟାସ କରୁଥିବା କହିଥିଲେ। ପରେ କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ ପରେ ରୋଡ୍ ଶୋ'ରେ ସହର ପରିକ୍ରମା କରି ଲୋକଙ୍କ ସହ ମିଶିଥିଲେ।

ମୁଖ୍ୟମନ୍ତ୍ରୀ ହେଲିକପ୍ଟର ଯୋଗେ ଆସି ଘଟଗାଁ ହାଇସ୍କୁଲ ପଡ଼ିଆରେ ଓହ୍ଲାଇଥିଲେ। ସେଠାରୁ ମା' ତାରିଣୀ ମନ୍ଦିରକୁ ପ୍ରାୟ ୪ କି.ମି ଦୂର ଏକ ରୋଡ୍ ଶୋ'ରେ ଯାଇଥିଲେ। ଭାଜପା କର୍ମୀମାନେ ବାଇକ୍ ରାଲିରେ ତାଙ୍କୁ ପାଛୋଟି ନେଇଥିଲେ। ସାଧାରଣ ଲୋକେ ରାସ୍ତାର ଦୁଇ ପାର୍ଶ୍ୱରେ ଛିଡ଼ା ହୋଇ ମୁଖ୍ୟମନ୍ତ୍ରୀଙ୍କ ଉପରେ ପୁଷ୍ପବୃଷ୍ଟି କରି ସ୍ୱାଗତ କରିଥିଲେ। ସାନ୍ତାଳୀ ଆଦିବାସୀମାନେ ନାଚ ଗୀତରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିବା ଦେଖାଯାଇଥିଲା। ଘଟଗାଁରେ ପହଞ୍ଚିବା ପରେ ସହଧର୍ମିଣୀ ଡା. ପ୍ରିୟଙ୍କା ମାରାଣ୍ଡିଙ୍କ ସହ ମା' ତାରିଣୀଙ୍କ ଦର୍ଶନ କରିଥିଲେ। ପରେ ମନ୍ଦିର ସମ୍ପର୍କରେ ପୂଜକ, ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ଥିବା ପୂର୍ବତନ ଘଟଗାଁ ବ୍ଲକ୍ ଅଧ୍ୟକ୍ଷ ଭୀମସେନ ରାଉତ, କେନ୍ଦୁଝର ରାଜା ଗୋବିନ୍ଦ ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମନ୍ଦିର ନିକଟ ଦୋକାନରୁ ନଡ଼ିଆ କୋରା, ଅନ୍ୟାନ୍ୟ ସାମଗ୍ରୀ କିଣି ବ୍ୟବସାୟୀଙ୍କ ସହ କଥାବାର୍ତ୍ତା ହୋଇଥିଲେ।

ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ କହିଥିଲେ, ମା'ଙ୍କ ଚତୁଃପାର୍ଶ୍ୱ ଉନ୍ନତୀକରଣ ପାଇଁ ପୂର୍ବ ସରକାର ୫୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର ତାହା ପର୍ଯ୍ୟାପ୍ତ ନୁହେଁ, ତେଣୁ ରାଜ୍ୟ ସରକାରଙ୍କ ତରଫରୁ ଆଉ ୫୦ କୋଟି ଟଙ୍କା ଘୋଷଣା କରିଥିଲେ। ପୀଠର ସୌନ୍ଦର୍ଯ୍ୟକରଣ ଓ ବିକାଶ ପାଇଁ ୧୦୦ କୋଟିର ବଜେଟ୍‌କୁ ଶୀଘ୍ର ଶେଷ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ☞ପୃଷ୍ଠା-୪



ମା' ତାରିଣୀଙ୍କୁ ଦର୍ଶନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ପିଓକେରେ ସୈନ୍ୟ ମୁତୟନ କରିବ ପାକିସ୍ତାନ

ଇସ୍‌ଲାମାବାଦ,୨୩।୬(ପି.ଟି.)

ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଅର୍ଦ୍ଧସାମରିକ ବଳ ଫ୍ରଣ୍ଟିୟର କନ୍‌ଷ୍ଟାବୁଲାରିକୁ ନିୟୋଜିତ କରିବା ପାଇଁ ପାକିସ୍ତାନ ସରକାର ରବିବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଗତ ମାସରେ ପିଓକେରେ ଜୋର୍‌ଦାର ଆନ୍ଦୋଳନ ଜାରି ରହିବା ସହ ଅନେକ ଲୋକ ପ୍ରାଣ ହରାଇଥିଲେ। ପାକ୍ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଉକ୍ତ ଅଞ୍ଚଳରେ ୬ ପ୍ଲାଟୁନ୍ ଅର୍ଦ୍ଧସାମରିକ ସୈନ୍ୟ ୩ ମାସ ପାଇଁ ମୁତୟନ ରହିବେ। ଆତଙ୍କବାଦୀଙ୍କ ବିରୋଧରେ ନୂଆ ଅଭିଯାନ ଆରମ୍ଭ ହେବ ବୋଲି ଦିନକ ପୂର୍ବରୁ ପାକିସ୍ତାନ ଘୋଷଣା କରିଥିଲା। ସୂଚନାଯୋଗ୍ୟ, ଅତ୍ୟଧିକ ଦରଦାମ୍ ବୃଦ୍ଧି, ମହଙ୍ଗା ବିଜୁଳି ପ୍ରତିବାଦରେ ଜମ୍ମୁ-କଶ୍ମୀର ଜଏଣ୍ଟ ଆୱାମୀ ଆକ୍ସନ କମିଟି (ଜେଏଏସି) ପକ୍ଷରୁ ଗତ ମାସରେ ପିଓକେରେ ଜୋର୍‌ଦାର ଆନ୍ଦୋଳନ କରାଯାଇଥିଲା। ଏଥିରେ ବହୁସଂଖ୍ୟାରେ ବ୍ୟବସାୟୀ ସାମିଲ ହୋଇଥିଲେ। ବିବାଦୀୟ ଅଞ୍ଚଳର ପ୍ରଧାନମନ୍ତ୍ରୀ ଚୌଧୁରୀ ଅନୱାରୁଲ ହକ୍ ଗୃହମନ୍ତ୍ରୀ ମୋହସିନ ନକ୍‌ଭିଙ୍କୁ ଭେଟିବା ପରେ ଅର୍ଦ୍ଧସାମରିକ ସୈନ୍ୟ ମୁତୟନ ପାଇଁ ନିଷ୍ପତ୍ତି ହୋଇଛି।

# ସିବିଆଇ କରୁଛି ଏନ୍‌ଇଇଟି ତଦନ୍ତ

ନୂଆଦିଲ୍ଲୀ,୨୩।୬

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଚଳିତ ବର୍ଷ ଅନୁଷ୍ଠିତ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଅଭିଯୋଗର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗ୍ରହଣ କରିବା ପରେ ରବିବାର ମାମଲା ରୁଜୁ କରିଛି। ଏଥିସହିତ ବିଭିନ୍ନ ରାଜ୍ୟରେ ପୋଲିସ ରୁଜୁ କରିଥିବା ମାମଲାଗୁଡ଼ିକୁ ନିଜ ଅଧୀନକୁ ନେବା ପାଇଁ ସିବିଆଇ ପଦକ୍ଷେପ ଆରମ୍ଭ କରିଛି। ସେହିପରି ଏହି ମାମଲାରେ ବିଭିନ୍ନ ରାଜ୍ୟ ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କୁ ସିବିଆଇ ନିଜ ହାଜତକୁ ନେଇ ଜେରା କରିବ। ଏନ୍‌ଇଇଟି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ସହ ଠକେଇ, ଜଣକ ପାଇଁ ଅନ୍ୟ ଜଣେ ପରୀକ୍ଷା ଦେବା ଏବଂ ଅସାଧୁ ଉପାୟ ଅବଲମ୍ବନ କରାଯାଇଥିବା ରିପୋର୍ଟ ମିଳିବା ପରେ କେନ୍ଦ୍ର ସରକାର ସିବିଆଇକୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ସିବିଆଇ ତଦନ୍ତରୁ ପ୍ରବେଶିକା ପରୀକ୍ଷା ଅନିୟମିତତା ପଛରେ ରହିଥିବା ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ୍ ହେବ ବୋଲି ଆଶା କରାଯାଉଛି।



ବିହାର ଆର୍ଥିକ ଅପରାଧ ଶାଖା (ଇଓୟୁ)ର କର୍ମଚାରୀମାନେ ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ ଗିରଫ ଅଭିଯୁକ୍ତମାନଙ୍କୁ ରବିବାର ଏଲ୍‌ଏନ୍‌ଜେପି ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ହାଜତକୁ ନେଉଛନ୍ତି।

ସୂଚନାଯୋଗ୍ୟ, ଗତ ମେ' ୫ରେ ଦେଶର ୪,୭୫୦ ପରୀକ୍ଷା କେନ୍ଦ୍ରରେ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏନ୍‌ଇଇଟି-ୟୁଜି ପରୀକ୍ଷା ଦେଇଥିଲେ। ତରବରିଆ ଭାବେ ଜୁନ୍ ୪ ନିର୍ବାଚନ ଫଳ ଘୋଷଣା ଦିନ ପରୀକ୍ଷା ରେଜଲ୍ଟ ପ୍ରକାଶ ପାଇଥିଲା। ୬୭ ଜଣ ପରୀକ୍ଷାର୍ଥୀ ୧୦୦ ପ୍ରତିଶତ ମାର୍କ ରଖି ର୍‍ୟାଙ୍କ୍ ୱାନ୍‌ରେ ସ୍ଥାନ ପାଇଥିବାବେଳେ ସେମାନଙ୍କ ମଧ୍ୟରେ ଗୋଟିଏ ପରୀକ୍ଷା କେନ୍ଦ୍ରର ୬ ଜଣ ରହିଥିଲେ। ଏତେ ସଂଖ୍ୟାରେ ପରୀକ୍ଷାର୍ଥୀ ୭୨୦ରୁ ୭୨୦ ନମ୍ବର ରଖିବାକୁ ନେଇ ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ଆସିଥିଲା। କେତେଜଣ ପରୀକ୍ଷାର୍ଥୀଙ୍କୁ ଅଧିକ ଗ୍ରେସ୍ ମାର୍କ ଦିଆଯାଇଥିଲା। ପରୀକ୍ଷା ବାତିଲ ସହ ସାନି ପରୀକ୍ଷା ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦେଶର ବିଭିନ୍ନ ସ୍ଥାନରେ ଏନ୍‌ଇଇଟିର ଅନିୟମିତତା ବିରୋଧରେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ବିହାରରେ ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍ ହୋଇଥିବା ଖବର ପ୍ରକାଶ ପାଇବା ସହ ୪ ପରୀକ୍ଷାର୍ଥୀ ଓ ଅନ୍ୟ ୩ ଜଣ ଗିରଫ ହୋଇଥିଲେ। ଉକ୍ତ ଛାତ୍ରମାନେ ପରୀକ୍ଷାର ଦିନକ ପୂର୍ବରୁ ପ୍ରଶ୍ନପତ୍ର ପାଇଥିବା ଲିଖିତ ଭାବେ ସ୍ୱୀକାର କରିଛନ୍ତି। ଅନିୟମିତତାର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରାଇବା ପାଇଁ ବିରୋଧୀ ଦଳ ଦାବି କରିବା ସହ ସାନି ପରୀକ୍ଷା କରାଯିବାକୁ କହିଛି। ଅନ୍ୟପକ୍ଷରେ ଅଳ୍ପ କେତେଜଣ ପିଲା ପ୍ରଭାବିତ ହୋଇଥିବାରୁ ପରୀକ୍ଷା ବାତିଲ କରି ଲକ୍ଷ ଲକ୍ଷ ଯୋଗ୍ୟ ପିଲାଙ୍କ ଭବିଷ୍ୟତକୁ ସରକାର ଅନ୍ଧକାର ମଧ୍ୟକୁ ଠେଲିଦେଇ ପାରିବେ ନାହିଁ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ତେବେ ବିରୋଧ କ୍ରମେ ଜୋର୍‌ଦାର ହେବା ପରେ ସରକାର ପରୀକ୍ଷା ପରିଚାଳନାକାରୀ ସଂସ୍ଥା ଏନ୍‌ଟିଏର ମୁଖ୍ୟଙ୍କୁ ବହିଷ୍କାର କରିବା ସହ ମାମଲାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ଆଜିଠୁ ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନ

ନୂଆଦିଲ୍ଲୀ,୨୩।୬(ପି.ଟି.)

ଅଷ୍ଟାଦଶ ଲୋକ ସଭାର ପ୍ରଥମ ଅଧିବେଶନ ସୋମବାର ଆରମ୍ଭ ହେଉଛି। ପ୍ରଥମ ଦୁଇଦିନ ନବନିର୍ବାଚିତ ଏମ୍‌ପିମାନେ ଶପଥ ଗ୍ରହଣ କରିବାକୁ ଥିବାବେଳେ ୨୬ ତାରିଖରେ ବାଚସ୍ପତି ନିର୍ବାଚନ ହେବ ଏବଂ ୨୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସଂସଦର ଉଭୟ ଗୃହର ମିଳିତ ଅଧିବେଶନକୁ ସମ୍ବୋଧିତ କରିବେ। ୨୮ରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ଚାଲିବ।

ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ତାଙ୍କ ମନ୍ତ୍ରୀ ପରିଷଦଙ୍କ ସମେତ ୨୮୦ ଜଣ ନବନିର୍ବାଚିତ ଏମ୍‌ପି ଶପଥ ନେବାକୁ ଥିବାବେଳେ ଦ୍ୱିତୀୟ ଦିନରେ ଅନ୍ୟ ୨୬୪ ଜଣ ଶପଥ ଗ୍ରହଣ କରିବେ। କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ସେମାନଙ୍କୁ ଶପଥ ପାଠ କରାଇବେ। ଶପଥ ନେବା ପାଇଁ ଇଂଲିଶ ଅକ୍ଷର କ୍ରମରେ ଆସୁଥିବା ରାଜ୍ୟଗୁଡ଼ିକର ଏମ୍‌ପିମାନଙ୍କୁ ଡକାଯିବ। ଏହି ଅଧିବେଶନ ଜୁଲାଇ ୩ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ଜୁଲାଇ ୨୨ରେ ବଜେଟ ଅଧିବେଶନ ଆରମ୍ଭ ହେବ।

୭ ଥର ଏମ୍‌ପି ନିର୍ବାଚିତ ହୋଇଥିବା ଭାଜପା ନେତା ଭର୍ତ୍ତୃହରି ମହତାବଙ୍କୁ କାମଚଳା ବାଚସ୍ପତି ନିଯୁକ୍ତ କରାଯାଇଥିବାରୁ ଏହାକୁ ନେଇ ବିବାଦ ଜାରି ରହିଛି। ଅଧିବେଶନ ଉପରେ ଏହି ବିବାଦର ପ୍ରଭାବ ପଡ଼ିପାରେ। କଂଗ୍ରେସ ସଦସ୍ୟ କେ. ସୁରେଶ ସର୍ବାଧିକ ୮ ଥର ନିର୍ବାଚିତ ହୋଇଥିବାବେଳେ ପ୍ରୋଟେମ୍ ସ୍ପିକର ନିଯୁକ୍ତିରେ ତାଙ୍କୁ ସରକାର ଅଣଦେଖା କରିଥିବା ବିରୋଧୀ ଅଭିଯୋଗ କରିଥିଲେ। ତେବେ ଭର୍ତ୍ତୃହରି କ୍ରମାଗତ ଭାବେ ୭ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିବାବେଳେ ସୁରେଶ ୧୯୯୮ ଏବଂ ୨୦୦୪ରେ ପରାଜିତ ହୋଇଥିବାରୁ ସେ ନିରବଚ୍ଛିନ୍ନ ଭାବେ ନିର୍ବାଚିତ ହୋଇ ନ ଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ। ତାଙ୍କର ଉପରୋକ୍ତ ଉତ୍ତର ସତ୍ତ୍ୱେ ବିରୋଧ ଥମିନାହିଁ। କାମଚଳା ବାଚସ୍ପତିଙ୍କୁ ସହାୟତା କରିବା ପାଇଁ ନିଯୁକ୍ତ ପ୍ୟାନେଲ୍‌ରୁ ବିରୋଧୀ

### କାମଚଳା ବାଚସ୍ପତି ନିଯୁକ୍ତିକୁ ନେଇ ବିବାଦ ଜାରି



ସଦସ୍ୟ ଓହରିଯିବା ନେଇ ଇଣ୍ଡିଆ ବ୍ଲକ୍ ନେତାମାନଙ୍କ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ହେବ ବୋଲି ସୁରେଶ କହିଛନ୍ତି।

ସୋମବାର ଅଧିବେଶନ ଆରମ୍ଭ ପୂର୍ବରୁ ରାଷ୍ଟ୍ରପତି ମୁର୍ମୁ ପ୍ରୋଟେମ୍ ସ୍ପିକର ଭାବେ ଭର୍ତ୍ତୃହରିଙ୍କୁ ରାଷ୍ଟ୍ରପତି ଭବନରେ ଶପଥ ପାଠ କରାଇବେ। ପରେ ଭର୍ତ୍ତୃହରି ପାର୍ଲାମେଣ୍ଟ ଭବନରେ ପହଞ୍ଚି ପୂର୍ବାହ୍ନ ୧୧ଟାରେ ଗୃହକାର୍ଯ୍ୟ ଆରମ୍ଭ କରିବେ। ପ୍ରଥମ ଅଧିବେଶନ ଅବସରରେ ପ୍ରଥମେ ସଦସ୍ୟମାନେ ନୀରବ ପ୍ରାର୍ଥନା କରିବେ। ଏହା ପରେ ଲୋକ ସଭା ମହାସଚିବ ଉତ୍ପଳ କୁମାର ସିଂ ଗୃହର ଟେବୁଲ୍‌ରେ ନିର୍ବାଚିତ ସଦସ୍ୟମାନଙ୍କ ତାଲିକା ଉପସ୍ଥାପନ କରିବେ। ଭର୍ତ୍ତୃହରି ପ୍ରଥମେ ଲୋକ ସଭାର ନେତା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଗୃହର ସଦସ୍ୟ ଭାବେ ଶପଥ ନେବା ପାଇଁ ଡାକିବେ। ଏହା ପରେ ଗୃହ କାର୍ଯ୍ୟରେ ବାଚସ୍ପତିଙ୍କୁ ସହାୟତା କରିବା ପାଇଁ ରାଷ୍ଟ୍ରପତି ନିଯୁକ୍ତ କରିଥିବା ଅଧକ୍ଷମାନଙ୍କ ପ୍ୟାନେଲ, ମନ୍ତ୍ରୀ ପରିଷଦର ସଦସ୍ୟ ଓ ପରେ ଅନ୍ୟ ଏମ୍‌ପିମାନଙ୍କୁ ଶପଥ ନେବା ପାଇଁ ଡକାଯିବ।

ଏଥର ନିର୍ବାଚନରେ ଭାଜପା ୨୪୦ ଆସନରେ ସୀମିତ ରହିଥିବାବେଳେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ୧୯୩ ଆସନ ଜିତି ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ଅନ୍ୟପକ୍ଷରେ କଂଗ୍ରେସ ୯୯ ଆସନ ଜିତିବା ସହ ଇଣ୍ଡିଆ ମେଣ୍ଟ ୨୩୪ ଆସନ ହାତେଇବାରେ ସଫଳ ହୋଇଥିଲା। ପୂର୍ବ ୨ ଲୋକ ସଭା ତୁଳନାରେ ଏଥର ନିମ୍ନ ସଦନରେ ବିରୋଧୀଙ୍କ ଶକ୍ତି ବୃଦ୍ଧି ହୋଇଥିବାରୁ ସରକାରଙ୍କୁ କଡ଼ା ମୁକାବିଲାର ସମ୍ମୁଖୀନ ହେବାକୁ ପଡ଼ିପାରେ ବୋଲି କୁହାଯାଉଛି।

# ଜାମିନ ସ୍ଥଗିତ: ସୁପ୍ରିମକୋର୍ଟ ଗଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୨୩।୬

ଅବକାରୀ ଦୁର୍ନୀତି ସମ୍ପର୍କିତ ମନିଲଣ୍ଡରିଂ ମାମଲାରେ ତିହାର ଜେଲରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଦିଲ୍ଲୀର ଏକ ତଳକୋର୍ଟ ଜାମିନ ପ୍ରଦାନ କରିଥିବାବେଳେ ହାଇକୋର୍ଟ ଏହା ଉପରେ ରୋକ୍ ଲଗାଇଥିଲେ। ଦିଲ୍ଲୀ ହାଇକୋର୍ଟଙ୍କ ଏହି ରାୟକୁ କେଜ୍‌ରିୱାଲ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଶୁକ୍ରବାର କେଜ୍‌ରିୱାଲ ଜେଲ୍‌ରୁ ବାହାରିବାକୁ ଥିବାବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଳକୋର୍ଟଙ୍କ ଜାମିନ ନିର୍ଦ୍ଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଫଳରେ ଇଡି ପିଟିଶନର ଶୁଣାଣି ପର୍ଯ୍ୟନ୍ତ ଜାମିନକୁ ସ୍ଥଗିତ ରଖିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।



ଦିଲ୍ଲୀ ଜଳସଙ୍କଟକୁ ନେଇ ମନ୍ତ୍ରୀ ଆତିଶୀ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଚଳାଇଥିବାବେଳେ ରବିବାର ତୃତୀୟ ଦିନରେ ଆପ୍ ନେତା ସୌରଭ ଭରଦ୍ୱାଜ, ସଞ୍ଜୟ ସିଂ ଏବଂ ଗୋପାଳ ରାୟ ପ୍ରମୁଖ ସାମିଲ ହୋଇଛନ୍ତି।

# ବିହାର: ୫ ଦିନରେ ଭୁଶୁଡ଼ିଲାଣି ୩ ବ୍ରିଜ୍

ମୋତିହାରି,୨୩।୬

ବିହାରର ପୂର୍ବ ଚମ୍ପାରନ୍ ଜିଲାରେ ଏକ ନିର୍ମାଣାଧୀନ ବ୍ରିଜ୍ ରବିବାର ଭୁଶୁଡ଼ି ପଡ଼ିଛି। ରାଜ୍ୟରେ ୫ ଦିନରେ ୩ଟି ସେତୁ ଭୁଶୁଡ଼ିଲାଣି। ଘୋରାସାନ ବ୍ଲକ୍‌ର ଏକ କେନାଲ ଉପରେ ୧.୫ କୋଟି ଟଙ୍କା ବ୍ୟୟରେ ୧୬ ମିଟର ଲମ୍ବ ସେତୁ ନିର୍ମାଣ ହୋଇଥିଲା। ଏହି ନିର୍ମାଣାଧୀନ ବ୍ରିଜ୍ ଭୁଶୁଡ଼ିଥିବାବେଳେ କେହି ମୃତାହତ ହୋଇଥିବା ଖବର ମିଳିନାହିଁ। ଗତ ମଙ୍ଗଳବାର ଅରାରିଆ ଜିଲାରେ ଏକ ବ୍ରିଜ୍ ଉଦ୍‌ଘାଟନ ପୂର୍ବରୁ ଭୁଶୁଡ଼ିଥିଲା। ଏହାର ୪ ଦିନ ପରେ ଶନିବାର ଭୋର ସମୟରେ ସିୱାନ ଜିଲାରେ ଏକ ପୁରୁଣା ବ୍ରିଜ୍ ଭୁଶୁଡ଼ି ପଡ଼ିଥିଲା।

# ବର୍ଗର କିଙ୍ଗ୍ ହତ୍ୟାକାଣ୍ଡରେ ସମ୍ପୃକ୍ତ ଲେଡି ଡନ୍ ଚିହ୍ନଟ

ନୂଆଦିଲ୍ଲୀ,୨୩।୬

ଦିଲ୍ଲୀର ଲୋକପ୍ରିୟ ଫାଷ୍ଟଫୁଡ୍ ଆଉଟ୍‌ଲେଟ୍ ବର୍ଗର କିଙ୍ଗରେ ୨୬ ବର୍ଷୀୟ ଯୁବକଙ୍କୁ ଗୁଳିକରି ହତ୍ୟା ଘଟଣାରେ ସମ୍ପୃକ୍ତ ଲେଡି ଡନ୍‌ଙ୍କୁ ଜମ୍ମୁ-କଶ୍ମୀରର କଟ୍ରା ରେଳଷ୍ଟେଶନରୁ ଗୁରୁବାର ଚିହ୍ନଟ କରାଯାଇଥିଲା। ସେ ଷ୍ଟେଶନରେ ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କ ସହ ଲଗେଜ୍ ଧରି ଯାଉଥିବା ସିକ୍ୟୁରିଟି କ୍ୟାମେରା ଫୁଟେଜ୍‌ରୁ ଜଣାପଡ଼ିଛି। ସେ ତାଙ୍କ ମୁହଁକୁ ଉତ୍ତରୀୟରେ ଘୋଡ଼ାଇଥିଲେ। ହତ୍ୟାର ଶିକାର ହୋଇଥିବା ଅମନ୍‌ଙ୍କୁ ଲେଡି ଡନ୍ ଅନୁ ହନିଟ୍ରାପ୍‌ରେ ଫସାଇ ଉକ୍ତ ଫାଷ୍ଟଫୁଡ୍ ଆଉଟ୍‌ଲେଟ୍‌କୁ ଆଣିଥିଲେ। ସେଠାରେ ଅମନ୍‌ଙ୍କୁ ୨ ଜଣ ଯୁବକ ୩୮ ରାଉଣ୍ଡ ଗୁଳିକରି ହତ୍ୟା କରିଥିବାବେଳେ ଅନୁ ସୁରକ୍ଷିତ ଭାବେ ଖସିଯାଇଥିଲେ। ଲେଡି ଡନ୍ ଅନୁ ଦୁର୍ଦ୍ଧର୍ଷ ଗ୍ୟାଙ୍ଗଷ୍ଟର ହିମାଂଶୁ ଭାଉଙ୍କ ଘନିଷ୍ଠ ସହଯୋଗୀ ବୋଲି ପୋଲିସ କହିଛି। ତାଙ୍କ ଘର ହରିୟାଣାର ରୋହତକ୍‌ରେ। ତାଙ୍କ ନାଁରେ ବହୁ ଅପରାଧ ରେକର୍ଡ ରହିଥିବାବେଳେ ତାଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।




# ୟୁପିରେ ବାବୁଙ୍କୁ ସୋସିଆଲ ମିଡିଆ ମନା

ଲକ୍ଷ୍ନୌ,୨୩।୬

ଭାଜପା ଶାସିତ ଉତ୍ତର ପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ପୂର୍ବରୁ ଛାପା ଗଣମାଧ୍ୟମ ଓ ରେଡିଓ କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀମାନଙ୍କ ଯୋଗଦାନ ଉପରେ ରୋକ ଲଗାଇଥିଲେ। ଏବେ ଏହି କଟକଣାକୁ ଆହୁରି କଡ଼ାକଡ଼ି କରିବାକୁ ଯାଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ, ଡିଜିଟାଲ ନ୍ୟୁଜ୍ ଆଉଟ୍‌ଲେଟ୍ ଏବଂ ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ମତମନ୍ତବ୍ୟ ଦେବାକୁ ବାବୁମାନଙ୍କୁ ବାରଣ କରିଛନ୍ତି। ଲୋକ ସଭା ନିର୍ବାଚନରେ ଭାଜପାର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ କ୍ଷୁବ୍ଧ ରାଜ୍ୟ ସରକାର ଏପରି କରି କର୍ମଚାରୀମାନଙ୍କ ଉପରେ ରାଗ ଶୁଝାଉଛନ୍ତି ବୋଲି ଜଣେ ଅଧିକାରୀ ଅଭିଯୋଗ ଆଣିଛନ୍ତି।

### ନିର୍ବାଚନରେ ଭାଜପାର ପରାଜୟକୁ ନେଇ ଯୋଗୀ ସରକାର କ୍ଷୁବ୍ଧ



୨୦୨୪ ଲୋକ ସଭା ନିର୍ବାଚନରେ ସବୁଠୁ ବଡ଼ ରାଜ୍ୟ ୟୁପିର ୮୦ରୁ ୮୦ ଆସନ ଦଖଲ କରିବାକୁ ଭାଜପା ଲକ୍ଷ୍ୟ ରଖିଥିଲା। କିନ୍ତୁ ଶାସକ ଦଳ ୩୩ ଆସନରେ ସୀମିତ ରହିଯାଇଥିଲା। ସମାଜବାଦୀ ପାର୍ଟି (ଏସ୍‌ପି) ୩୭ ଆସନ ଦଖଲ କରି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଥିବାବେଳେ କଂଗ୍ରେସ ୬ ଆସନ ଦଖଲ କରିଛି। ନିର୍ବାଚନ ଫଳ ଆସିବାର ୧୫ ଦିନ ପରେ ଅର୍ଥାତ୍ ଜୁନ୍ ୧୯ରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅତିରିକ୍ତ ମୁଖ୍ୟ ସଚିବ, ପ୍ରଧାନ ସଚିବ ଏବଂ ସଚିବମାନଙ୍କ ନିକଟକୁ ପଠାଇ ଦିଆଯାଇଛି। ସେମାନଙ୍କ ଅଧସ୍ତନ କର୍ମଚାରୀମାନଙ୍କୁ ଏସମ୍ପର୍କରେ ଅବଗତ କରାଇବା ପାଇଁ ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି। ଉତ୍ତର ପ୍ରଦେଶ ସରକାରୀ ଚାକିରିଆଙ୍କ ଆଚରଣ ନିୟମ, ୧୯୫୬ ଅନୁସାରେ ସରକାରୀ କର୍ମଚାରୀମାନେ ପ୍ରିଣ୍ଟ ମିଡିଆ ଓ ରେଡିଓ କାର୍ଯ୍ୟକ୍ରମଗୁଡ଼ିକରେ ଭାଗନେଇପାରିବେ ନାହିଁ ବୋଲି ପୂର୍ବରୁ ରହିଥିବା ନିୟମକୁ ବର୍ତ୍ତମାନ ସୋସିଆଲ ମିଡିଆ ଏବଂ ଇଲେକ୍ଟ୍ରୋନିକ୍ସ ମିଡିଆକୁ ବିସ୍ତାର କରାଯାଇଥିବା ଏଥିରେ କୁହାଯାଇଛି। ଏପରି କି ଫେସ୍‌ବୁକ୍, ଏକ୍ସ, ହ୍ୱାଟ୍ସଆପ୍ ଏବଂ ଇନ୍‌ଷ୍ଟାଗ୍ରାମ ଭଳି ପ୍ଲାଟ୍‌ଫର୍ମଗୁଡ଼ିକୁ ମଧ୍ୟ ସେମାନେ ବ୍ୟବହାର କରିପାରିବେ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ଏଭଳି ସରକାରୀ କଟକଣାକୁ ସରକାରୀ କର୍ମଚାରୀମାନେ ନାପସନ୍ଦ କରିଛନ୍ତି। କେବଳ ସରକାରଙ୍କ ସମାଲୋଚନାକୁ ରୋକିବା ପାଇଁ ଏପରି ପଦକ୍ଷେପ ନିଆଯାଇଥିବା ସେମାନେ କହିଛନ୍ତି। ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ସଚିବ ଭାବେ କାର୍ଯ୍ୟ କରିଥିବା ଜଣେ ଅମଲାତନ୍ତ୍ରୀ କହିଛନ୍ତି, ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ବିଭିନ୍ନ ପୋଷ୍ଟିଂକୁ ନେଇ କର୍ମଚାରୀମାନେ ସରକାରଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଅନ୍ୟ ଜଣେ ସରକାରୀ କର୍ମଚାରୀଙ୍କ ମତରେ ଲୋକ ସଭା ନିର୍ବାଚନରେ ଭାଜପାର ଖରାପ ପ୍ରଦର୍ଶନ ଯୋଗୁ ସେମାନଙ୍କ ଉପରେ ସରକାର ରାଗ ଶୁଝାଉଛନ୍ତି। ଏହି ସରକାର ନିର୍ବାଚନ ପୂର୍ବରୁ କର୍ମଚାରୀ ଓ ଅଧିକାରୀମାନଙ୍କୁ ସରକାରୀ ଯୋଜନା ସମ୍ପର୍କରେ ପ୍ରଚାରପ୍ରସାର ପାଇଁ ଟିଭି ଶୋ' ଏବଂ ଅନ୍ୟ ମିଡିଆ କାର୍ଯ୍ୟକ୍ରମଗୁଡ଼ିକରେ ଭାଗନେବା ପାଇଁ ବାଧ୍ୟ କରୁଥିଲେ। ଅନେକ ପୋଲିସ କର୍ମଚାରୀ ମଧ୍ୟ ୟୁନିଫର୍ମ ପିନ୍ଧି ଟିଭିରେ ମୁହଁ ଦେଖାଉଥିଲେ। କିନ୍ତୁ ଭାଜପାର ଲୋକପ୍ରିୟତା ହ୍ରାସ ହୋଇଯିବା ପରେ ସେମାନେ ସରକାରୀ ଯୋଜନାକୁ ସମାଲୋଚନା କରୁଥିବା କର୍ମଚାରୀମାନଙ୍କୁ ଧମକ ଦେଉଛନ୍ତି ବୋଲି ଜଣେ ଅଧିକାରୀ ଅଭିଯୋଗ ଆଣିଛନ୍ତି।



# ସୋନାକ୍ଷୀଙ୍କ ହାତ ଧରିଲେ ଜହିର

ମୁମ୍ବାଇ,୨୩।୬

ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା ଓ ତାଙ୍କ ବୟଫ୍ରେଣ୍ଡ ଅଭିନେତା ଜହିର ଇକ୍‌ବାଲ ରବିବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ମୁମ୍ବାଇରେ ଏହି ଯୋଡ଼ି ରେଜେଷ୍ଟ୍ରି ମ୍ୟାରେଜ୍ କରିବା ସହ ଆନୁଷ୍ଠାନିକ ଭାବେ ସ୍ତ୍ରୀ ଓ ସ୍ୱାମୀ ହୋଇଛନ୍ତି। ବିବାହ ଉତ୍ସବ ବେଳର ପ୍ରଥମ ଝଲକ ଦେଖିବା ପାଇଁ ସୋନାକ୍ଷୀଙ୍କ ପ୍ରଶଂସକମାନେ ଉତ୍ସୁକତାର ସହ ଅପେକ୍ଷା କରିଥିବାବେଳେ ସେ ଇନ୍‌ଷ୍ଟାଗ୍ରାମରେ ୱେଡିଂ ଫଟୋ ଶେୟାର କରିଛନ୍ତି।

ଅଭିନେତା ତଥା ଟିଏମ୍‌ସି ଏମ୍‌ପି ଶତ୍ରୁଘ୍ନ ସିହ୍ନାଙ୍କ ଝିଅ ସୋନାକ୍ଷୀ ଓ ଜହିର ୭ ବର୍ଷର ଡେଟିଂ ପରେ ସ୍ପେଶାଲ ମ୍ୟାରେଜ୍ ଆକ୍ଟ ଅନୁଯାୟୀ ବିବାହ କରିଛନ୍ତି। ମୁମ୍ବାଇସ୍ଥିତ ସୋନାକ୍ଷୀଙ୍କ ବାସଭବନରେ ବିବାହ ଅନୁଷ୍ଠିତ ହୋଇଛି। ଦାଦରସ୍ଥିତ ବସ୍ତିଆଁ ରେଷ୍ଟୁରାଣ୍ଟରେ ଅତିଥିମାନଙ୍କ ପାଇଁ ପାର୍ଟିର ଆୟୋଜନ କରାଯାଇଛି। ଏହି ସେଲିବ୍ରିଟି କପଲ୍‌ଙ୍କ ମ୍ୟାରେଜ୍ ପାର୍ଟିରେ ୧,୦୦୦ ଗେଷ୍ଟଙ୍କ ପାଇଁ ସ୍ୱତନ୍ତ୍ର ଉପହାର ଓ ମିଷ୍ଟାନର ବ୍ୟବସ୍ଥା କରାଯାଇଥିଲା। ଜହିର ଇକ୍‌ବାଲ ମୁସଲମାନ ସମ୍ପ୍ରଦାୟର ହୋଇଥିବାରୁ ଏହି ବିବାହକୁ ନେଇ ସିହ୍ନା ପରିବାର ଅସନ୍ତୁଷ୍ଟ ଥିବା ନେଇ ସୋସିଆଲ ମିଡିଆରେ ନାନା ଗୁଜବ ସୃଷ୍ଟି ହୋଇଥିଲା। ତେବେ ବିବାହ ଦିନ ଶତ୍ରୁଘ୍ନ ଏହା ଉପରେ କହିଛନ୍ତି, ୪୪ ବର୍ଷ ତଳେ ମୁଁ ନିଜ ପସନ୍ଦର ପୁନମ୍‌ଙ୍କୁ ବିବାହ କରିଥିଲି। ଏବେ ସୋନାକ୍ଷୀଙ୍କ ପାଳି। ସେ ନିଜ ବୟଫ୍ରେଣ୍ଡଙ୍କୁ ଜୀବନସାଥୀ ଭାବେ ବାଛିଛନ୍ତି। ଏଥିରେ ସିହ୍ନା ପରିବାରର କୌଣସି ଆପତ୍ତି ନାହିଁ।

୧୯୮୭ ଜୁନ୍ ୨ରେ ପାଟନାରେ ଜନ୍ମିତ ସୋନାକ୍ଷୀ ବଲିଉଡର ଚର୍ଚ୍ଚିତ ଅଭିନେତ୍ରୀମାନଙ୍କ ମଧ୍ୟରୁ ଅନ୍ୟତମ। ୨୦୧୦ରେ ଦବଙ୍ଗରେ ଡେବ୍ୟୁ କରିଥିବା ଏହି ଅଭିନେତ୍ରୀ ରାଉଡ଼ି ରାଠୋର, ଲୁଟେରା, ମିଶନ ମଙ୍ଗଲ ଓ ହୀରାମଣ୍ଡି ଭଳି ଅନେକ ସଫଳ ଚଳଚ୍ଚିତ୍ରରେ ନିଜ ଅଭିନୟର ଯାଦୁଗରୀ ଦେଖାଇ ପ୍ରଶଂସକଙ୍କୁ ବାନ୍ଧି ରଖିରଖି ପାରିଛନ୍ତି। ସୋନାକ୍ଷୀ ୨୦୧୪ରେ ଅର୍ଜୁନ କପୁରଙ୍କୁ ଡେଟିଂ କରୁଥିଲେ। କିନ୍ତୁ ବର୍ଷକ ପରେ ଉଭୟଙ୍କ ସମ୍ପର୍କ ଛିନ୍ନ ହୋଇଥିଲା। ୨୦୧୭ରେ ସେ ଡବଲ ଏକ୍ସେଲ ଫିଲ୍ମର କୋ-ଷ୍ଟାର ଜହିର ଇକ୍‌ବାଲଙ୍କୁ ଡେଟିଂ ଆରମ୍ଭ କରିଥିଲେ। ପ୍ରାଣୀପ୍ରେମୀ ସୋନାକ୍ଷୀ ଆମେରିକୀୟ ଆନିମଲ ରାଇଟ୍ସ ସଂଗଠନ ପେଟା ପାଇଁ ମଧ୍ୟ ପୋଜ୍ ଦେଇ ଚର୍ଚ୍ଚିତ ହୋଇଥିଲେ।



# ଆର୍‌ଏଲ୍‌ଭି ଲ୍ୟାଣ୍ଡିଂରେ ଇସ୍ରୋର ହ୍ୟାଟ୍ରିକ୍ ସଫଳତା



ନୂଆଦିଲ୍ଲୀ,୨୩।୬

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ଏହାର ପୁନଃ ଉତ୍କ୍ଷେପଣଯୋଗ୍ୟ ଯାନ (ଆର୍‌ଏଲ୍‌ଭି)କୁ ରବିବାର କ୍ରମାଗତ ତୃତୀୟ ଥର ପାଇଁ ନିରାପଦର ସହ ଅବତରଣ କରାଇ ହ୍ୟାଟ୍ରିକ୍ ସଫଳତା ହାସଲ କରିଛି। କୌଣସି ମହାକାଶ ସଂସ୍ଥା ପାଇଁ ଏହା ଏକ ବିରଳ ସଫଳତା। କର୍ଣ୍ଣାଟକର ଚିତ୍ରଦୁର୍ଗଠାରେ ଥିବା ଏରୋନଟିକାଲ ଟେଷ୍ଟ ରେଞ୍ଜ୍ (ଏଟିଆର୍)ଠାରେ ସକାଳ ୭ଟା ୧୦ ମିନିଟ୍ ସମୟରେ ଏଲ୍‌ଇଏକ୍ସ(୦୩) ସିରିଜ୍‌ର ତୃତୀୟ ତଥା ଚୂଡ଼ାନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଆର୍‌ଏଲ୍‌ଭି ପୁଷ୍ପକ ତୃତୀୟ ଥର ପାଇଁ ନିରାପଦର ସହ ଅବତରଣ କରି ହ୍ୟାଟ୍ରିକ ସଫଳତା ହାସଲ କରିଥିବା ଇସ୍ରୋ ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି। ଫଳରେ ମହାକାଶର କକ୍ଷପଥ ପାଇଁ ପରୀକ୍ଷା ନିମନ୍ତେ ପୁଷ୍ପକ ଏବେ ପ୍ରସ୍ତୁତ। ଏକ ରକେଟ ସହାୟତାରେ ଏହା ମହାକାଶକୁ ଯାଇ ସେଠାରୁ ସଫଳତାର ସହ ପୃଥିବୀରେ ଅବତରଣ କରିବ। ମହାକାଶ ଅଭିଯାନ ଖର୍ଚ୍ଚ କମାଇବାରେ ଏହା ବାସ୍ତବରେ ଗେମ୍ ଚେଞ୍ଜର ହେବ। ଏକବିଂଶ ଶତାବ୍ଦୀରେ ସ୍ୱଦେଶୀ ଜ୍ଞାନକୌଶଳରେ ଇସ୍ରୋର ଏହି ଅନନ୍ୟ ଆତ୍ମନିର୍ଭର ଉଦ୍ୟମ ପୁନଃବ୍ୟବହାରଯୋଗ୍ୟ ରକେଟକୁ କାର୍ଯ୍ୟକ୍ଷମ କରାଇବ ବୋଲି ଇସ୍ରୋ ଅଧ୍ୟକ୍ଷ କହିଛନ୍ତି।

# ଅଲାରନାଥଙ୍କ ଅନବସର ଦର୍ଶନ ଆରମ୍ଭ



ବ୍ରହ୍ମଗିରିସ୍ଥିତ ପ୍ରଭୁ ଅଲାରନାଥ।

ବ୍ରହ୍ମଗିରି,୨୩।୬(ସ୍ୱାଧୀନ ଚମ୍ପତିରାୟ)

ପୁରୀ ଜିଲାର ବ୍ରହ୍ମଗିରିସ୍ଥିତ ମହାପ୍ରଭୁ ଅଲାରନାଥ ଚତୁର୍ଭୁଜ ନାରାୟଣଙ୍କ ଅନବସର ଦର୍ଶନ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଭୁ ଅଲାରନାଥଙ୍କ ଦର୍ଶନ ଓ ଖିରି ଭୋଗ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଶନିବାର ଦାରୁଦିଅଁ ୧୦୮ ଗରା ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅନବସରରେ ରହିଛନ୍ତି। ଅଣସର ପିଣ୍ଡିରେ ଦାରୁବିଗ୍ରହଙ୍କ ଗୁପ୍ତ ସେବା ଚାଲିଛି। ତେଣୁ ଏହି ସମୟରେ ଭକ୍ତମାନେ ଶ୍ରୀମନ୍ଦିରରେ ପତିଦିଅଁ ଏବଂ ବ୍ରହ୍ମଗିରିସ୍ଥିତ ଅଲାରନାଥ ପୀଠରେ ପ୍ରଭୁ ଅଲାରନାଥଙ୍କ ଦର୍ଶନ କରିଥାନ୍ତି। ଏହି ଅନବସର ସମୟରେ ଅଲାରନାଥଙ୍କୁ ଦର୍ଶନ କଲେ ଜଗନ୍ନାଥଙ୍କ ଦର୍ଶନର ସମ ଫଳ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ରବିବାର ପ୍ରଥମ ଦିନରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରିବା ପାଇଁ ଭକ୍ତଙ୍କ ଭିଡ଼ ହୋଇଥିଲା। ଭକ୍ତମାନେ

### ଖିରି ଭୋଗ ପାଇଁ ଆନନ୍ଦ ବଜାରରେ ଭିଡ଼

ଚାପପୋଖରୀଠାରୁ ଲମ୍ୱାଧାଡ଼ିରେ ଆସି ଠାକୁରଙ୍କୁ ଦର୍ଶନ କରିଥିଲେ। ମହାପ୍ରସାଦ ସହ ପ୍ରଭୁ ଅଲାରନାଥଙ୍କ ପ୍ରିୟ ଖିରି ଭୋଗ ପାଇଁ ଆନନ୍ଦ ବଜାରରେ ଗହଳି ହୋଇଥିଲା। ଚଳିତ ବର୍ଷ ମହାପ୍ରଭୁଙ୍କୁ ଭିତରକାଠ ନିକଟରୁ ଦର୍ଶନ କରିବା ନେଇ ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି। ମହାପ୍ରଭୁଙ୍କ ପାଖକୁ ନ ଯାଇ ଅର୍ଦ୍ଧଳିଠାରୁ ଦର୍ଶନ କରାଯାଉଛି। ଖରା ଓ ଗରମ ଦାଉରୁ ରକ୍ଷା ପାଇବା ପାଇଁ ପ୍ରଶାସନ ପକ୍ଷରୁ ମନ୍ଦିର ଚତୁଃପାର୍ଶ୍ୱରେ ଛାଇର ବ୍ୟବସ୍ଥା କରାଯାଇଛି। ଏଥିସହ ଦିବ୍ୟାଙ୍ଗ ଓ ବୟସ୍କଙ୍କ ପାଇଁ ହୁଇଲଚେୟାର ବ୍ୟବସ୍ଥା ହୋଇଛି। ପ୍ରଥମ ଦିନ ଅନବସର ଦର୍ଶନ ସୁରୁଖୁରୁରେ ସମ୍ପାଦନ ହୋଇଛି। ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ୧୩ ଦିନ ଧରି ଅଲାରନାଥଙ୍କ ଅନବସର ଦର୍ଶନ ଚାଲିବ। ଏଠାରେ ମହାପ୍ରସାଦ ସମ ମହାପ୍ରସାଦ ମିଳିବ। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ସାରା ରାଜ୍ୟରେ ମୌସୁମୀ

# ୨୬ରୁ ବଢ଼ିବ ବର୍ଷା



ଭୁବନେଶ୍ୱର,୨୩।୬(ଅସମାପିକା ସାହୁ)

ସାରା ରାଜ୍ୟକୁ ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଛୁଇଁବା ସହ ଅଧିକାଂଶ ଜିଲାରେ ସକ୍ରିୟ ହୋଇଛି। ଫଳରେ ସେସବୁ ଅଞ୍ଚଳରେ ବର୍ଷା ଲାଗି ରହିଛି। ରବିବାର ଚାନ୍ଦବାଲିରେ ସର୍ବାଧିକ ୩୧.୨ ମି.ମି. ବର୍ଷା ହୋଇଥିବା ବେଳେ ବାରିପଦାରେ ୧୫.୨, ରାୟଗଡ଼ା ୧୨.୬, ହୀରାକୁଦ ୧୨.୨, ଦାରିଙ୍ଗବାଡ଼ି ୧୨, ଫୁଲବାଣୀ ୬.୮, ସୋନପୁର ୬.୪ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୬ ତାରିଖରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବ। ୨୬ ତାରିଖରେ ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କଳାହାଣ୍ଡି, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ୨୭ ତାରିଖରେ କନ୍ଧମାଳ, ନୟାଗଡ଼, କଳାହାଣ୍ଡି, ରାୟଗଡ଼ା, ଗଜପତି, ନବରଙ୍ଗପୁର ଓ ନୂଆପଡ଼ାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାକୁ କାଳବୈଶାଖୀ ବର୍ଷା ହେବାକୁ ଥିବାବେଳେ ୨୬ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ସତର୍କ ସୂଚନା ଦିଆଯାଇଛି। ୨୪ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା ଆଦି ଜିଲାକୁ ଝଡ଼ବର୍ଷା ସହିତ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୩୦ରୁ ୪୦କି.ମି. ରହିବାର ସମ୍ଭାବନା ରହିଛି।

# ଧାର୍ଯ୍ୟ ତାରିଖ ପୂର୍ବରୁ ଛତୁଆ ପ୍ରସ୍ତୁତିକୁ ନେଇ ପ୍ରଶ୍ନବାଚୀ

ରାଜନଗର,୨୩।୬(ଭାସ୍କର ରାଉତରାୟ)

ପୁଷ୍ଟିହୀନତା ଦୂର କରିବାକୁ ୬ ମାସରୁ ୩ ବର୍ଷ ବୟସର ଶିଶୁଙ୍କୁ ସରକାର ଛତୁଆ ଓ ସୁଜି ପ୍ରତି ମାସରେ ଯୋଗାଇ ଦେଉଥିବା ବେଳେ ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ଛତୁଆ, ଖସାଲଡ୍ଡୁ, ବାଦାମଲଡ୍ଡୁ, ମୁଢ଼ି, ସୋଲା, ଖଜୁରିକୋଳି ଯୋଗାଇ ଦେଉଛନ୍ତି। ଶିଶୁମାନେ ଯେମିତି ଉତ୍ତମ ଆହାର ପାଇପାରିବେ, ସେଥିପାଇଁ ଏହା ଯୋଗାଇ ଦିଆଯାଉଛି। 'ଶିଶୁଙ୍କୁ ମିଳିଲେ ଉତ୍ତମ ଆହାର, ପୁଷ୍ଟିହୀନତାକୁ ନ ଥିବ ଡର' ବାର୍ତ୍ତା ଲେଖାଥିବା ଛତୁଆ ପ୍ୟାକେଟ୍‌ ବଣ୍ଟନ କରାଯାଉଛି। ମାତ୍ର କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ ଛତୁଆ, ସୁଜି ଓ ଅନ୍ୟ ସାମଗ୍ରୀ ପ୍ରସ୍ତୁତିରେ ବଡ଼ ଧରଣର କେଳେଙ୍କାରୀ ଚାଲିଛି।




ଧାର୍ଯ୍ୟ ତାରିଖ ପୂର୍ବରୁ ଛତୁଆ ପ୍ରସ୍ତୁତ କରାଯିବା ସହ ପ୍ୟାକେଟ ଉପରେ ପରବର୍ତ୍ତୀ ତାରିଖ ଉଲ୍ଲେଖ ରହିବା ଘଟଣା ଲୋକଲୋଚନକୁ ଆସିଛି। ଛତୁଆ ମିଶ୍ରଣ ଓ ପ୍ରସ୍ତୁତି ଯାଞ୍ଚ କରିବାକୁ ଯାଇଥିବାବେଳେ ଶିଶୁ କଲ୍ୟାଣ ଓ ସୁରକ୍ଷା ଅଧିକାରୀ (ସିଡିପିଓ) ଏଭଳି ଅନିୟମିତତା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।

ସରକାରଙ୍କ ନିୟମ ମୁତାବକ, ପ୍ରତି ମାସର ୨୩ ତାରିଖରେ ପୂର୍ବରୁ ଭଜା ହୋଇଥିବା ଗହମ, ବୁଟ, ଚିନାବାଦାମ ସହିତ ଚିନି ମିଶ୍ରଣ କରାଯାଇ ଛତୁଆ ପ୍ରସ୍ତୁତି କରାଯିବା କଥା। ମହିଳା ଓ ଶିଶୁ ବିକାଶ ବିଭାଗର ସୁପରଭାଇଜରଙ୍କ ଉପସ୍ଥିତିରେ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ସାମଗ୍ରୀର ଅନୁପାତ

### ୨୩ ତାରିଖ ପୂର୍ବରୁ ପ୍ରସ୍ତୁତ ହୋଇଥିବାବେଳେ ୨୬ ତାରିଖ ଉଲ୍ଲେଖ ରହିଛି

ମୁତାବକ ଓଜନ କରାଯାଇ ମିଶ୍ରଣ ହୋଇ ଛତୁଆ ପ୍ରସ୍ତୁତ ହୋଇଥାଏ। ଏହାପରେ ଛତୁଆ ପ୍ୟାକେଟ୍‌ କରାଯାଇ ବ୍ୟାଚ୍‌ ନଂ. ଓ ପ୍ରସ୍ତୁତି ତାରିଖ ଲେଖାଯାଇ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଠିକାଦାର ପହଞ୍ଚାଇବେ। ମାତ୍ର ରବିବାର ରାଜନଗର ସିଡିପିଓ ସନ୍ତୋଷିନୀ ଭୋଇ ବ୍ଲକର ବାଘୁଆଠାରେ ଥିବା ମା' ବୁଢ଼ୀମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତି କେନ୍ଦ୍ରରେ ପହଞ୍ଚି ଥିଲେ। ସକାଳ ୮ଟାରେ ପହଞ୍ଚିବା ବେଳକୁ ଛତୁଆ କେନ୍ଦ୍ରରେ ତାଲା ଝୁଲୁଥିଲା। ସିଡିପିଓ ସେଠାରେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ସେଣ୍ଟରର ତାଲା ଖୋଲିଥିଲା। କିନ୍ତୁ ଛତୁଆ ପ୍ରସ୍ତୁତ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର କୌଣସି ସଦସ୍ୟା କିମ୍ବା ବିଭାଗର ସୁପରଭାଇଜର ଆସି ନ ଥିଲେ। ଦୀର୍ଘ ୪ ଘଣ୍ଟା ସିଡିପିଓ ଛତୁଆ ପ୍ରସ୍ତୁତ କେନ୍ଦ୍ର ଭିତରେ ବସି ରହିଥିଲେ। ସିଡିପିଓ ଛତୁଆ ପ୍ରସ୍ତୁତ କେନ୍ଦ୍ରକୁ ପଶିବା ପରେ ଛତୁଆ ପ୍ରସ୍ତୁତରେ ଚାଲିଥିବା ବଡ଼ ଧରଣର କେଳେଙ୍କାରୀକୁ ଧରିଥିଲେ। ରବିବାର ଛତୁଆ ପ୍ରସ୍ତୁତ ପାଇଁ ଗହମ, ବୁଟ, ଚିନି, ଚିନାବାଦାମ ମିଶ୍ରଣର ତାରିଖ ଥିଲେ ମଧ୍ୟ ସିଡିପିଓ ପହଞ୍ଚିବା ବେଳକୁ ଛତୁଆ କେବେଠୁଁ ପ୍ରସ୍ତୁତ ସରିଥିଲା। ଏପରିକି ପ୍ରସ୍ତୁତ ହୋଇଥିବା ଛତୁଆ ପ୍ୟାକେଟରେ ୨୬ ଜୁନ୍‌ ୨୦୨୪ ବୋଲି ଉଲ୍ଲେଖ ଥିଲା। ରବିବାର ୨୩ ତାରିଖ ହୋଇଥିବା ବେଳେ କିପରି ଛତୁଆ ପ୍ୟାକେଟରେ ୨୬ ତାରିଖରେ ଛତୁଆ ପ୍ରସ୍ତୁତ ହୋଇଛି ବୋଲି ଲେଖା ହୋଇଥିଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ସିଡିପିଓ ସନ୍ତୋଷିନୀଙ୍କୁ ପଚାରିବାରୁ ରବିବାର ଛତୁଆ କେନ୍ଦ୍ରରେ ୪ ଘଣ୍ଟା ପୂର୍ବରୁ ପହଞ୍ଚି ଥିଲେ ମଧ୍ୟ ସୁପରଭାଇଜର କିମ୍ବା ଠିକାସଂସ୍ଥାର କୌଣସି ସଦସ୍ୟାଙ୍କର ଦେଖା ନ ଥିଲା। ଏଠାରେ ପ୍ରସ୍ତୁତ ହୋଇ ଥୁଆ ହୋଇଥିବା ଛତୁଆରେ ୨୬ ଜୁନ ୨୦୨୪ ତାରିଖ ପଡିଛି, କିନ୍ତୁ ୨୩ ତାରିଖରେ ଛତୁଆ ପ୍ରସ୍ତୁତ ହୋଇଥାନ୍ତା। ଏ ନେଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।




**ଆଜିର ମନ୍ତବ୍ୟ**

"ଭାଜପା ସରକାର ଯୁବବର୍ଗଙ୍କ ଭବିଷ୍ୟତକୁ ଧ୍ୱଂସ ମୁହଁକୁ ଠେଲିଦେଇଛି। ଶିକ୍ଷା ଓ ପରୀକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ କପି ମାଫିଆଙ୍କୁ ହସ୍ତାନ୍ତର କରାଯାଇଛି।

–ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନୃତ୍ୟାଙ୍ଗନା ସଂଯୁକ୍ତା ପାଣିଗ୍ରାହୀଙ୍କ ୨୭ତମ ପୁଣ୍ୟତିଥି, ସ୍ଥାନ: ଗୁରୁ କେଲୁଚରଣ ଓଡ଼ିଶୀ ଗବେଷଣାକେନ୍ଦ୍ରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସଜିବିଶନ 'ବଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ସିନେମା 'କେମିତି ଏ ସମ୍ପର୍କ'ର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଶୀତଲ, ସମୟ: ଅପରାହ୍ନ ୪ଟା ୩୦।
- ଆଇସିସି ନିଯୁକ୍ତି ମେଳା ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ଅପରାହ୍ନ ୪ଟା ୪୫।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'ସମର୍ପଣ', ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ଟାଇଟେଲ ଆନାଉନ୍ସମେଣ୍ଟ କାର୍ଯ୍ୟକ୍ରମର ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଆର୍ଯ୍ୟ ପାଲେସ, ସମୟ: ସନ୍ଧ୍ୟା ୬ଟା।
- କୋଷାଗାର ନିର୍ଦ୍ଦେଶାଳୟ ସାଂସ୍କୃତିକ ପରିଷଦର ପଞ୍ଚଦଶତମ ବାର୍ଷିକୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ମହାପ୍ରଭୁ ଅଲାରନାଥଙ୍କ ଅନବସର ଦର୍ଶନ, ସ୍ଥାନ: ବ୍ରହ୍ମଗିରି, ସମୟ: ପ୍ରାତଃ ୫ଟା ୩୦।

## ଖୋର୍ଦ୍ଧା

- ବରିଷ୍ଠ ନାଗରିକ ମଞ୍ଚର ତ୍ରୟଦଶତମ ବାର୍ଷିକ ଉତ୍ସବ, ସ୍ଥାନ: ଉତ୍ତରାୟଣୀ କ୍ଲବ ପରିସର, ଜଟଣୀ, ସମୟ: ସକାଳ ୯ଟା ୩୦।

## ବାଲେଶ୍ୱର

- ବାଲେଶ୍ୱର ବିଧାୟକଙ୍କ ସହରର ବିଭିନ୍ନ ସ୍ଥାନ ପରିଦର୍ଶନ ଓ ଉଠା ବ୍ୟବସାୟୀଙ୍କ ସହ ଆଲୋଚନା, ସ୍ଥାନ:ଟାଉନ୍ ଥାନା ଅଞ୍ଚଳ, ବାଲେଶ୍ୱର, ସମୟ:ସକାଳ ୯ଟା।
- ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାସିକ ରିଭ୍ୟୁ ବୈଠକ, ସ୍ଥାନ:ହାତୀଗଡ଼ ମେଡିକାଲ୍ ପରିସର, ଜଳେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଖଇରା ଗାନ୍ଧି ଗୋବିନ୍ଦଚନ୍ଦ୍ର ପଣ୍ଡାଙ୍କ ଜନ୍ମଜୟନ୍ତୀ, ସ୍ଥାନ: ଗୋବିନ୍ଦ ଚନ୍ଦ୍ର ହାଇସ୍କୁଲ, ପଳସା, ଖଇରା, ସମୟ:ପୂର୍ବାହ୍ନ ୧୧ଟା।
- ନୋସ୍କୋ କୋଅର୍ଡିନେଶନ୍ କମିଟି ବୈଠକ, ସ୍ଥାନ: ବାଲିଆ ଏମ୍ପ୍ଲଇଜ ଆସୋସିଏସନ୍ ଅଫିସ, ବାଲେଶ୍ୱର, ସମୟ: ଅପରାହ୍ନ ୧ଟା।
- ଜନ ଔଷଧୀ କେନ୍ଦ୍ର ଉଦ୍‌ଘାଟନ ସ୍ଥାନ: ବାହାବଳପୁର,ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଅବଦୁଲ ରହିମ ସଂସଦ ପକ୍ଷରୁ ସାରସ୍ୱତ ସାଧକ ଅବଦୁଲ ରହିମଙ୍କ ୧୧୩ତମ ଜୟନ୍ତୀ ଉତ୍ସବ, ସ୍ଥାନ: ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ଶିବ ମନ୍ଦିରରେ ଶିବ ପାର୍ବତୀ ବିବାହ ଉତ୍ସବ, ସ୍ଥାନ: ହାବଲେଶ୍ୱର,ହାଟଡିହୀ, ସମୟ: ସକାଳ ୬ ଟା।
- ଉନ୍ନୟନ କାର୍ଯ୍ୟର ସମୀକ୍ଷା ଏବଂ ବୈଠକ, ସ୍ଥାନ: ହାଟଡିହୀ ବ୍ଲକ, ସମୟ: ଅପରାହ୍ନ ୪ ଘଟିକା
- ଭଜନ ସମାରୋହ ଏବଂ ନାମ ସଂକୀର୍ତ୍ତନ ଉତ୍ସବ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।

## ମୟୂରଭଞ୍ଜ

- ଉଦଳା ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାଦେବଙ୍କ ସ୍ୱତନ୍ତ୍ର ନିତିକାନ୍ତି, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଉଦଳା,ସମୟ: ସକାଳ ୯ଟା।
- ବିଶ୍ୱ ବୈଷ୍ଣବ ସମ୍ମିଳନୀ ଓ ଭାଗବତ ଧର୍ମସଭା, ସ୍ଥାନ: ସହିଦ ସ୍ମୃତି ଭବନ ବାରିପଦା, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଏଆଇଡିଏସ୍‌ଓ ଗଞ୍ଜାମ ଜିଲା କମିଟିର ବିକ୍ଷୋଭ, ସ୍ଥାନ: ଖଲ୍ଲିକୋଟ କଲେଜ ସମ୍ମୁଖ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- ମହାଦେବ ମନ୍ଦିର ପୂର୍ଣ୍ଣାହୁତି ଉତ୍ସବ, ସ୍ଥାନ: ବେଲଗୁଣ୍ଠା ବ୍ଲକ ତନରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ବୁଦ୍ଧଖୋଲ ଉନ୍ନୟନ ସମିତିର ସାଧାରଣ ବୈଠକ, ସ୍ଥାନ: ସମିତି ସଭାଗୃହ,ସମୟ: ଅପରାହ୍ନ ୪ଟା।
- ଯୋଗ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ, ସମୟ: ସକାଳ ୫ଟା।
- ମା'ଫୁଲକେଶନୀ ଠାକୁରାଣୀଙ୍କ ନିରଞ୍ଜନ ନଗର ଓ ଗଳି ରାସ୍ତା ସହ ମେଦିରି ସାହି ଅଞ୍ଚଳରେ ଘଟ ପରିକ୍ରମା,ସ୍ଥାନ: ଲାଲାଗୋର୍ଜି ଛକ, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- ଆନ୍ତର୍ଜାତୀୟ ନିଶା ଦ୍ରବ୍ୟ ବ୍ୟବହାର ଏବଂ ଅନୈତିକ କାରବାର ଦିବସ,ସ୍ଥାନ:ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହ, ସମୟ:ମଧ୍ୟାହ୍ନ ୧୨ଟା ୩୦ମି।

## ଜଗତ୍‌ସିଂହପୁର

- ଏନ୍‌ଜିଟି(ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ)ର ବିଶେଷଜ୍ଞ ଟିମ୍‌ର ପାରାଦୀପରେ ପ୍ରଦୂଷଣ ମାତ୍ରା ଯାଞ୍ଚ, ସ୍ଥାନ: ଭୂତମୁଣ୍ଡାଇରୁ ଅଠରବାଙ୍କି, ପାରାଦୀପ, ସମୟ:ସକାଳ ୯ଟା।

## କେନ୍ଦ୍ରାପଡ଼ା

- ମା'ପାଟଦେଇ ମଙ୍ଗଳାଙ୍କ ପୀଠରେ ନାମଯଜ୍ଞ, ସ୍ଥାନ: ବଡମଙ୍ଗ, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ମେସ୍କୋ ଷ୍ଟିଲ ୱାର୍କର୍ସ ୟୁନିୟନର ସାଧାରଣ ବୈଠକ, ସ୍ଥାନ: ମେସ୍କୋ ଷ୍ଟିଲ କାରଖାନା ମୁଖ୍ୟ ଫାଟକ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- କାଏମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରତିଷ୍ଠା ଦିବସ, ସ୍ଥାନ: ସ୍କୁଲ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ବିଧାୟକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଧର୍ମଶାଳା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।

## ରାୟଗଡ଼ା

- ନାଇ ନାଇ ରାଲୁ ଏବଂ ଅସରାଲୁ ମା'ଙ୍କୁ ନିମନ୍ତ୍ରଣ ପ୍ରଥା ପାଳନ, ସ୍ଥାନ: ବୁର୍ଦ୍ଦାଲା ପୋଲୋ ମା'ଙ୍କ ଅସ୍ଥାୟୀ ମଣ୍ଡପ, ମେନରୋଡ, ରାୟଗଡା, ସମୟ: ରାତି ୯ଟା।

## ନବରଙ୍ଗପୁର

- ଆକାଂକ୍ଷା ଜିଲା ସମୀକ୍ଷା ବୈଠକ, ସ୍ଥାନ: ମିଶନ ଶକ୍ତି ବୈଠକ ଗୃହ, ନବରଙ୍ଗପୁର, ସମୟ : ଅପରାହ୍ନ ୩ଟା ୩୦।

## କୋରାପୁଟ

- ଆସନ୍ତା କାଲି ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଜ୍ଞାସା ଆକାଂକ୍ଷା କାର୍ଯ୍ୟକ୍ରମ,ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ସାହିତ୍ୟ ସମ୍ମିଳନୀର ଦ୍ୱିତୀୟ ଦିବସ, ସ୍ଥାନ: ସୁନାବେଡାସ୍ଥିତ ବିଶ୍ୱବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସ୍, ସମୟ: ପୂର୍ବାହ୍ନ ୧୧ଟା।
- କୋରାପୁଟ ଜିଲାରେ ପୋଷ୍ୟ ଶିଶୁ ଗ୍ରହଣ ମାମଲା ନେଇ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ସାଢେ ୪ଟା।

## ସମ୍ବଲପୁର

- ଅଦା, ହଳଦୀ ବିହନ ବିକ୍ରୟ କାର୍ଯ୍ୟକ୍ରମ, ସ୍ଥାନ: ନିଲଡୁଙ୍ଗୁରୀ ମଡେଲ ନର୍ସରୀ, ସମୟ: ପୂର୍ବାହ୍ନ ୧୦ଟା।
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟସ୍ଥ ଶହୀଦ ସ୍ତମ୍ଭରେ ମାଲ୍ୟାର୍ପଣ, ସ୍ଥାନ: ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ସମ୍ବଲପୁର ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜସ୍ୱ ମନ୍ତ୍ରୀଙ୍କ ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ସହ ସମୀକ୍ଷା କାର୍ଯ୍ୟକ୍ରମ, ସ୍ଥାନ: ସମ୍ବଲପୁର ସର୍କିଟ ହାଉସ, ସମୟ: ଅପରାହ୍ନ ୪ଟା ୩୦।
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମ୍ବଲପୁର ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଆଲୋଚନା, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା୩୦।
- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ ସନ୍ଧ୍ୟା ୫ଟା୩୦।

## ବଲାଙ୍ଗୀର

- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପଥରଚେପା, ବଲାଙ୍ଗୀର, ସମୟ: ଅପରାହ୍ନ ୫ଟା୩୦।

## ସୁବର୍ଣ୍ଣପୁର

- ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନର ଷଷ୍ଠ ଦିବସ, ସ୍ଥାନ: କେନ୍ଦୁପାଲି ୟୁଜି ୟୁପି ସ୍କୁଲ ସ୍କୁଲ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ପଞ୍ଚଦେବ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଭଜନ ସନ୍ଧ୍ୟା,ସ୍ଥାନ: ଉଦିତନଗର, ସମୟ: ସନ୍ଧ୍ୟା ୭ଟା ୩୦।
- ମିଡିଆ କ୍ଲବ୍‌ର ଜନପ୍ରତିନିଧିଙ୍କ ଭୂମିକା ଆଲୋଚନା,ସ୍ଥାନ: ପାନପୋଷ ରୋଡ, ସମୟ: ସନ୍ଧ୍ୟା ୭ଟା ୩୦।

## ବରଗଡ଼

- ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ବର୍ଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ବରପାଲି ଧର୍ମଶାଳା, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଗ୍ରାମବାସୀଙ୍କ ଦ୍ୱାରା ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ଯୋଗଦେବେ ଧର୍ମଗଡ଼ ବିଧାୟକ, ସ୍ଥାନ: ଗଡ଼ିଆଯୋର, ଧର୍ମଗଡ଼ ବ୍ଲକ, ସମୟ: ସକାଳ ୯ଟା।
- ନବାଗତ ଆବାସିକ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ବିକାଶ ଇନଷ୍ଟିଚ୍ୟୁସନ, ଭବାନୀପାଟଣା, ସମୟ: ପୂର୍ବାହ୍ନ୧୦ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର , ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ଦେବଗଡ଼

- ସ୍କୁଲ ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ବାରକୋଟ ବ୍ଲକ, କେ.ପି., ଲୋଡାଲ ପ୍ରାଥମିକ ସ୍କୁଲ, ପୁରୁକୁଣ୍ଡା, ସିରଡିହୀ ସରକାରୀ ପ୍ରାଥମିକ ବିଦ୍ୟାଳୟ, ହକି ସାହି, ସମୟ: ସକାଳ ୯ଟା।
- ଚାଷୀମାନଙ୍କ ଦକ୍ଷତା ବିକାଶ ତାଲିମ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଝାଡେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୫ଟା।
- ଗ୍ରାମ ଦେବୀ ପୂଜନ, ସ୍ଥାନ: ସହରସ୍ଥିତ କୁଡ଼ାବଗା ଗ୍ରାମ, ସମୟ: ପୂର୍ବାହ୍ନ ୧୧ଟା।
- ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସହରସ୍ଥିତ ମାରୱାଡ଼ି ପଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଚତୁର୍ଥଭାବର ଶୁଭତ୍ୱ କାରଣରୁ ପାରିବାରିକ ପରିସ୍ଥିତି ଭଲ ରହିଲେ ମଧ୍ୟ କର୍ମକ୍ଷେତ୍ରର ଧିମାଗତିରୁ ମନସ୍ତାପ କରିବେ। ପ୍ରତ୍ୟୁଷ ଯାତ୍ରା, ଶିଳ୍ପ, ପରିବହନ ତଥା ବ୍ୟବସାୟରୁ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ପ୍ରଭୃତି ଉନ୍ନତ ରହିବ। ଗୃହୋପକରଣ କ୍ରୟ କରିପାରନ୍ତି ଅଥବା ବନ୍ଧୁ ମିଳନ ଘଟିବାଜନିତ ଖୁସି ରହିପାରନ୍ତି।

**ବୃଷ** ବୁଧଙ୍କ ପ୍ରଭାବରେ ଆପଣଙ୍କ ଟାଣ ଓ ରୋକ୍‌ଠୋକ୍ କଥା ବନ୍ଧୁଙ୍କ ଭାବନାକୁ ବଦଳେଇ ଦେଇପାରେ। ତଥାପି କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଅଟକି ରହିଯାଇଥିବା ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ** ଏକାଧିକ ଗ୍ରହ ରାଶିରେ ଅବସ୍ଥାନ କରୁଥିବାରୁ କର୍ମକ୍ଷେତ୍ରରୁ, ଯାତ୍ରା, ବାଣିଜ୍ୟ, ଅର୍ଥସମ୍ମାନ ସହ ବନ୍ଧୁଙ୍କ ଶୁଭେଚ୍ଛା ପାଇବେ। ଅନ୍ୟକୁ ବହୁତ କହିବେ କିନ୍ତୁ ନିଜକୁ କିଏ କିଛି କହିଲେ ତାହା ସହ୍ୟ କରିବା କାଠିକର ପାଠ ହୋଇପାରେ। ସତର୍କତାର ଅଭାବ କିମ୍ବା ଅନ୍ୟମନସ୍କତାର ସୁଯୋଗ ନେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**କର୍କଟ** ଆଜି ରାଶ୍ୟାଧିପତିଙ୍କ ରାଶିକୁ ଦୃଷ୍ଟି ସ୍ୱାସ୍ଥ୍ୟକୁ ନିୟନ୍ତ୍ରଣ ମଧ୍ୟରେ ରଖିବ। ମଙ୍ଗଳଙ୍କ କର୍ମଭାବସ୍ଥ ସ୍ଥିତି କାରଣରୁ ଶୁଭତ୍ୱ ମଧ୍ୟ ଅନୁଭବ କରିବେ। ପାରିବାରିକ କ୍ଷେତ୍ରରେ ଦୀର୍ଘଦିନର ଆଶା ଫଳବତୀ ହେବାରେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ପାଇପାରନ୍ତି। ସାମାଜିକ ସ୍ତରରେ କଠୋର ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ସିଂହ** ଭାଗ୍ୟାଧିପତିଙ୍କ ଦୃଷ୍ଟିଜନିତ ନିଜର ପ୍ରିୟଜନଙ୍କ ସାନ୍ନିଧ୍ୟ ଲାଭ କରିବା ସହ ଗୁରୁତ୍ୱପୂର୍ଣ୍ଣ କାମ ସମ୍ପନ୍ନ କରିପାରିବେ। ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ ମଧ୍ୟ ସମ୍ମାନ ଲାଭ କରିବାର ଯୋଗ ରହିଛି। କଳା, ସାହିତ୍ୟ, ସଙ୍ଗୀତ ସମାରୋହ, ସାମ୍ବାଦିକତା କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**କନ୍ୟା** କେତୁ ରାଶିରେ ଅବସ୍ଥାନ କରି ଆପଣଙ୍କୁ ନକାରାତ୍ମକ ଚିନ୍ତାଧାରାରେ ବିବ୍ରତ କରାଇପାରନ୍ତି। ସ୍ୱାତୀ ନକ୍ଷତ୍ରର ଚିନ୍ତା ଓ ଭାବନା ଉନ୍ନତ ରହିବା ସହ ଶ୍ରୁତିରୋଚକ କଥନଶୈଳୀର ଆକର୍ଷଣ ସମ୍ମାନ ଓ ସୌଜନ୍ୟ ପ୍ରଦାନ କରାଇବ। ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ଅଗ୍ରାଧିକାର ଦେଇ ସଫଳତା ପାଇପାରନ୍ତି।

**ତୁଳା** ଧନସ୍ଥାନ ପ୍ରତି ମଙ୍ଗଳ ଓ ଗୁରୁଙ୍କ ଦୃଷ୍ଟିରୁ ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ଅସୂୟା ମନୋଭାବ ପୋଷଣ କରୁଥିବା ନିକଟସ୍ଥ ବ୍ୟକ୍ତିଙ୍କଠାରୁ ଯଥାସମ୍ଭବ ଦୂରେଇ ରହିବା ଭଲ ହେବ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଯାହାକି ଆପଣଙ୍କ କାମକୁ ଆସିବ।

**ବିଛା** ଆଜି ଷଷ୍ଠସ୍ଥ ମଙ୍ଗଳଙ୍କ ଯୋଗୁ ପ୍ରତିବନ୍ଧକକୁ ପ୍ରତିହତ କରିବେ। ଅନୁରାଧା ନକ୍ଷତ୍ରର ସାଧାରଣ କଥାରେ ଉଦ୍‌ବେଗ ଓ ଅସ୍ଥିରତା ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି କରିପାରେ। କର୍ମକ୍ଷେତ୍ର କିମ୍ବା ଯାତ୍ରା ସମୟରେ ଅନ୍ୟମନସ୍କତାରୁ କେତେକ ଭୁଲ କରିପାରନ୍ତି। ଶିଳ୍ପ, କାରିଗରି, ବାଣିଜ୍ୟ, ପ୍ରକାଶନ କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହୋଇପାରେ।

**ଧନୁ** ଦ୍ୱାଦଶଭାବକୁ ବୃହସ୍ପତିଙ୍କ ଦୃଷ୍ଟି ପ୍ରଭାବରୁ ଦୂରଯାତ୍ରା ପ୍ରସ୍ତୁତି ପୂର୍ଣ୍ଣାଙ୍ଗ କରିବେ। ଯେଉଁ କାମ ସକାଶେ ଅର୍ଥର ଆବଶ୍ୟକତା ମନେ କରୁଛନ୍ତି ତାହା ଅଳ୍ପ ସମୟ ମଧ୍ୟରେ ପୂରଣ ହୋଇଯିବ। ଉତ୍ତରାଷାଢା ନକ୍ଷତ୍ରର ମାନସିକ ଅବସାଦ ବଢ଼ିବାରୁ କୌଣସି କାମ ଉତ୍ସାହପ୍ରଦ ହୋଇ ନ ପାରେ। କର୍ମକ୍ଷେତ୍ରର ସମସ୍ୟା ସମାଧାନ ଆଶା ରହିଛି।

**ମକର** ଆଜିର ଗ୍ରହସ୍ଥିତିର ଅନୁକୂଳତା ପ୍ରତ୍ୟେକ କାମରେ ସଫଳତା ପ୍ରଦାନ କରିବ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହୋଇପାରେ। ଭ୍ରମଣ ସୁଯୋଗ ଲାଭ କରିବେ ଏବଂ ଅଧିକାଂଶ ସମୟ ଦୂରାଗତ ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ କଟାଇବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ସାମୟିକ ଦୁଃଖକୁ ଭୁଲି ଯାଇପାରନ୍ତି।

**କୁମ୍ଭ** ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ୱଗୃହୀ ଶନିଙ୍କ ସୁପ୍ରଭାବରୁ କୌଣସି କାର୍ଯ୍ୟ ଅଟକିବ ନାହିଁ। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହିବେ ଏବଂ କେତେକ କ୍ଷେତ୍ରରେ ଅନୁତାପ କରିପାରନ୍ତି। ଶିକ୍ଷା, ଗବେଷଣାରେ ପ୍ରଶଂସିତ ହେବେ। ଜମା ପଡୁ ନ ଥିବା କୌଣସି ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** ଆଜି ଚନ୍ଦ୍ରଙ୍କ ସ୍ଥିତି ସନ୍ତାନଙ୍କ ସମସ୍ୟା ସମାଧାନରେ ସଫଳତା ପ୍ରଦାନ କରିବ। ବନ୍ଧୁଙ୍କ ସହ ସୁସମ୍ପର୍କ ବଜାୟ ରଖିବେ। ପାରିବାରିକ କ୍ଷେତ୍ରରେ ବିତର୍କ, ଯାନବାହନ ଚାଳନାରେ ସମସ୍ୟା, ସାଧାରଣ କଥାରେ ଦ୍ୱନ୍ଦ୍ୱ ସୃଷ୍ଟି କରାଇପାରେ। କଳା, ସାହିତ୍ୟ, ସଙ୍ଗୀତ, ପ୍ରବଚନ ତଥା ସାମ୍ବାଦିକତା କ୍ଷେତ୍ରରେ ସମ୍ମାନିତ ହେବେ।

ଆଜି ଜୁନ୍ ୨୪ ତାରିଖ, ଆଷାଢ଼ କୃଷ୍ଣ ତୃତୀୟା ସୋମବାର, ରାଶିନକ୍ଷତ୍ର–ଉତ୍ତରାଷାଢ଼ା/ମକର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ, ଗୃହ ପ୍ରବେଶ, ଜଳାଶୟ ଖନନ ଓ ପ୍ରତିଷ୍ଠା, ଶରଣ, ଦିବା ଘ.୦୮।୪୪ ଗତେ ଘ.୧୦।୨୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୬।୫୨ ଗତେ ଘ.୦୮।୩୧ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### କଳାବଜାରରୁ ...

ଶାଗ ବିଡ଼ାକୁ ୮ରୁ ୧୦ଟଙ୍କା, ପୋଟଳ ୫୦ଟଙ୍କା, କଖାରୁ ୬୦ ଟଙ୍କା ଆଦି ଦରରେ ବିକ୍ରି ହେଉଛି। ରସୁଣ ପ୍ରକାର ଅନୁସାରେ ୨୮୦ରୁ ଆରମ୍ଭ କରି ୩୨୦ଟଙ୍କା ଦରରେ ବିକ୍ରି ହେଉଥିବାବେଳେ ପିଆଜ ୪୦ରୁ ୬୦ ଟଙ୍କାରେ ବିକାଯାଉଛି।

ଭୁବନେଶ୍ୱର ଜଣେ ଗୃହିଣୀ ଶାନ୍ତିଲତା ମହାନ୍ତି କହିଛନ୍ତି, ପ୍ରାୟ ସବୁ ସାମଗ୍ରୀର ଦରବୃଦ୍ଧି ଯୋଗୁ ପରିବାର ଚଳାଇବା କଷ୍ଟସାଧ୍ୟ ହୋଇପଡ଼ିଲାଣି। ବଢ଼ିଲା ବେଳେ ମୂଲ୍ୟ ବହୁତ ବଢୁଛି, ହେଲେ ମୂଲ୍ୟ ହ୍ରାସ ପାଇବାବେଳେ ତାହା ଅତି ନଗଣ୍ୟ। ଚାଉଳ ଦର ୩୫ ଟଙ୍କା ଉପରୁକୁ ବଢୁଥିବାବେଳେ ଡାଲି ୧୨୦ ଟଙ୍କା ହେଲାଣି। ସ୍ୱଳ୍ପ ଆୟରେ ଜିଇବା ଅସମ୍ଭବ ହୋଇପଡ଼ିଲାଣି। ସେହିପରି ହରି ପାତ୍ର ନାମକ ଜଣେ ଯୁବକ କୁହନ୍ତି, ମଧ୍ୟବିତ୍ତ ପରିବାର ଚଳିବା ଖୁବ୍ କଷ୍ଟସାଧ୍ୟ। କାରଣ ମଧ୍ୟବିତ୍ତ ପରିବାରକୁ ସରକାରୀ ଚାଉଳ ମିଳୁନାହିଁ। ମୂଲ୍ୟ ବୃଦ୍ଧି ଅନୁପାତରେ ଦରମା ବୃଦ୍ଧି ପାଉନାହିଁ। ଦରମା ପାଇଁ ଦାବି କଲେ ଛଟେଇ ଭୟ ରହୁଛି। ତେଲ ଲୁଣର ସଂସାର କୁହାଯାଉଥିବାବେଳେ ଏହା କେବଳ ଲୁଣର ସଂସାର ଆଖ୍ୟା ପାଇଲାଣି। ଖାଇବା ତେଲ ସାଙ୍ଗକୁ ପିଆଜ,ରସୁଣ, ଅଦା ଆଦି ସାମଗ୍ରୀର ମୂଲ୍ୟବୃଦ୍ଧି ଭାରି ବାଧୁଛି। ତୁରନ୍ତ ଦରଦାମ ବୃଦ୍ଧି ନିୟନ୍ତ୍ରଣ ନ ହେଲେ ବଞ୍ଚିବା କଷ୍ଟକର ହୋଇପଡ଼ିବ।

ଅନ୍ୟପକ୍ଷରେ ଖାଦ୍ୟ ସାମଗ୍ରୀ ଉତ୍ପାଦନ, ସଂରକ୍ଷଣ, ପରିବହନ ଆଦି କ୍ଷେତ୍ରରେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ଦରଦାମ ବୃଦ୍ଧିର ମୁଖ୍ୟ କାରଣ ବୋଲି କହି ବ୍ୟବସାୟୀ ସରକାରଙ୍କ ଉପରେ ବର୍ଷୁଛନ୍ତି। ଓଡ଼ିଶା ରାଜ୍ୟ ବ୍ୟବସାୟୀ ସଂଘ ମହାସଚିବ ସୁଧାକର ପଣ୍ଡା କହିଛନ୍ତି, ସଚିବାଳୟରେ ବସି ଦରଦାମ ବୃଦ୍ଧିର ସମୀକ୍ଷା କଲେ ଦରଦାମ ବୃଦ୍ଧି ନିୟନ୍ତ୍ରଣ ସମ୍ଭବ ନୁହେଁ। ତୃଣମୂଳସ୍ତରରେ ଏହାର ତର୍ଜମା ହେବା ଦରକାର। ବ୍ୟବସାୟୀଙ୍କ ଉପରେ ଦୋଷ ଲଦି ଦେଇ ସରକାର ନିଜ ଦୋଷ ଖସାଇଦେବା ଉଚିତ୍ ନୁହେଁ। ଆମେ ବାରମ୍ବାର ସରକାରଙ୍କୁ ଅନୁରୋଧ କରିଆସୁଛୁ ଯେ, ସରକାର ବ୍ୟବସାୟୀ ସଂଘ ସହ ଆଲୋଚନା କରିବା ଉଚିତ୍। କମୋଡିଟି ଏକ୍ସଚେଞ୍ଜର ଭୂମିକା କ'ଣ, ରାଜ୍ୟରେ ଉତ୍ପାଦନ ହ୍ରାସ ପାଇବାର କାରଣ କ'ଣ, ପରିବହନ, ସଂରକ୍ଷଣର ସ୍ଥିତି କ'ଣ ଏସବୁ ଜାଣିବା ପରେ ସରକାର ଦରବୃଦ୍ଧିରେ ଅଙ୍କୁଶ ଲଗାଇପାରିବେ। ଛୋଟ ଛୋଟ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆଳରେ ସରକାର ଖସି ଯିବା ଉଚିତ୍ ନୁହେଁ। ସରକାର ଗୋଟିଏ ପଟେ କହୁଛନ୍ତି, ରାଜ୍ୟବାସୀଙ୍କ ଆର୍ଥିକ ସ୍ଥିତି ସୁଧୁରୁଛି। ଅନ୍ୟପଟେ କହୁଛନ୍ତି, କୋଟି କୋଟି ପରିବାରକୁ ମାଗଣା ଖାଦ୍ୟସାମଗ୍ରୀ ଯୋଗାଇ ଦେଉଛନ୍ତି। ଉଭୟ ମନ୍ତବ୍ୟ ପରସ୍ପର ବିରୋଧୀ। ଲୋକଙ୍କୁ ମାଗଣା ଖାଦ୍ୟ ଯୋଗାଇବା ବନ୍ଦ କରିବା ଉଚିତ୍। ଅଣ୍ଡା, ମାଛଠାରୁ ଆରମ୍ଭ କରି ଚାଉଳ, ଆଳୁ, ପିଆଜ, ପନିପରିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ଶୀତଳଭଣ୍ଡାରର ଅଭାବ ଆଦି ସମସ୍ୟା ଦୂର କରାଗଲେ ଖାଉଟିଙ୍କୁ ଖାଦ୍ୟ ସୁରକ୍ଷା ପ୍ରଦାନ କରାଯାଇପାରିବ। ରାତାରାତି ବଢୁଥିବା ଦରଦାମ ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ। ସରକାର ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି, ଯାହାକି ବ୍ୟବସାୟୀଙ୍କ ସହ ନିୟମିତ ଆଲୋଚନା ଦ୍ୱାରା ହିଁ ସମ୍ଭବ।

### ନୋଟ୍ ଛାପୁଛନ୍ତି ...

କୋରାଜଗୁଡ଼ା ଜଙ୍ଗଲରେ କୋମ୍ବିଂ ସମୟରେ ଏକ ମାଓବାଦୀ କ୍ୟାମ୍ପ ଉପରେ ଚଢ଼ାଉ କରିଥିଲେ। ଉକ୍ତ କ୍ୟାମ୍ପରୁ ବନ୍ଧୁକ, ଗୁଳି ଓ ବିପୁଳ ପରିମାଣର ସାମଗ୍ରୀ ଜବତ କରିବା ସହ କିଛି ନକଲି ନୋଟ୍ ଓ ଛପା ମେଶିନ ଜବତ କରିଛନ୍ତି। ଏହି କ୍ୟାମ୍ପରେ ୫୦, ୧୦୦, ୨୦୦ ଓ ୫୦୦ ଟଙ୍କିଆ ଜାଲ ନୋଟ୍ ଛପା ହେଉଥିବା ଦେଖିବାକୁ ମିଳିଛି।

ତଦନ୍ତରୁ ଜଣାପଡିଛି ଯେ, ୨୦୨୨ରୁ ମାଓବାଦୀ ସଙ୍ଗଠନ ପକ୍ଷରୁ ପର୍ଯ୍ୟାୟକ୍ରମେ କେତେଜଣ ବଛାବଛା କ୍ୟାଡରଙ୍କୁ ଟଙ୍କା ତିଆରି କରିବା ଲାଗି ତାଲିମ ଦିଆଯାଉଥିଲା । ଯେତେବେଳେ ବନ୍ଧୁକରେ ଡରାଇ ବାହାରୁ ଟଙ୍କା ଆଣି ପାରିଲେନାହିଁ, ସେତେବେଳେ ଜାଲ ନୋଟ୍ ଛାପି ଭାରତର ଅର୍ଥ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଚାହୁଁଛନ୍ତି ବୋଲି ସୁକ୍‌ମା ଏସ୍‌ପି କିରଣ ଚୌହାନ କହିଛନ୍ତି। ଶିବିରରୁ କେତେଜଣ ମାଓବାଦୀଙ୍କୁ ମଧ୍ୟ ଗିରଫ କରାଯାଇଛି। ମାଓବାଦୀଙ୍କ ଲିଙ୍କ୍ କେତେଦୂର ପର୍ଯ୍ୟନ୍ତ ଲମ୍ବିଛି ଓ ଟଙ୍କା ତିଆରି କରିବା ପେପରଠାରୁ ଆରମ୍ଭକରି ଅନ୍ୟ ଉପକରଣ ସେମାନଙ୍କୁ କିଏ ଯୋଗାଉଥିଲା ସେନେଇ ତଦନ୍ତ ଜାରି ରହିଥିବା ସୁକ୍‌ମା ପୋଲିସ ସୂଚନା ଦେଇଛି।

ଅନ୍ୟପକ୍ଷେ ଓଡ଼ିଶାର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବିପିନ ବିହାରୀ ମିଶ୍ର କହିଛନ୍ତି, ମାଓବାଦୀଙ୍କ ପାଖକୁ ଟଙ୍କାଛପା ଉପକରଣ ପାକିସ୍ତାନ କିମ୍ବା ଚାଇନାରୁ ଆସୁଛି। ବାଂଲାଦେଶ ବାଟ ଦେଇ ସେମାନେ ଏହାକୁ ଭାରତକୁ ଆଣୁଛନ୍ତି। ପୂର୍ବରୁ ଠିକାଦାର ଓ ଗ୍ରାମବାସୀଙ୍କୁ ମାଓବାଦୀମାନେ ଧମକ ଦେଇ ବଟି ଆଦାୟ କରୁଥିଲେ। ହେଲେ ଏବେ ବଟିଆଦାୟ କମିଯାଇଥିବାରୁ ମାଓବାଦୀଙ୍କ ପାଖରେ ଅର୍ଥ ଅଭାବ ଦେଖାଦେଇଛି। ମାଓବାଦୀ ନେତାମାନେ ଛଦ୍ମବେଶରେ ହାଇଦ୍ରାବାଦ, ମୁମ୍ବାଇ, ବେଙ୍ଗାଲୁରୁରେ ସୌଖୀନ ଜୀବନ ବିତାଉଥିବାବେଳେ ସେମାନଙ୍କ ସହଯୋଗୀମାନେ ଜଙ୍ଗଲ ଭିତରେ ବୁଲାବୁଲି କରି ହଇରାଣ ହେଉଛନ୍ତି। ତେଣୁ ସେମାନେ ସଙ୍ଗଠନ ଚଳାଇବା ସହ ନିଜେ ଚଳିବା ପାଇଁ ପାଣ୍ଠିର ଅଭାବ ଥିବାରୁ ଏହି ଜାଲ ନୋଟ୍‌ର ସାହାରା ନେଉଛନ୍ତି। ଜାଲ ନୋଟ୍ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ହେଲେ କେନ୍ଦ୍ର ସରକାରଙ୍କ ତଦନ୍ତ ଏଜେନ୍ସି ଏହା ଉପରେ ନଜର ରଖି ଏ ସଂକ୍ରାନ୍ତୀୟ ତଦନ୍ତକୁ ଅଧିକ ସକ୍ରିୟ କରିବା ଆବଶ୍ୟକ ବୋଲି ପୂର୍ବତନ ଡିଜି ମିଶ୍ର କହିଛନ୍ତି।

### ସୁନାର କେନ୍ଦୁଝର ...

ଏଥିସହ ଜିଲାରେ ଖଣି, ପାଣି ଭରପୂର ଥିବା ବେଳେ ବେକାର ଯୁବତୀଯୁବକମାନେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ଜିଲା ସମସ୍ୟା ସମାଧାନ ସହ ସୁନାର କେନ୍ଦୁଝର ନିର୍ମାଣ କରିବା ତାଙ୍କ ଲକ୍ଷ୍ୟ କହିବା ସହ ମା' ତାରିଣୀଙ୍କ ନିକଟରେ ରାଜ୍ୟବାସୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ମା' ତାରିଣୀ ପୀଠ କିପରି ଜାତୀୟସ୍ତରରେ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇବ ସେ ନେଇ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିବେ। ସେ ଜଣେ ସାଧାରଣ ଗରିବ ପରିବାରର ପିଲା, ତେଣୁ ସାଧାରଣ ଗରିବ ଲୋକଙ୍କ କଥା ବୁଝିବା ପାଇଁ ବେଶି ସମୟ ଲାଗିବ ନାହିଁ ବୋଲି କହିଥିଲେ। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଲୋକଙ୍କ ଅଭିଯୋଗପତ୍ର ଗ୍ରହଣ କରିଥିଲେ। ପରେ କେନ୍ଦୁଝରକୁ ହେଲିକପ୍ଟରରେ ଆସି ରିଜର୍ଭ ପଡ଼ିଆରେ ଓହ୍ଲାଇ ସେଠାରୁ ସର୍କିଟ ହାଉସ୍‌ରେ ବିଶ୍ରାମ ନେଇଥିଲେ। ଅପରାହ୍ନରେ ପୁରୁଣା ବଜାର ସାହିରେ ଅବସ୍ଥାପିତ କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କରିଥିଲେ। ଏକ ରୋଡ୍ ଶୋ'ରେ ସହର ପରିକ୍ରମା କରି କେନ୍ଦୁଝର ଷ୍ଟାଡିୟମଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ। ଏହି ଅବସରରେ ପୁରୁଣା ସହରରେ ଥିବା ବେଦ ବିଦ୍ୟାଳୟକୁ ଯାଇଥିଲେ। ରାସ୍ତା କଡ଼ରେ ବହୁ ସଂଖ୍ୟାରେ ଲୋକ ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ। ସଭାରେ ବିଭିନ୍ନ ଅନୁଷ୍ଠାନ, ସଂଗଠନ ତଥା କାର୍ଯ୍ୟକର୍ତ୍ତା, କର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଗସ୍ତ ସମୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ, ଜିଲାପାଳ ବିଶାଳ ସିଂହ, ଏସ୍‌ପି ନୀତିନ କୁଶଲକରଙ୍କ ସମେତ ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

### ସ୍ୱର୍ଣ୍ଣମନ୍ଦିରରେ ଯୋଗ ...

କିନ୍ତୁ ଏହାର ଫଟୋ ଓ ଭିଡିଓ ଭାଇରାଲ ହେବା ପରେ ସେ କେତେଜଣ ବ୍ୟକ୍ତିଙ୍କ ଟାର୍ଗେଟକୁ ଆସିଯାଇଥିଲେ। ତାଙ୍କୁ ଫୋନ୍ କଲ୍ କରି ଦୁର୍ବ୍ୟବହାର କରାଯାଉଛି। ଏପରି କି ଖରାପ ଭାଷାରେ ଗାଳିଗୁଲଜ ସହ ହତ୍ୟା ଧମକ ମଧ୍ୟ ଦିଆଯାଉଛି। ତେବେ ସେ ଏଭଳି ଭୁଲ୍‌ର ପୁନରାବୃତ୍ତି କରିବେ ନାହିଁ କହି ଶିଖ୍ ସମ୍ପ୍ରଦାୟକୁ କ୍ଷମା ମାଗିଛନ୍ତି। ଏସ୍‌ଜିପିସି ଅଧ୍ୟକ୍ଷ ତଥା ଆଇନଜୀବୀ ହରଜିନ୍ଦର ସିଂ ଧାମି କହିଛନ୍ତି, ସ୍ୱର୍ଣ୍ଣମନ୍ଦିରର ପବିତ୍ରତାକୁ କେତେଜଣ ବ୍ୟକ୍ତି ଜାଣିଶୁଣି ଅଣଦେଖା କରି ଘୃଣ୍ୟ କାର୍ଯ୍ୟ କରୁଛନ୍ତି। କର୍ତ୍ତବ୍ୟରେ ଅବହେଳା ପାଇଁ ଏସ୍‌ଜିପିସି ନିଜ ୩ କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନେଇଛି। ସେମାନଙ୍କୁ ୫,୦୦୦ ଟଙ୍କା ଲେଖାଏ ଜରିମାନା କରାଯାଇଛି।

### ଆଜିଠୁ ସ୍ୱାଭାବିକ ...

ଏହାଦ୍ୱାରା ଗଣିତରେ ଛାତ୍ରୀଛାତ୍ରଙ୍କ ଭଲ ଜ୍ଞାନ ଆସିବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗ୍ରୀଷ୍ମ ଅବକାଶ ପରେ ଗତ ୧୮ତାରିଖ ଦିନ ସ୍କୁଲ ଖୋଲିଥିଲା। ହେଲେ ଖରା ଓ ଗୁଲୁଗୁଲି ଜାରି ରହିଥିବାରୁ ସ୍କୁଲ ଖୋଲିବା ନିଷ୍ପତ୍ତି ରାଜ୍ୟ ସରକାର ଜିଲାପାଳମାନଙ୍କୁ ଦେଇଥିଲେ। ତେଣୁ ରାଜ୍ୟର ସବୁ ଜିଲାରେ ସ୍କୁଲ ଖୋଲି ନ ଥିଲା। ଯେଉଁ ଜିଲାରେ ସ୍କୁଲଗୁଡ଼ିକ ଖୋଲା ଯାଇଥିଲା, ସେଠାରେ ସକାଳୁଆ ହୋଇଥିଲା। ଭଦ୍ରକ, ଗଞ୍ଜାମ, ବରଗଡ଼, ନୂଆପଡ଼ା, ବଲାଙ୍ଗୀର, ସମ୍ବଲପୁର, ସୁନ୍ଦରଗଡ଼, ସୁବର୍ଣ୍ଣପୁର, ଗଜପତି ଓ ମୟୂରଭଞ୍ଜରେ ଜିଲାପାଳମାନେ ୨୦ ତାରିଖ ଯାଏ ଛୁଟି ଘୋଷଣା କରିଥିଲେ। ନୟାଗଡ଼ ଜିଲାରେ ୧୯ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଥିଲା। ଏହାପରେ ୨୦ରୁ ୨୨ ପର୍ଯ୍ୟନ୍ତ ସକାଳ ସାଢ଼େ ୬ରୁ ସାଢ଼େ ୧୦ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ ହେବ ବୋଲି ସ୍ଥାନୀୟ ଜିଲାପାଳମାନେ ନିର୍ଦ୍ଦେଶ ଦେଇଥିଲେ।

## ଟ୍ରେନ୍‌ରୁ ୨ ବିହାରୀ ୱାଣ୍ଟେଡ୍ ଗିରଫ: ୨୪ ଲକ୍ଷ ଟଙ୍କା ଜବତ

- କଟକ ଆରପିଏଫ୍, ନାଲଗୋଣ୍ଡା ପୋଲିସ୍‌ର ମିଳିତ ଚଢ଼ାଉ
- ଫଲକନୁମା ଏକ୍ସପ୍ରେସ୍‌ରେ ଯାଉଥିଲେ

କଟକ,୨୩।୬ (କାର୍ତ୍ତିକ ସାହୁ)

କଟକ ଆର୍‌ପିଏଫ୍ ଓ ତେଲଙ୍ଗାନା ରାଜ୍ୟ ନାଲଗୋଣ୍ଡା ଥାନା ପୋଲିସ୍‌ର ମିଳିତ ଚଢ଼ାଉରେ ରବିବାର ଫଲକନୁମା ଏକ୍ସପ୍ରେସ୍ ଟ୍ରେନ୍‌ରୁ ୨ ବିହାରୀ ୱାଣ୍ଟେଡ୍ ଅଭିଯୁକ୍ତ ଧରାପଡ଼ିଛନ୍ତି। ସେମାନଙ୍କ ନିକଟରୁ ୨୪ ଲକ୍ଷ ଟଙ୍କା ଜବତ ହୋଇଛି। ସେମାନେ ହେଲେ ରାମନାରାୟଣ ଯାଦବ (୪୦) ଓ ସେକ୍ ସିରାଜ (୪୩)। ଉଭୟଙ୍କ ଘର ବିହାରର କଟିହାରୀ ଜିଲା ମଣିହାରି ଥାନା ଅନ୍ତର୍ଗତ ମଣିହାରୀ ଗ୍ରାମରେ ବୋଲି ସୂଚନା ମିଳିଛି।

ଫଲକନୁମା ଏକ୍ସପ୍ରେସ୍‌ରେ ଦୁଇ ୱାଣ୍ଟେଡ୍ ଅଭିଯୁକ୍ତ ଯାତ୍ରା କରିବା ନେଇ ନାଲଗୋଣ୍ଡା ପୋଲିସଠାରୁ କଟକ ଆର୍‌ପିଏଫ୍ ସୂଚନା ପାଇଥିଲା। ନାଲଗୋଣ୍ଡା ପୋଲିସ ଅଭିଯୁକ୍ତଦ୍ୱୟଙ୍କ ମୋବାଇଲ୍ ଲୋକେଶନ୍ ଟ୍ରେସ୍ କରି ସେମାନଙ୍କୁ ଟ୍ରେନ୍‌ରେ ଧରିବାକୁ ପ୍ରୟାସ ଚଳାଇଥିଲା। ହେଲେ ସଫଳ ହୋଇପାରି ନ ଥିଲା। ତେବେ ପରେ କଟକ ଆର୍‌ପିଏଫ୍ ଉକ୍ତ ଟ୍ରେନ୍‌ର ଗତିବିଧି ଓ ଅପରାଧିଦ୍ୱୟଙ୍କ ମୋବାଇଲ୍ ଲୋକେଶନ୍ ଉପରେ ଦୃଷ୍ଟି ରଖିଥିଲା। ହଠାତ୍ ଆର୍‌ପିଏଫ୍ ଜାଣିବାକୁ ପାଇଥିଲା ଯେ, ଟ୍ରେନ୍‌ଟି କଟକ ଷ୍ଟେଶନ୍‌ରୁ ଛାଡ଼ିବାକୁ ପ୍ରସ୍ତୁତ ହେଉଛି। ଏହି ସମୟରେ ଯାଜପୁର ଆର୍‌ପିଏଫ୍‌କୁ କଟକରୁ ଏନେଇ ସୂଚନା ଦିଆଯାଇଥିଲା। ଫଲକନୁମା ଏକ୍ସପ୍ରେସ୍ ଟ୍ରେନ୍‌କୁ ଯଥେଷ୍ଟ ଆରପିଏଫ୍ କର୍ମଚାରୀ ଓ ଅଧିକାରୀ ତନଖି କରିବା ପାଇଁ ସୂଚନା ଦିଆଯାଇଥିଲା। ଟ୍ରେନ୍ କଟକ ଛାଡ଼ିବା ପରେ ସେଥିରେ ଥିବା କଟକ ଆର୍‌ପିଏଫ୍ ଟିମ୍ ଅଭିଯୁକ୍ତଦ୍ୱୟଙ୍କୁ ସେହି ଟ୍ରେନ୍‌ରେ ଖୋଜିଥିଲେ। ଯାଜପୁର ଷ୍ଟେଶନରେ ଟ୍ରେନ୍ ପହଞ୍ଚିବା ପୂର୍ବରୁ ସେମାନେ ଆର୍‌ପିଏଫ୍ ହାତରେ ଧରାପଡ଼ିଥିଲେ। ସେମାନଙ୍କ ନିକଟରେ ଥିବା ନଗଦ ୩ ଲକ୍ଷ ଟଙ୍କା ଓ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨୧ ଲକ୍ଷ ଜବତ କରାଯାଇଥିଲା। ଜବତ ଟଙ୍କା ସହ ସେମାନଙ୍କୁ ଯାଜପୁର ଷ୍ଟେଶନ୍‌ରେ ଓହ୍ଲାଇ ହେପାଜତରେ ରଖାଯାଇଥିଲା। ତେଲଙ୍ଗାନା ନାଲଗୋଣ୍ଡାର ରାମ ଚ୍ୟାରିଙ୍କଠାରୁ ସେମାନେ ଏହି ମୋଟା ଅଙ୍କର ଅର୍ଥ ଲୁଟିଥିଲେ। ତେବେ ଉଭୟଙ୍କୁ ନାଲଗୋଣ୍ଡା ପୋଲିସ ଗିରଫ କରି ତେଲଙ୍ଗାନା ଫେରିଯାଇଥିଲା।

# ଭାରତର ଦିଶା ପରିବର୍ତ୍ତନର ମହାନାୟକ ଶ୍ୟାମାପ୍ରସାଦ

ଭୁବନେଶ୍ୱର,୨୩।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଜଣେ ଶିକ୍ଷାବିତ୍, ସଂସ୍କୃତି ଗବେଷକ, ଦୂରଦୃଷ୍ଟିସମ୍ପନ୍ନ ପ୍ରତିବଦ୍ଧ ରାଜନେତା ଭାବରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଭାରତ ଇତିହାସରେ ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଭାବରେ ବେଶ୍ ଆଦୃତ। ସେ ହେଉଛନ୍ତି ଭାରତବର୍ଷର ଦଶା ଓ ଦିଶା ପରିବର୍ତ୍ତନର ମହାନାୟକ। କୋଲକାତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଥିବା ଡ. ମୁଖାର୍ଜୀ ପଶ୍ଚିମବଙ୍ଗ ରାଜ୍ୟ ପ୍ରତିଷ୍ଠାର ଜନକ ଭାବରେ ପରିଚିତ। ମହାତ୍ମା ଗାନ୍ଧୀଙ୍କ ଭାଷାରେ ମଦନ ମୋହନ ମାଲବ୍ୟଙ୍କ ପରେ ହିନ୍ଦୁମାନଙ୍କର ନେତୃତ୍ୱ ନେବାରେ ଶ୍ୟାମାପ୍ରସାଦ ଥିଲେ ଅଗ୍ରଗଣ୍ୟ। ୧୯୨୯ରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ଶ୍ୟାମାପ୍ରସାଦ କେନ୍ଦ୍ରମନ୍ତ୍ରୀ ଥିବାବେଳେ ଜାତୀୟ ଶିଳ୍ପନୀତିର କର୍ଣ୍ଣଧାର ସାଜିଥିଲେ ବୋଲି ବାଚସ୍ପତି ସୁରମା ପାଢ଼ୀ ମତବ୍ୟକ୍ତ କରିଛନ୍ତି। ରବିବାର ସୂଚନା ଭବନଠାରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି ଏହା କହିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଶ୍ୟାମାପ୍ରସାଦଙ୍କୁ ସାଂସ୍କୃତିକ ରାଷ୍ଟ୍ରବାଦ ଓ ଜାତୀୟତାର ଉଦ୍‌ଘୋଷକ ଭାବେ ବର୍ଣ୍ଣନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, କଶ୍ମୀର ପରିପ୍ରେକ୍ଷୀରେ ଦେଶରେ ଦୁଇଟି ବିଧାନ ଚଳିବ ନାହିଁ ବୋଲି ଘୋଷଣା କରି ଶ୍ୟାମାପ୍ରସାଦ ଦେଶର ଏକତା ଓ ସାର୍ବଭୌମତ୍ୱ ପାଇଁ ବିଶାଳ ଅଭିଯାନ ଆରମ୍ଭ କରିଥିଲେ। ଦେଶର ଅନିଷ୍ଟ କରୁଥିବା ନୀତିର ବିରୋଧ କରି ସେ ରାଜନୈତିକ ଦୃଷ୍ଟିରୁ ଆକ୍ରୋଶର ଶିକାର ହୋଇ ମଧ୍ୟ ନିଜ ରାଜନୈତିକ ଆଦର୍ଶରେ ଅଟଳ ଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଗବେଷକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ କହିଲେ, ନେହେରୁଙ୍କ ସରକାରରେ ଶ୍ୟାମାପ୍ରସାଦ ବିରୋଧୀ ଦଳଗୁଡ଼ିକର ଅଘୋଷିତ ନେତା ଥିଲେ। ଉତ୍କଳ ଗୌରବ ମଧୁସୂଦନ ଶ୍ୟାମାପ୍ରସାଦଙ୍କ ପିତା ଆଶୁତୋଷ ମୁଖାର୍ଜୀଙ୍କ ଗୃହଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ। ୧୯୪୮ରେ ମଧୁବାବୁଙ୍କ ଜନ୍ମ ଶତବାର୍ଷିକୀ ପାଳନ ସମୟରେ



ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ରାଜ୍ୟସ୍ତରୀୟ ବଳିଦାନ ଦିବସ କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ।

### ବଳିଦାନ ଦିବସରେ ଶ୍ରଦ୍ଧାଞ୍ଜଳି

ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଶ୍ୟାମାପ୍ରସାଦ ମଧୁବାବୁଙ୍କ ସ୍ମୃତିରେ 'ମାଇଁ ଇମ୍ପ୍ରେସନ୍' ଶୀର୍ଷକ ଆଲେଖ ଲେଖିଥିଲେ ଏବଂ ସେହି ଆଲେଖ ସେତେବେଳେ ଉତ୍କଳ ପ୍ରସଙ୍ଗ ପତ୍ରିକାରେ ପ୍ରକାଶିତ ହୋଇଥିଲା। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ ମୁଖାର୍ଜୀଙ୍କ ବ୍ୟକ୍ତିତ୍ୱ ଓ ରାଷ୍ଟ୍ର ନିର୍ମାଣରେ ଭୂମିକା ଉପରେ ଆଲୋକପାତ କରିଥିଲେ। ତନୟା ଦାସଗୋସ୍ୱାମୀଙ୍କ ନେତୃତ୍ୱରେ ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ରର ଶିଳ୍ପୀମାନେ ଶ୍ୟାମାପ୍ରସାଦଙ୍କ ଜୀବନୀ ଆଧାରିତ ସ୍ୱାଗତ ଗୀତିକା ପରିବେଷଣ କରିଥିଲେ। ବିଭାଗର ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା ଓ ଫାଉଣ୍ଡେଶନ ସଭାପତି ଭୁବନାନନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଇଂଲିଶ୍ ବର୍ଣ୍ଣମାଳା ଚିହ୍ନିବା ସହ ୯ ପ୍ରାଣୀଙ୍କ ସ୍ୱର ମିଳାଉଛନ୍ତି

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଲେ ଦେଢ଼ବର୍ଷର ଶିଶୁ


ଯୋଡ଼ା,୨୩।୬(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରସ୍ଥିତ କଣ୍ଟ୍ରାକ୍ଟର କଲୋନୀରେ ରହୁଥିବା ବିଶ୍ୱଜିତ ବେଉରିଆଙ୍କ ଦେଢ଼ ବର୍ଷୀୟ ଶିଶୁପୁତ୍ର ଅକ୍ଷିତ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଛୋଟ ବୟସରେ ବିନା ତାଲିମରେ ଇଂଲିଶ୍ ବର୍ଣ୍ଣମାଳାର ୨୬ ଅକ୍ଷର ଚିହ୍ନିବା ସହ ପ୍ରାଣୀଙ୍କ ସ୍ୱର କରି ସମସ୍ତଙ୍କୁ ଚକିତ କରିଛନ୍ତି। ତାଙ୍କର ବିସ୍ମୟ କାର୍ଯ୍ୟ ପରିବାର ତଥା ଅଞ୍ଚଳ ପାଇଁ ଗୌରବ ଆଣିଛି।

ସୂଚନା ଅନୁଯାୟୀ, ଅକ୍ଷିତ ୨୦୨୨ ନଭେମ୍ବର ୫ରେ ଜନ୍ମଗ୍ରହଣ କରିଥିଲେ। ସେ ଅନେକ ସମୟରେ ଚମତ୍କାର କାର୍ଯ୍ୟକଳାପ ଦେଖାଉଥିଲେ। ଏହାକୁ ଦୃଷ୍ଟିରେ ରଖି ପରିବାର ଲୋକେ ପ୍ରତି ବର୍ଷ ହେଉଥିବା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପ୍ରତିଯୋଗିତାକୁ ଅକ୍ଷିତଙ୍କ ବିଭିନ୍ନ କ୍ଷେତ୍ରରେ ପ୍ରଦର୍ଶନ କରୁଥିବା କାର୍ଯ୍ୟକଳାପକୁ ଭିଡିଓ ରେକର୍ଡ କରି ପଠାଇଥିଲେ। ଏହାକୁ ଯାଞ୍ଚ କରି ଇଣ୍ଡିଆ ବୁକ୍ ଅଫ ରେକର୍ଡସ୍ (ଆଇବିଆର୍) ଅକ୍ଷିତଙ୍କୁ 'ଆଇବିଆର ଆଚିବର' ଭାବେ ଚୟନ କରି ସାର୍ଟିଫିକେଟ୍ ପ୍ରଦାନ କରିଛି। ଦେଢ଼ ବର୍ଷ ବୟସରେ ଅକ୍ଷିତ ଇଂରାଜୀ ବର୍ଣ୍ଣମାଳାର ୨୬ଟି ଅକ୍ଷରକୁ ବିନା ତାଲିମରେ ଚିହ୍ନିପାରିବା ସହିତ ଶରୀରର ୨୦ ବିଭିନ୍ନ ଅଙ୍ଗକୁ ଚିହ୍ନଟ କରି ଦର୍ଶାଇବା, ୧୨ ବିଭିନ୍ନ ରଙ୍ଗକୁ ଚିହ୍ନଟ କରିବା, ୧୨ ବିଭିନ୍ନ ଛବି, ୧୦ ପ୍ରକାରର ଆକୃତି ଓ ୭ ପ୍ରକାରର ଫଳକୁ ଇଙ୍ଗିତରେ ଚିହ୍ନଟ କରି ଦର୍ଶାଉଛନ୍ତି। ଏଥିସହିତ ୯ଟି ବିଭିନ୍ନ ପ୍ରାଣୀଙ୍କ ଶବ୍ଦକୁ ମିମିକ୍ରି କରିପାରୁଥିବାରୁ ଅକ୍ଷିତଙ୍କୁ ଚୟନ କରାଯାଇଥିବା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ପ୍ରଦାନ କରିଥିବା ସାର୍ଟିଫିକେଟ୍‌ରେ ଦର୍ଶାଯାଇଛି।



ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍ ସାର୍ଟିଫିକେଟ୍, ପଦକ ସହ ଅକ୍ଷିତ।



ରତ୍ନଭଣ୍ଡାର ସୁରକ୍ଷା ବାର୍ତ୍ତା ଦେଇ ପୁରୀ ବେଳାଭୂମିରେ ରବିବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# 'ମାଆଙ୍କ ପାଇଁ ଗଛଟିଏ' ଅଭିଯାନ ବ୍ୟାପକ କରିବାକୁ ଉପମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୩।୬(ଅସମାପିକା ସାହୁ)

### ମିଶନ ଶକ୍ତି ଭବନ ପରିସରରେ ଚାରା ରୋପଣ

ମିଶନ ଶକ୍ତି ଭବନ ପରିସରରେ ଉପମୁଖ୍ୟମନ୍ତ୍ରୀ ତଥା ମିଶନ ଶକ୍ତି ମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର 'ଏକ୍ ପେଡ୍ ମାଁ କେ ନାମ୍ (ମା'ଙ୍କ ପାଇଁ ଗଛଟିଏ)' ଅଭିଯାନ ଅଧୀନରେ ବଉଳ ଚାରା ରୋପଣ କରିଛନ୍ତି। ପ୍ରକୃତିର ସୁରକ୍ଷା ସହିତ ଗଛକୁ ନିଜ ମାତା ପରି ସମ୍ମାନ ଦେବା ଏହି ଅଭିଯାନର ଲକ୍ଷ୍ୟ ରହିଛି। ତେବେ ଚାରା ରୋପଣ ପରେ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମିଶନ ଶକ୍ତି ଜିଲା ତଥା ବ୍ଲକ ସ୍ତରୀୟ ମହାସଂଘ ଲିଡର ଏବଂ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନେ ଯୋଗଦେଇ ଏହି ପରିବେଶ ଅଭିମୁଖୀ ପଦକ୍ଷେପକୁ ସମର୍ଥନ କରିଥିଲେ। ବୈଠକରେ ଉପମୁଖ୍ୟମନ୍ତ୍ରୀ ପରିଡା ମା'ମାନଙ୍କୁ ସମ୍ମାନ ଦେବା ସହ ଏକ ସବୁଜ ଓଡ଼ିଶା ଗଠନ ଲକ୍ଷ୍ୟରେ ପ୍ରତ୍ୟେକ ନାଗରିକଙ୍କୁ ନିଜ ମାଆଙ୍କ ନାମରେ ଗଛ ଲଗାଇବାକୁ ଉତ୍ସାହିତ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପରିବେଶ ସୁରକ୍ଷା ପାଇଁ ସମଗ୍ର ସମ୍ପ୍ରଦାୟ ଏକଜୁଟ ହେବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ ଏବଂ ମିଶନ ଶକ୍ତି ଲିଡର୍ ତଥା ବିଭାଗୀୟ ଅଧିକାରୀମାନଙ୍କୁ ଏହି ଅଭିଯାନକୁ ସାରା ରାଜ୍ୟରେ ବ୍ୟାପକ କରିବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହାଛଡ଼ା ବୈଠକରେ ପରିଡ଼ା ବିକଶିତ ଓଡ଼ିଶା ସ୍ୱପ୍ନ ପୂରଣ ହେବାରେ ମିଶନ ଶକ୍ତିର ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହିତ ମିଶନ ଶକ୍ତି ରାଜ୍ୟରେ ସାମାଜିକ ଏବଂ ଅର୍ଥନୈତିକ ବିପ୍ଳବ ଆଣିଥିବା ବିଷୟରେ ମଧ୍ୟ କହିଥିଲେ। ଏହି ଅବସରରେ ଅଭିଯାନର ଦୃଢ଼ ସମର୍ଥନରେ ମିଶନ ଶକ୍ତି ଲିଡରମାନେ ସାରା ରାଜ୍ୟରେ ୨.୫ କୋଟି ବୃକ୍ଷ ରୋପଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।


ମିଶନ ଶକ୍ତି ଭବନ ପରିସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ବଉଳ ଚାରା ରୋପଣ କରୁଛନ୍ତି।

# ଆଇଇଡି ବିସ୍ଫୋରଣରେ ୨ ଯବାନ ମୃତ

ମାଲକାନଗିରି,୨୩।୬ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ମାଓବାଦୀଙ୍କ ଦ୍ୱାରା ବିଛା ଯାଇଥିବା ଆଇଇଡି ବିସ୍ଫୋରଣରେ ରବିବାର ୨ ଯବାନଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିଷ୍ଣୁ ଆର୍ ଓ ସୋଇଲେନ୍ଦ୍ରା। ସୁକ୍‌ମା ଜିଲା କୋବ୍ରା ବାହିନୀ ଯବାନମାନେ ସିଲଗୁର କ୍ୟାମ୍ପଠାରୁ ରୋଡ ଓପନିଂ ପାର୍ଟି କାର୍ଯ୍ୟରେ ବାହାରିଥିବା ବେଳେ ଏହି ଯବାନମାନେ ଟେକାଲଗୁଡମ ଆଡ଼କୁ ଯାଉଥିବା ବେଳେ ଆଇଇଡି ବିସ୍ଫୋରଣ ହୋଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁଇ ଯବାନଙ୍କ ପରିବାରବର୍ଗଙ୍କୁ ଖବର ଦିଆଯାଇ ଉକ୍ତ ଅଞ୍ଚଳରେ କୋମ୍ବିଂ ଜୋରଦାର କରାଯାଇଛି। ମୃତଦେହ ଘଟଣାସ୍ଥଳରୁ ଜବତ କରାଯାଇଛି।



# ମା' କୋଳରୁ ଶିଶୁକୁ ଝାମ୍ପିନେଲା ହେଟାବାଘ

ପାଟଣା,୨୩।୬(ବୀର କିଶୋର ଦାଶ)

### ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଖୀରେଇଟାଙ୍ଗିରୀ ସେକ୍ସନ ତିଣ୍ଡା ବିଟ୍ ନିହୁଆଁ ଗ୍ରାମ ମୁଣ୍ଡାସାହିରେ ହେଟାବାଘ ଆତଙ୍କ ଖେଳାଇଛି। ଶନିବାର ରାତି ୩ଟାରେ ହେଟାବାଘ ମା' କୋଳରେ ଶୋଇଥିବା ୪ ବର୍ଷର ଶିଶୁପୁତ୍ରଙ୍କୁ ଝାମ୍ପି ନେଇଥିଲା। ଶିଶୁ ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଶିଶୁପୁତ୍ର ଜଣକ ହେଉଛନ୍ତି ଉକ୍ତ ଗ୍ରାମର ସ୍ୱର୍ଗତ ଅନାମ ମୁଣ୍ଡାଙ୍କ ପୁଅ ବାବାଜୀ।

ସୂଚନା ଅନୁଯାୟୀ, ଶନିବାର ବିଳମ୍ବିତ ରାତିରେ ଗୁଳୁଗୁଳି ଓ ଗରମ ଯୋଗୁ ଘର ବାରଣ୍ଡାରେ ମା' ଚୂଡ଼ାମଣି କୋଳରେ ଶିଶୁପୁତ୍ରଙ୍କୁ ଧରି ଶୋଇଥିଲେ। ତାଙ୍କ ସହ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଘର ବାହାରେ ଶୋଇଥିଲେ। ରାତିରେ ଏକ ହେଟାବାଘ ଶିଶୁପୁତ୍ରଙ୍କୁ ଝାମ୍ପି ନେଇଥିଲା। ଏହି ସମୟରେ ଶିଶୁ କାନ୍ଦିବା ଓ ବାଘ ଶବ୍ଦରେ ପରିବାର ଲୋକଙ୍କ ନିଦ ଭାଙ୍ଗିଯିବାରୁ ହେଟାବାଘ ଶିଶୁପୁତ୍ରଙ୍କୁ ଛାଡ଼ି ପଳାଇଥିଲା। ହେଟାବାଘ ଆକ୍ରମଣରେ ଶିଶୁପୁତ୍ର ଶରୀରରେ କ୍ଷତସୃଷ୍ଟି ହୋଇଛି। ପରିବାର ଲୋକେ ପ୍ରଥମେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଭାରପ୍ରାପ୍ତ ବନପାଳ ଡଲିରାଣୀ ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖି ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଜଙ୍ଗଲ ଜମି କିସମ ପରିବର୍ତ୍ତନ ପ୍ରକ୍ରିୟାରେ ରୋକ

ଖୋର୍ଦ୍ଧା, (ପ୍ରଭାତ ପାଣିଗ୍ରାହୀ)/ ଭୁବନେଶ୍ୱର,୨୩।୬(ଅସମାପିକା ସାହୁ)

### କିସ୍‌କୁ ଝଟକା

ଜଙ୍ଗଲ ଜମି ଆବଣ୍ଟନ ମାମଲାରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇସେନ୍ସ(କିସ୍)କୁ ଝଟକା ଲାଗିଛି। ଚନ୍ଦକା ବନ୍ୟଜନ୍ତୁ ଡିଭିଜନ ଅଧୀନରେ ଥିବା ୪.୦୩୨ ହେକ୍ଟର ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟାରେ ସ୍ପଷ୍ଟୀକରଣ ନ ମିଳିବା ପର୍ଯ୍ୟନ୍ତ ହସ୍ତାନ୍ତର କିମ୍ବା କୌଣସି ପଦକ୍ଷେପ ଗ୍ରହଣ ନ କରିବାକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଗତ ଜୁନ ୨୧ରେ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ଜମିର କିସମ ପରିବର୍ତ୍ତନକୁ ନେଇ କେନ୍ଦ୍ର ସରକାରଙ୍କ ନିକଟରେ ହୋଇଥିବା ଅଭିଯୋଗ ଆଧାରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆନୁଷ୍ଠାନିକ ଭାବେ ଅନୁମୋଦନ ଦିଆ ନ ଯିବା ପର୍ଯ୍ୟନ୍ତ କିସମ ପରିବର୍ତ୍ତନ ପ୍ରକ୍ରିୟାକୁ ସ୍ଥଗିତ ରଖିବା ସହ ଏହି ପ୍ରସଙ୍ଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଲାଗି ମଧ୍ୟ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅଭିଯୋଗ ଅନୁସାରେ, ୨୦୨୪ ଫେବୃୟାରୀ ୨୧ରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ତତ୍କାଳୀନ ରାଜ୍ୟ ସରକାରଙ୍କୁ ଏକ ଚିଠି ଲେଖି କିସ୍‌କୁ ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ କେତେକ ସର୍ତ୍ତ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ରାଜ୍ୟ ସରକାରଙ୍କ ଜଙ୍ଗଲ ବିଭାଗ ତାହାକୁ ଗୁରୁତ୍ୱ ଦେଇ ନ ଥିବାବେଳେ ଖୋର୍ଦ୍ଧାର ତତ୍କାଳୀନ ଜିଲାପାଳ କିସ୍ ସପକ୍ଷରେ ଏହି ୪.୦୩୨ ହେକ୍ଟର ରାଜସ୍ୱ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏପରିକି ସେଠାରେ ବେଆଇନ ଭାବେ ନିର୍ମାଣ ମଧ୍ୟ ଚାଲିଥିବା ଅଭିଯୋଗ ହୋଇଥିଲା। ଅନ୍ୟପଟେ ଏକ ଜଙ୍ଗଲ ଜମି ଉପରେ କିସ୍ ଦ୍ୱାରା ବେଆଇନ ନିର୍ମାଣକୁ ନେଇ ପୂର୍ବରୁ ଏନ୍‌ଜିଟି ରାୟ ଦେଇସାରିଛନ୍ତି। ତେଣୁ ଜଙ୍ଗଲ ଜମି ଉପରେ ପୂର୍ବରୁ କିପରି ବେଆଇନ ଭାବେ ନିର୍ମାଣ ପାଇଁ ଅନୁମତି ଦିଆଯାଇଛି ବୋଲି ପରିବେଶବିତ୍‌ମାନେ ପ୍ରଶ୍ନ ଉଠାଇଛନ୍ତି। ଏଥିସହ କେନ୍ଦ୍ରରୁ ନିର୍ଦ୍ଦେଶ ଆସିବା ପରେ ରାଜ୍ୟ ସରକାର ଏଥିରେ ତତ୍ପରତା ଦେଖାଇବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏ ସମ୍ପର୍କରେ ସୂଚନା ଅଧିକାରୀ କର୍ମୀ ପ୍ରଦୀପ ପ୍ରଧାନ କହିଛନ୍ତି, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯେଉଁ ଜଙ୍ଗଲ ଜମି ମାଡ଼ି ବସିଛନ୍ତି ସରକାର ତାହାକୁ ସରକାରୀ ଖାତାକୁ ଆଣିବା ଉଚିତ। କିନ୍ତୁ ସେତେବେଳେ ବିଜେଡି ସରକାର ଥିବାରୁ ଅଚ୍ୟୁତ ସାମନ୍ତ ବିଜେଡିର ଏମ୍‌ପି ହୋଇଥିବାରୁ ତାହା ହେଲା ନାହିଁ। ବରଂ ସରକାର ତାଙ୍କୁ ତାଙ୍କ ଅକ୍ତିଆରରେ ରଖିବା ପାଇଁ ଅନୁମତି ଦେଲେ। ଏବେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଆସିବା ପରେ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଉଛନ୍ତି, ତା'ଉପରେ ନଜର ରହିବ ବୋଲି ପ୍ରଦୀପ କହିଛନ୍ତି।

ତେବେ ଜଙ୍ଗଲ ଜମିକୁ ନେଇ ରହିଥିବା ଅଭିଯୋଗ ଓ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପ୍ରସଙ୍ଗରେ ଅଚ୍ୟୁତ ସାମନ୍ତଙ୍କ ପ୍ରତିକ୍ରିୟା ମିଳି ନ ଥିବା ବେଳେ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, କେନ୍ଦ୍ର ଆଦିବାସୀ ବ୍ୟାପର ମନ୍ତ୍ରଣାଳୟରୁ ଚିଠି ଆସିବା ପରେ ଘଟଣାର ଅନୁଧ୍ୟାନ ଚାଲିଛି। ଆଗରୁ କ'ଣ ହୋଇଥିଲା ଜାଣିନୁ। କେସ୍ ରେକର୍ଡ ଅନୁଧ୍ୟାନ କରାଯିବ। ଏହାର ସବିଶେଷ ତଦନ୍ତ କରାଯିବ ବୋଲି ଜିଲାପାଳ କହିଛନ୍ତି।

# ଛାଟ ପୂର୍ବରୁ ଗାଦି ଛାଡ଼ିବାକୁ ପ୍ରୟାସ

ବାରିପଦା,୨୩।୬ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବଦଳି ଋତୁ ଆରମ୍ଭ ହେବା ପୂର୍ବରୁ ଅଧିକାରୀ, କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି। ଦୀର୍ଘଦିନ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକରେ ଅଧିକାରୀ ଓ କର୍ମଚାରୀମାନେ କାମ ନ କରି ଆସନକୁ ଅକ୍ତିଆର କରି ନିଜର ପସରା ମେଲାଇବାରେ ଲାଗିଥିଲେ। ଏବେ ନୂଆ ସରକାରଙ୍କ ଛାଟ ବାଜିବା ପୂର୍ବରୁ ନିଜକୁ ଥଇଥାନ କରିବା ପାଇଁ ରାଜନୈତିକ ସହଯୋଗ ପାଇଁ ପ୍ରୟାସ ଚଳାଇଛନ୍ତି।

ଜିଲାରେ ଭାଜପାକୁ ବହୁମତ ମିଳିବା ସହିତ ରାଜ୍ୟରେ ନୂଆ ସରକାର ଗଠନ ହୋଇଛି। ଡବଲ ଇଞ୍ଜିନ ସରକାର ଆସିବାର ୨ ସପ୍ତାହ ମଧ୍ୟରେ ପରିବର୍ତ୍ତନର ହାୱା ବହିବାରେ ଲାଗିଛି। ଲୋକଙ୍କ ସମସ୍ୟାର ସମାଧାନ କରିବା ସହିତ ମୌଳିକ ସୁବିଧା ଯୋଗାଇବାରେ ବିଳମ୍ବ କରାଗଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପରିକି ଚାକିରିରୁ ନିଲମ୍ବିତ କରାଯିବା ଭଳି ଘଟଣା ସାମ୍ନାକୁ ଆସିଛି। ଏହାକୁ ଦେଖି ଗାଦି ମାଡ଼ି ବସିଥିବା ଅନେକ ଅଧିକାରୀଙ୍କ ମନରେ ଭୟ ବଢ଼ିଯାଇଛି। ତେବେ ମୟୂରଭଞ୍ଜ ଜିଲାରେ ଥିବା ୨୬ଟି ବ୍ଲକ୍‌ର ୪୦୪ ପଞ୍ଚାୟତରେ ରହୁଥିବା ୨୫ ଲକ୍ଷ ୧୯ ହଜାର ୭୩୮ ଲୋକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଆବଶ୍ୟକ ସୁବିଧାରୁ ବଞ୍ଚିତ ରହୁଛନ୍ତି। ଏପରିକି ପାନୀୟ ଜଳ, ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି।

### ପରିବର୍ତ୍ତନ ହାୱାରେ ଅଧିକାରୀ ଛାନିଆ

ବାରମ୍ବାର ଲୋକେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ କରାଯାଉନାହିଁ। କେବଳ ନିର୍ଦ୍ଦେଶ ଓ ଆଦେଶରେ କାର୍ଯ୍ୟ ସୀମିତ ରହୁଛି। ନିର୍ବାଚନ ସମୟରେ କେବଳ ଓଏଏସ୍ ଅଧିକାରୀମାନଙ୍କୁ ବଦଳି କରାଯାଇଥିବା ବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟଗୁଡ଼ିକର ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି କରାଯାଇନାହିଁ। ୧୦ରୁ ୧୫ ବର୍ଷ ଧରି ସେମାନେ ଗୋଟିଏ ସ୍ଥାନରେ ରହି ନିଜର ପତିଆରା ଚଳାଇଆସୁଛନ୍ତି। ବିଗତ ଦିନରେ ଜିଲାରେ ଥିବା ମନ୍ତ୍ରୀ, ବିଧାୟକ ଓ ପର୍ଯ୍ୟବେକ୍ଷକଙ୍କୁ ଧରି ନିଜକୁ ସୁହାଇଲା ଭଳି ଆସନକୁ ମାଡ଼ି ବସିଛନ୍ତି। ସବୁ ଅଫିସରେ ପିସି କାରବାର ମୁଣ୍ଡବ୍ୟଥା ସାଜିଥିବା ବେଳେ ଠିକାଦାରମାନେ ସର୍ବେସର୍ବା ପାଲଟିଛନ୍ତି। ସେହିପରି ସରକାରୀ ଜମିକୁ ହଡ଼ପ କରି ବିକ୍ରି କରିବା, ଦେବୋତ୍ତର ଜମି ଜବରଦଖଲ, ଜଙ୍ଗଲ ଜମିର କିସମ ପରିବର୍ତ୍ତନ କରି ଅକ୍ତିଆର କରିବା ଭଳି ଘଟଣାର ଖୋଳତାଡ଼ କରାଗଲେ ବହୁ ଅନିୟମିତତା ପଦାକୁ ଆସିବ ବୋଲି ଜିଲାର ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ସେହିପରି ଶିମିଳିପାଳ ଆଭ୍ୟନ୍ତରୀଣ ଓ ପାରିପାର୍ଶ୍ୱିକ ଗ୍ରାମଗୁଡ଼ିକରେ ରହୁଥିବା ଲୋକମାନଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଗାଁକୁ ବିଜୁଳି ଆଲୁଅ ନ ଥିବା ବେଳେ ଯିବା ଆସିବା ପାଇଁ ରାସ୍ତାଟିଏ ମଧ୍ୟ ନାହିଁ। ଶିକ୍ଷା ଓ ସ୍ୱାସ୍ଥ୍ୟ କଥାକୁ ଲୋକେ ପାସୋରି ଯାଇଛନ୍ତି। ବେରୋଜଗାର ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଲୋକେ ଗାଁ ଛାଡି ଦାଦନ ଖଟି ଯିବାକୁ ବାଧ୍ୟ ହେଉଛନ୍ତି। ଏପରି ସ୍ଥଳେ ସରକାରଙ୍କ ଜନହିତକର ଯୋଜନାଗୁଡ଼ିକ ସେମାନଙ୍କୁ ଯୋଗାଇବା ସହିତ ଉଚିତ ପଦକ୍ଷେପ ନେବାକୁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଦାବି କରିଛନ୍ତି। ୩ ବର୍ଷରୁ ଊର୍ଦ୍ଧ୍ୱ ସମୟଧରି ରହିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି କରାଗଲେ ଲୋକଙ୍କ ସମସ୍ୟାର ସମାଧାନ ସହଜରେ ହୋଇପାରିବ ବୋଲି ସେ କହିଛନ୍ତି।

ବିଶ୍ୱାସ କର ଯେ, ସବୁ ମିଥ୍ୟା ହେଉଛି ହୁଏତ ଗଠନମୂଖୀ ଏକ ସତ୍ୟ। କିମ୍ବା ଭାଙ୍ଗି ଭାଙ୍ଗି ଯାଉଥିବା ଏକ ସତ୍ୟ। ସବୁ ବିଫଳତା ହେଉଛି ଏକ ଲୁକ୍କାୟିତ ସଫଳତା। ସବୁ ଦୁର୍ବଳତା ହେଉଛି- ପ୍ରକୃତିରେ ନିଜକୁ ଦେଖାଯାଉ ନ ଥିବା ଏକ ସବଳତା ଏବଂ ସବୁ ଯନ୍ତ୍ରଣା ହେଉଛି ଏକ ଗୁପ୍ତ ଓ ଭୟଙ୍କର ଅଧୀର ଆନନ୍ଦର ଉନ୍ମତ୍ତତା। -ଶ୍ରୀଅରବିନ୍ଦ

# ବ୍ୟାପମ୍‌ର ବୋପା

ପ୍ରବେଶିକା ପରୀକ୍ଷା, ନାମଲେଖା ଓ ନିଯୁକ୍ତିରେ ଘୋର ଅନିୟମିତତା ଯୋଗୁ ୨୦୧୩ରେ ମଧ୍ୟପ୍ରଦେଶରେ ଘଟିଥିବା 'ବ୍ୟାପମ୍' ଦୁର୍ନୀତିକୁ ଅନେକେ ମନେରଖିଥିବେ। ସେଥିରେ ରାଜନେତା, ଅମଲାତନ୍ତ୍ରୀ, ଡାକ୍ତରୀ, ଇଞ୍ଜିନିୟରିଂ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ପ୍ରଘଟକାରୀ ଠିକାଦାର ଦଶନ୍ଧିବ୍ୟାପୀ ଅନେକ ହଜାର କୋଟି ଟଙ୍କାର କାରବାର କରି ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥାକୁ ନିଜ ହାତକୁ ନେଇଯାଇଥିଲେ। ଶିବରାଜ ସିଂ ଚୌହାନଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଏହା ବ୍ୟାପକ ରୂପ ଧାରଣ କରି ଯେତେବେଳେ ତ୍ରୁଟି ସର୍ବୋଚ୍ଚରେ ପହଞ୍ଚିଲା, ସେହି ବିଷୟ ଶୁଣି ଲୋକେ କାନରେ ହାତ ଦେଇଥିଲେ। ତାହା ଗୋଟିଏ ରାଜ୍ୟର ପରୀକ୍ଷା ଦୁର୍ନୀତିର କାରନାମା ବଖାଣିଥିଲା। ତଥାପି ସେହି କାରନାମା ପଦାକୁ ଆସିବା ପାଇଁ ସୁଯୋଗ ପାଉ ନ ଥିଲା ଯେପର୍ଯ୍ୟନ୍ତ ଗୁଡ଼ାଏ ଲୋକଙ୍କ ହତ୍ୟା ସେହି ଠକେଇରେ ସମ୍ପୃକ୍ତ ଥିଲା ବୋଲି ଜଣାପଡ଼ି ନ ଥିଲା। ହେଲେ ଏବେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ପରିଚାଳିତ ମେଡିକାଲ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି-ୟୁଜି ଏବଂ ୟୁଜିସି-ନେଟ୍ ପରୀକ୍ଷାରେ ହୋଇଥିବା ଅନିୟମିତତାକୁ ବ୍ୟାପମ୍‌ର ବୋପା ଆଖ୍ୟା ଦିଆଯାଇପାରେ। କାରଣ ସର୍ବଭାରତୀୟ ସ୍ତରର ଏକକାଳୀନ ଯଥାକ୍ରମେ ୨୪ ଲକ୍ଷ ଓ ୯ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ସହିତ ଏନ୍‌ଟିଏ ଖେଳିଥିବାରୁ ଏହାର ରହସ୍ୟ ପ୍ରତିଦିନ ନୂଆ ରୂପରେ ଆସିବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ, ଏନ୍‌ଟିଏ ୨୦୧୭ ନଭେମ୍ବରରେ ଗଠନ କରାଯାଇଥିବା କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଏକ ସ୍ୱୟଂଶାସିତ ସଂସ୍ଥା। ସ୍ୱତନ୍ତ୍ର ହେଲେ ବି ତା'ର ମୁଖ୍ୟ ଓ ଅନ୍ୟ କର୍ମକର୍ତ୍ତାମାନଙ୍କ ନିଯୁକ୍ତି ଶିକ୍ଷା ମନ୍ତ୍ରଣାଳୟ ତରଫରୁ କରାଯାଇଥିଲା। ସେମାନଙ୍କ ଦରମା ମଧ୍ୟ ସେହି ମନ୍ତ୍ରଣାଳୟ ଦେଇଆସୁଛି। ଅର୍ଥାତ୍ ଏହା କେବଳ ନାମକୁମାତ୍ର ସ୍ୱୟଂଶାସିତ। ମେଡିକାଲ, ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଫାର୍ମାସି ଆଦି ପାଠ୍ୟକ୍ରମରେ ନାମଲେଖା ଏବଂ ଉଚ୍ଚଶିକ୍ଷାରେ ଫେଲୋଶିପ୍ ପାଇଁ ଉଦ୍ଦିଷ୍ଟ ସର୍ବଭାରତୀୟ ପରୀକ୍ଷା ପରିଚାଳନା ଦାୟିତ୍ୱ ଏହା ଉପରେ ନ୍ୟସ୍ତ କରାଯାଇଆସିଛି।

ଚଳିତବର୍ଷ ମେଡିକାଲ ଓ ଫେଲୋଶିପ୍ ପରୀକ୍ଷାରେ ବୈଷୟିକ ତ୍ରୁଟି, ପ୍ରଶ୍ନପତ୍ର ପ୍ରଘଟ ଓ ପ୍ରକ୍ସିପରୀକ୍ଷାର୍ଥୀ ହାଉଯାଉ ହେବା ସହିତ ଜାଣିଶୁଣି କେତେ ଜଣଙ୍କୁ ଗ୍ରେସ୍ ମାର୍କ ଦିଆଯିବା ବିଷୟ ପଦାକୁ ଆସିବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ସବୁଠାରୁ ବେଶି ସନ୍ଦେହ ସୃଷ୍ଟି ହୋଇଥିଲା ଯେତେବେଳେ ଜୁନ୍ ୪ ତାରିଖରେ ୨୦୨୪ ଲୋକ ସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଉଥିଲା, ସେହିଦିନ ସେହି ସମୟରେ ଏନ୍‌ଇଇଟି-ୟୁଜି ପରୀକ୍ଷା ଫଳ ମଧ୍ୟ ପ୍ରକାଶ ପାଇଥିଲା। ଜାଣିଶୁଣି ଏହା ଏକ ମନ୍ଦ ଉଦ୍ଦେଶ୍ୟରେ କରାଯାଇଛି ବୋଲି ସମସ୍ତେ ବୁଝିପାରିଲେ। ନିର୍ଦ୍ଧାରିତ ଫଳ ପ୍ରକାଶନ ତାରିଖର ୧୦ ଦିନ ପୂର୍ବରୁ ତରବରିଆ ଭାବେ ଏନ୍‌ଟିଏ ମେରିଟ୍ ଲିଷ୍ଟ ପ୍ରକାଶ କରିଦେଇଥିଲା। ସେଥିରେ ୬୭ ଜଣ ୭୨୦ ନମ୍ବର ରଖିଥିବା ଜଣାପଡ଼ିବା ପରଠାରୁ ବିବାଦ ଥମିବାର ନାଁ ଧରୁନାହିଁ। କେବଳ ଏହି ଦୁଇ ପରୀକ୍ଷା ନୁହେଁ, ଆହୁରି କେତେକ ପରୀକ୍ଷା ପରିଚାଳନାର ତ୍ରୁଟି ଧୀରେ ଧୀରେ ସୂର୍ଯ୍ୟାଲୋକ ଦେଖିବା ଆରମ୍ଭ କରିଛି। ଜୁନ୍ ୩୦ରେ କମନ୍ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ(ସିୟୁଇଟି)-ୟୁଜି ପରୀକ୍ଷାଫଳ ବାହାରିବାକୁ ଥିବାରୁ ବିଦ୍ୟାର୍ଥୀମାନେ ଆଶଙ୍କାରେ ରହିଲେଣି।

କେନ୍ଦ୍ର ସରକାର ଏନ୍‌ଇଇଟି-ୟୁଜି ଓ ୟୁଜିସି-ନେଟ୍‌ର ପରୀକ୍ଷାଫଳ ବାହାରିବା ପରେ ବାରମ୍ବାର ଦୃଢ଼ୋକ୍ତି ପ୍ରକାଶ କରି କହିଲେ ଯେ, କୌଣସି ପ୍ରଶ୍ନପତ୍ର ଲିକ୍ କିମ୍ବା ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଘଟିନାହିଁ। ଏହି ପରିମାଣର ଏକ ବିରାଟକାୟ ଦୁର୍ନୀତିକୁ ତଳତଳିଆ କର୍ମଚାରୀ ନିଜ ପରିସର ଭିତରେ କରାଇଦେଇ ପାରିବେ ବୋଲି ବିଶ୍ୱାସ କରିବା ପିଲାଳିଆମିର ଲକ୍ଷଣ ଦର୍ଶାଇଥାଏ। ଏହି ପରୀକ୍ଷା ପରିଚାଳନାର ଅନିୟମିତତା ଯାଞ୍ଚ କରିବା ଲାଗି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦାୟିତ୍ୱ ଦିଆଗଲାଣି। ଇତିମଧ୍ୟରେ ଏନ୍‌ଟିଏ ମୁଖ୍ୟ ଜେନେରାଲ ସୁବୋଧ ସିଂଙ୍କୁ ତାଙ୍କ ପଦବୀରୁ ହଟାଇ ଦିଆଯାଇଛି। ଏଥିସହିତ ସାଧାରଣ ପରୀକ୍ଷା(ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ ଲାଗୁ କରାଯାଇଛି। ଏଥିରେ ଅନେକ କଠୋର ପଦକ୍ଷେପ ବିଷୟରେ ଉଲ୍ଲେଖ ରହିଛି। କିନ୍ତୁ ତରବରିଆ ଭାବେ ଯେଉଁଭଳି ଏହାକୁ ଲାଗୁ କରାଯାଇଛି, ତାହା ପରୀକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବ ବୋଲି ସନ୍ଦେହ ସୃଷ୍ଟି ହେଉଛି।

ଭାରତରେ ପ୍ରାଥମିକଠାରୁ ଆରମ୍ଭ କରି ଉଚ୍ଚତର ଗବେଷଣା ଯାଏ ଶିକ୍ଷା ବ୍ୟବସ୍ଥା ଦୋଦୁଲ୍ୟମାନ ଅବସ୍ଥାରେ ରହିଛି। ସବୁ ସ୍ତରରେ ପିଲାଙ୍କ ଭବିଷ୍ୟତ ସହିତ ସରକାର ଖେଳୁଛନ୍ତି। ସରକାରୀ ପାଠ୍ୟକ୍ରମରେ ବାରମ୍ବାର ପରିବର୍ତ୍ତନ ଓ ଶାସନ କରୁଥିବା ବର୍ଗଙ୍କ ମତାଦର୍ଶ ଅନୁଯାୟୀ ପଦକ୍ଷେପ ନିଆଯାଉଥିବାରୁ ଶିକ୍ଷାବିତ୍‌ମାନେ ଅନେକ ସମୟରେ ପ୍ରଶ୍ନ ଉଠାଉଛନ୍ତି। ହେଲେ ଶୁଣିବାକୁ କାହାରି ସମୟ ନାହିଁ। ଏକ ସନ୍ତୁଳିତ ପାଠ୍ୟକ୍ରମ ସମାଜର ସବୁ ବର୍ଗଙ୍କ ହିତରେ ଆସିଥାଏ। ଏହା ମଧ୍ୟ ଦେଖାଗଲାଣି ଯେ, ଅନେକ ପାଠ୍ୟକ୍ରମକୁ ଘରୋଇ ବା ପ୍ରାୟୋଜକ ପାଠ୍ୟକ୍ରମ ଭାବେ ଅଭିହିତ କରାଯାଇ ଶିକ୍ଷାର୍ଥୀଙ୍କଠାରୁ ଅଧିକ ଅର୍ଥ ନିଆଯାଇ ଶିକ୍ଷା ଦିଆଯାଉଛି। ଏଥିରେ ଧନିକ ବର୍ଗ ଉପକୃତ ହୋଇଥାଆନ୍ତି। ହେଲେ ସରକାରୀ ଶିକ୍ଷାନୁଷ୍ଠାନରେ ନାମଲେଖା ହେଉ ବା ସରକାରୀ ଚାକିରିରେ ନିଯୁକ୍ତି ପାଇବା ପାଇଁ ଆର୍ଥିକ ଦୁର୍ବଳ ବର୍ଗର ମେଧାବୀ ଶିକ୍ଷାର୍ଥୀ ପ୍ରବଳ ପରିଶ୍ରମ କରି ତାହାକୁ ହାସଲ କରିବାର ସୁଯୋଗ ଥାଏ। ବର୍ତ୍ତମାନର ଶିକ୍ଷା ଓ ନିଯୁକ୍ତି ସଂକ୍ରାନ୍ତ ପରୀକ୍ଷା ଯେଭଳି ମନେହେଉଛି ସଟ୍ଟା ବଜାର ଏବଂ ଧନୀ ଲୋକଙ୍କର ଷ୍ଟକ୍ ଏକ୍ସଚେଞ୍ଜରେ ପଇସା ଲଗାଇଲା ଭଳି ସରକାରୀ ଶିକ୍ଷା କ୍ଷେତ୍ରରେ ପୁଞ୍ଜି ଲଗାଇ ଲାଭ ଉଠାଇବାର ଏକ ସୁନ୍ଦର ମାଧ୍ୟମ ବାହାର କରାସରିଲାଣି। ସେଥିରେ ଯେଉଁମାନେ କାମ କରିପାରିବେ ସେମାନଙ୍କର ପୂର୍ବ ଅଭିଜ୍ଞତା ଅତ୍ୟନ୍ତ ଜରୁରୀ ବୋଲି ମଧ୍ୟ ଜଣାପଡୁଛି। ଉଦାହରଣ ସ୍ୱରୂପ ରବି ଅତ୍ରୀ। ବିଭିନ୍ନ ପ୍ରଶ୍ନପତ୍ର ଲିକ୍‌ର ମାଷ୍ଟରମାଇଣ୍ଡ୍ ଭାବେ ପରିଚିତ ରବି ଅତ୍ରୀଙ୍କୁ ଉତ୍ତର ପ୍ରଦେଶ ସ୍ୱତନ୍ତ୍ର ଟାସ୍କଫୋର୍ସ ଏବେ ଗିରଫ କରିଛି। ରବି ପୂର୍ବରୁ ପ୍ରି-ମେଡିକାଲ ଏକ୍‌ଜାମ ପେପର ୨୦୧୨ ଓ ଏମ୍ସ ପିଜି ଏକ୍‌ଜାମ ପେପର ୨୦୧୫ ଲିକ୍ କରି ଜେଲ ଯାଇଥିଲେ। ହେଲେ ଏବେ ମଧ୍ୟ ସେ ଏହି କାର୍ଯ୍ୟରେ ସକ୍ରିୟ ରହିଥିଲେ ବୋଲି ତୃତୀୟ ଥର ଗିରଫ ହୋଇଛନ୍ତି। ତାଙ୍କର ଅଭିଜ୍ଞତା ଅତ୍ୟନ୍ତ ଗଭୀର ଥିବାରୁ ସରକାରରେ ଥିବା ସର୍ବୋଚ୍ଚ ଶକ୍ତି ରବିଙ୍କୁ ବାରମ୍ବାର ଆଣି ଏଭଳି କାର୍ଯ୍ୟରେ ମୁତୟନ କରୁଛନ୍ତି। ଏହାର ଏକମାତ୍ର କାରଣ ହୋଇପାରେ ରବିଙ୍କ ଦ୍ୱାରା ଭଲ ଦି'କଉଡ଼ି ମିଳିପାରୁଛି। ତେଣୁ ଯେଉଁ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ ଧମକ ଦିଆଯାଉଛି, ତାହା କେବଳ ଜନସାଧାରଣଙ୍କ ଦୃଷ୍ଟିକୁ ଏପାଖସେପାଖ କରାଇବାର ଏକ ସୁପରିଚିତ ପ୍ରୟାସ। ଖୁବ୍ ଶୀଘ୍ର ରବି ଅତ୍ରୀଙ୍କ ଭଳି ଆଉ କେତେ ବ୍ୟକ୍ତି ଆସି ପୁଣି ଏନ୍‌ଟିଏରେ ନିଯୁକ୍ତି ପାଇବେ। ପୁନର୍ବାର ଏହି ଖେଳ ଚାଲୁ ରହିବ।

# କୃଷି କ୍ଷେତ୍ରରେ ଷ୍ଟାର୍ଟଅପ୍



ଡି. ଶୁଭମ୍

ରାଷ୍ଟ୍ର ଗଠନରେ ମୁଖ୍ୟ ମଙ୍ଗୁଆଳ ସାଜି ଅର୍ଥନୀତିର ରୂପରେଖକୁ ସ୍ପଷ୍ଟ ଭାବରେ ଚିତ୍ରିତ କରିବାରେ କୃଷିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏ ପରିପ୍ରେକ୍ଷୀରେ କିପରି କୃଷି କ୍ଷେତ୍ରରେ ନୂଆ ଉଦ୍ୟୋଗ ସ୍ଥାପନ କରିବା, ନିଜେ କିପରି ଉଦ୍ୟୋଗୀ ବନିବା ସେ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଏବେ ସଭିଏ ଷ୍ଟାର୍ଟଅପ୍‌ର କଥା ଶୁଣୁଥିବେ। ଏହା ଏକ ନୂଆ ଶବ୍ଦ ନୁହେଁ। ସାଧାରଣ ଭାଷାରେ ଯଦି ଆମେ ଏହାକୁ କହିବା ତା'ହେଲେ ଷ୍ଟାର୍ଟଅପ୍ ହେଉଛି ନୂଆ କରି ପ୍ରତିଷ୍ଠା କରାଯାଇଥିବା ଏକ ଅଭିନବ ଉଦ୍ୟୋଗ। କୃଷି କ୍ଷେତ୍ରରେ ଷ୍ଟାର୍ଟଅପ୍ ଏବେ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। ଯଦି ଇସ୍ରାଏଲ, ଯୁକ୍ତରାଷ୍ଟ୍ର ଆମେରିକାର କଥା ଲକ୍ଷ୍ୟ କରିବା ତା'ହେଲେ କୃଷି କ୍ଷେତ୍ରରେ ନୂତନ ଜ୍ଞାନ କୌଶଳକୁ ସାମିଲ କରି ସେମାନେ ଏକ ଅଗ୍ରଣୀ ରାଷ୍ଟ୍ରରେ ପରିଣତ ହୋଇଛନ୍ତି। କୃଷି କ୍ଷେତ୍ରରେ ଷ୍ଟାର୍ଟଅପ୍‌ର ବିକାଶ ଘଟିଲେ ଏହା ସହ ଜଡ଼ିତ ଲୋକମାନଙ୍କର ଆର୍ଥିକ ବିକାଶ ହୋଇପାରିବ।

୨୦୧୬ରେ ଷ୍ଟାର୍ଟଅପ୍ ଇଣ୍ଡିଆ ନାରା ଯେବେ ଯୁବବର୍ଗଙ୍କ ମଧ୍ୟରେ ପ୍ରକମ୍ପିତ ହେଲା, ସେବେଠାରୁ ଏ ଡିଜିଟାଲ ବିପ୍ଳବର ଅୟମାରମ୍ଭ ହୋଇଥିଲା। କୃଷି କ୍ଷେତ୍ରରେ ଷ୍ଟାର୍ଟଅପ୍‌ର ସଂଖ୍ୟା ବଢ଼ିବାକୁ ଲାଗିଲା। ଭାରତ ସରକାରଙ୍କ ଦ୍ୱାରା ଷ୍ଟାର୍ଟଅପ୍ ଇଣ୍ଡିଆରେ ପଞ୍ଜୀକୃତ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଗଲା। ଫଳରେ ଯୁବ ଉଦ୍ୟୋଗୀମାନେ ଏହାକୁ ନେଇ ନିଜର ଉଦ୍ୟୋଗ ପ୍ରତିଷ୍ଠା କରିପାରୁଛନ୍ତି। ୨୦୨୩ରେ ଏକ ଆକଳନ ଅନୁଯାୟୀ ଭାରତର ୨୯୦ଟି ଜିଲାରେ ପାଖାପାଖି ୩୭୪ଟି କୃଷି ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛି, ଯାହା ୩୮,୦୦୦ରୁ ଅଧିକ ଲୋକଙ୍କୁ ରୋଜଗାର ଯୋଗାଇଛି। ଏହା ବ୍ୟତୀତ ୩୬୦ଟି ଜିଲାରେ ୨୨୦୭ଟି ଏଗ୍ରିଟେକ୍ ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛି, ଯାହା ୧୮,୦୦୦ରୁ ଅଧିକ ରୋଜଗାର ପାଇପାରିଛନ୍ତି। ତେବେ କୃଷି, ଏଗ୍ରିଟେକ୍ ଷ୍ଟାର୍ଟଅପ୍ ଏବେ ସାରା ଭାରତରେ ଏକ ନୂଆ ଆଶା ସଂଚାର କରିଛି। ଏହା ମଧ୍ୟରେ ଏ.ଆଇ (କୃତ୍ରିମ ବୁଦ୍ଧିମତ୍ତା), ଡ୍ରୋନ, ଫାର୍ମ ମ୍ୟାପିଂ, ଡାଟା ଆନାଲିଟିକ୍ସ ପରି ବିଭାଗ ଅଛି। ଓଡ଼ିଶାରେ ଷ୍ଟାର୍ଟଅପ୍ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଷ୍ଟାର୍ଟଅପ୍ ଓଡ଼ିଶା ମାଧ୍ୟମରେ ସହାୟତା ଯୋଗାଇ ଦିଆଯାଉଛି। ଓଡ଼ିଶାରେ ଥିବା କୃଷି ଷ୍ଟାର୍ଟଅପ୍ ବିଭାଗ ମଧ୍ୟରୁ ଜୈବିକ କୃଷିରେ ୧୯%, ନାନୋ ବାୟୋଟେକ୍‌ରେ ୧%, ଖାଦ୍ୟ ପ୍ରକ୍ରିୟାକରଣରେ ୧୬%, କ୍ଷୀର ପ୍ରକ୍ରିୟାକରଣରେ ୫% ଓ ଏଗ୍ରିଟେକ୍‌ରେ ୫୯%ର ଷ୍ଟାର୍ଟଅପ୍ ରହିଛି। ସାଧାରଣ ଲୋକଙ୍କ ଜୀବନଶୈଳୀର ବିକାଶ କରିବାରେ ଏହି ଷ୍ଟାର୍ଟଅପ୍‌ଗୁଡ଼ିକର ଭୂମିକା ଅଧିକ। ଏହାବାଦ୍ ରାଜ୍ୟରେ ମାଣ୍ଡିଆକୁ ନେଇ କୃଷି




କ୍ଷେତ୍ରରେ ବିରାଟ ପରିବର୍ତ୍ତନ ଆସିଛି। କେବଳ ମାଣ୍ଡିଆ ଚାଷ ନୁହେଁ, ବରଂ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ଏବଂ ତାହାର ପ୍ରକ୍ରିୟାକରଣକୁ ନେଇ ମଧ୍ୟ ଅନେକ ଷ୍ଟାର୍ଟଅପ୍ ସଫଳତାର ସହ କାର୍ଯ୍ୟ କରୁଛନ୍ତି। ଏହା ଦ୍ୱାରା ଚାଷର ବିକାଶ ହେଉଛି। ଲୋକଙ୍କ ମଧ୍ୟରେ ମାଣ୍ଡିଆକୁ ନେଇ ସଚେତନତା ସୃଷ୍ଟି ହେଉଛି ଏବଂ ରୋଜଗାରର ନୂଆ ବାଟ ଫିଟୁଛି।

ବର୍ତ୍ତମାନ ବର୍ଦ୍ଧିତ ଜନସଂଖ୍ୟା ସହ ଜଳବାୟୁ ପରିବର୍ତ୍ତନ ଆମ ପାଇଁ ବଡ଼ ସମସ୍ୟା ସୃଷ୍ଟି କରିଛି। ଏହା ଯୋଗୁ କୃଷି କ୍ଷେତ୍ରରେ ନାନାଦି ପରିବର୍ତ୍ତନ ଦେଖାଯିବା ସହ ବିବିଧତା ଓ ପରିସଂସ୍ଥାରେ ଅବନତି ଘଟୁଛି। ଆମେ ଅଧିକରୁ ଅଧିକ ଷ୍ଟାର୍ଟଅପ୍‌ର ନିର୍ମାଣ ଦିଗରେ ପ୍ରଚେଷ୍ଟା କରିବା ଆବଶ୍ୟକ। ଏହାର ପ୍ରମୁଖ କାରଣ ହେଲା- ଆମେ ଯେଉଁ ପାଠ ପଢ଼ିଛେ, ତାହାକୁ ସମାଜର କଲ୍ୟାଣ ଦିଗରେ ବିନିଯୋଗ କରାଗଲେ ଲୋକଙ୍କର ବିକାଶ ହେବ। କୃଷି କ୍ଷେତ୍ରରେ ଅଧ୍ୟୟନ କରି ଯଦି ଚାଷ କଥାକୁ କେବଳ ଶ୍ରେଣୀଗୃହର ଲ୍ୟାବ୍ ଭିତରେ ଆବଦ୍ଧ କରି ରଖିବା, ତା'ହେଲେ ସେ ଜ୍ଞାନର ମୂଲ୍ୟ କିଛି ରହିବ ନାହିଁ। ଲ୍ୟାବ୍ ଟୁ ଫିଲ୍ଡ ବା ଯାହା ପାଠ ପଢ଼ିଛେ, ତାହାକୁ କିପରି ଚାଷ ଜମିରେ ଉପଯୋଗ କରାଯାଇପାରିବ ସେ ଦିଗରେ ଯତ୍ନବାନ ହେବା ଆବଶ୍ୟକ। ଏବେ ଚାଷ ଜମିରେ କିପରି ରୂପାନ୍ତରକରଣ ଅଣାଯାଇପାରିବ ସେହି ଦିଗରେ ଅନେକ ଷ୍ଟାର୍ଟଅପ୍ କାମ କରୁଛି। ଏଗ୍ରିଟେକ୍ ଦିଗରେ ଡ୍ରୋନର ଷ୍ଟାର୍ଟଅପ୍, କୃଷି କ୍ଷେତ୍ରର ଏଆଇ. ଆପ୍, ପରିଶୁଦ୍ଧ କୃଷି ପ୍ରଭୃତି ଏବେ ଚାଷୀମାନଙ୍କୁ ଚାଷଜମିରେ ସାହାଯ୍ୟ କରୁଛି। ଚାଷୀମାନଙ୍କ ଉତ୍ପାଦକୁ ବଜାର ସହ ଯୋଡ଼ିବା ପାଇଁ ମଧ୍ୟ ଯୁବ ଉଦ୍ୟୋଗୀମାନେ ଅନେକ ଉଦ୍ୟୋଗ ପ୍ରତିଷ୍ଠା କରିଛନ୍ତି। ବାସ୍ତବରେ ନୂଆ ଜ୍ଞାନ କୌଶଳ ବିକାଶ ଦ୍ୱାରା ଚାଷଜମିର ଉନ୍ନତୀକରଣ ହୋଇପାରିବ। କୃଷି ବିଜ୍ଞାନରେ ଅଧ୍ୟୟନ କରିବା ବେଳେ ଆମମାନଙ୍କ ଦ୍ୱାରା ଏକ ନୂଆ କୃଷି ଷ୍ଟାର୍ଟଅପ୍ 'ଶ୍ୟାମଳ ସୁବର୍ଣ୍ଣ ଆଗ୍ରୋ'ର ଆରମ୍ଭ ହୋଇଥିଲା, ଯାହା ଚାଷୀମାନଙ୍କୁ ଚାଷ ସମ୍ପର୍କିତ ସମସ୍ତ ସୂଚନା, ସରକାରୀ ଯୋଜନା ସମ୍ବନ୍ଧୀୟ ତଥ୍ୟ, ଡିଜିଟାଲ କୃଷକ ସଶକ୍ତୀକରଣ ଦିଗରେ ସୂଚନା ଦେଇଥାଏ।

ଏହାରି ଭିତରେ ଉପଯୁକ୍ତ ବିଜିନେସ୍ ମଡେଲର ଅଭାବ, ଠିକ୍ ସମୟରେ ଆର୍ଥିକ ସହାୟତା, ଠିକ୍ ଉପଦେଶର ଅଭାବ କେତେକ ସମୟରେ ପ୍ରତିବନ୍ଧକ ସୃଷ୍ଟି କରେ। ଏସବୁ କିପରି ଏଡ଼ାଇ ଦିଆଯାଇପାରିବ, ସେ ଦିଗରେ ସବୁସ୍ତରରେ ସଚେତନତାର ଆବଶ୍ୟକତା ରହିଛି। କୃଷି ଷ୍ଟାର୍ଟଅପ୍ ରୋଜଗାରର ମାଧ୍ୟମ- ଏକଥାକୁ ଲୋକମାନଙ୍କୁ ବୁଝାଇବାକୁ ହେବ। ସମ୍ପ୍ରତି ଅନେକ ସମନ୍ୱିତ କୃଷି ଫାର୍ମ, ଏଗ୍ରୋ ଟୁରିଜିମ ୟୁନିଟ୍, ଡ୍ରାଗନଫ୍ରୁଟ ଫାର୍ମ, ପର୍ଲ ଫାର୍ମିଂ ବା ମୋତିଚାଷ, ଷ୍ଟ୍ରବିଆର ପ୍ରକ୍ରିୟାକରଣ ଏମିତି ଅନେକ ନୂଆ ଷ୍ଟାର୍ଟଅପ୍ ମାନ ନିର୍ମାଣ କରି ଉଦାହରଣ ସୃଷ୍ଟି କରିଛନ୍ତି। ଏହା ନିଶ୍ଚିତ ଭାବରେ ଅନେକ ଯୁବକଙ୍କୁ ପ୍ରେରଣା ଯୋଗାଇବ। ଅନେକ ଯୁବତୀ ଯୁବକ ଏ ଦିଗରେ ପ୍ରେରିତ ହୋଇ ନିଜର ପ୍ରତିଷ୍ଠାନ ଆରମ୍ଭ କଲେଣି। ଏହା ଦ୍ୱାରା ଆଖପାଖ ଅଞ୍ଚଳର ବିକାଶ ହେବା ସହ ଅନେକ ନିଜର କର୍ମସଂସ୍ଥାନ ପାଇପାରୁଛନ୍ତି। ଏମିତିକି ଅନେକ ଅବସରପ୍ରାପ୍ତ ଶିକ୍ଷିତ ଗୋଷ୍ଠୀ କୃଷି ଷ୍ଟାର୍ଟଅପ୍ ଦିଗରେ ମନ ବଳାଇଲେଣି। ନିଶ୍ଚିତ ଭାବରେ ଆମେ କହିପାରିବା ଯେ କୃଷି ଓ କୃଷକର ବିକାଶ ଦିଗରେ ଷ୍ଟାର୍ଟଅପ୍‌ମାନଙ୍କର ଭୂମିକା ଅନେକ।

ତେବେ ଓଡ଼ିଶାରେ ଅନେକ ଯୁବ ଉଦ୍ୟୋଗୀ ଏବେ ନିଜେ ଆତ୍ମନିର୍ଭରଶୀଳ ହେବା ସହ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କରିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଏ ଦିଗରେ ସରକାର ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହନ ଦେବା ଆବଶ୍ୟକ। ଉଦ୍ୟୋଗର ବିକାଶ ଦିଗରେ ଗଠନମୂଳକ ଯୋଜନା ପ୍ରସ୍ତୁତ କରିବା ସହ ଏକ ନୂତନ ପଲିସି ମାଧ୍ୟମରେ କିପରି ବିକାଶ କରାଯାଇପାରିବ, ସେ ଦିଗରେ କାର୍ଯ୍ୟ କରିବା ଉଚିତ। ସହଜ ଓ ସୁବିଧାରେ କିପରି ସମସ୍ତ ସହାୟତା ସାଧାରଣ ଯୁବ ଉଦ୍ୟୋଗୀଙ୍କ ପାଖରେ ଉପଲବ୍ଧ କରାଯାଇପାରିବ, ସେ ଦିଗରେ କାର୍ଯ୍ୟ କରିବାକୁ ହେବ। ଯାହା ଫଳରେ କେବଳ ସହରରେ ନୁହେଁ, ପ୍ରତି ଗାଁରେ ଷ୍ଟାର୍ଟଅପ ନିର୍ମାଣ ହୋଇପାରିବ।

ରାଜ୍ୟ ସରକାର ଆଣିବାକୁ ଯାଉଥିବା ବଜେଟରେ କୃଷି ଷ୍ଟାର୍ଟଅପ୍ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଜରୁରୀ ମନେହୁଏ। କାରଣ କୃଷି ଓ ଏଗ୍ରିଟେକ୍ ଷ୍ଟାର୍ଟଅପ୍‌ମାନଙ୍କ ସଂଖ୍ୟା ଓଡ଼ିଶାରେ ଆଶାତୀତ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ଆର୍ଥିକ ଅନୁଦାନ ମିଳିବା ସହ ବଜାର ସଂଯୋଗୀକରଣ ଦିଗରେ ଚିନ୍ତା କରିବା ଆବଶ୍ୟକ। ଏହା ସହ ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପିଲାଙ୍କ ମଧ୍ୟରେ ଷ୍ଟାର୍ଟଅପକୁ ନେଇ ସୃଜନଶୀଳତାର ବିକାଶ କରିବାକୁ ହେବ। ଏଥିପାଇଁ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରି ପିଲାମାନଙ୍କ ମଧ୍ୟରେ ଏହି ଅନ୍ତର୍ନିହିତ ପ୍ରତିଭାର ବିକାଶ କରିବାକୁ ହେବ। ସରକାରଙ୍କ ପ୍ରଚେଷ୍ଟାରେ ଆହୁରି କିପରି ଅଧିକ କୃଷି ଉଦ୍ୟୋଗକୁ ଯୋଜନାରେ ସାମିଲ କରାଯାଇ ସବ୍‌ସିଡି ଦିଆଯାଇପାରିବ, ସେ ଦିଗରେ ଗଠନମୂଳକ ପଦକ୍ଷେପ ନେବା ଜରୁରୀ। ଭବିଷ୍ୟତକୁ ଲକ୍ଷ୍ୟ କଲେ କୃଷି ଷ୍ଟାର୍ଟଅପ ଆମ ପାଇଁ ନିଶ୍ଚୟ ନୂଆ ସମ୍ଭାବନା ସୃଷ୍ଟି କରିବ।

ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର
ମୋ:୯୪୩୮୪୬୭୦୭୯

# କର୍କଟ ଚିକିତ୍ସାରେ ନାନୋମେଡିସିନ୍




ଡ. ପୁଷ୍ପଶ୍ରୀ ପୁହାଣ

ସାରା ବିଶ୍ୱରେ କର୍କଟ ମୃତ୍ୟୁର ଦ୍ୱିତୀୟ ପ୍ରମୁଖ କାରଣ ଏବଂ ଛ'ଜଣଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ କର୍କଟ କାରଣରୁ ହୋଇଥାଏ। ମୃତ୍ୟୁ ସାଧାରଣ ଭାବରେ ଫୁସଫୁସ (୧.୮୦ନିୟୁତ ମୃତ୍ୟୁ), କୋଲନ ଏବଂ ରେକ୍ଟମ (୯,୧୬,୦୦୦ ମୃତ୍ୟୁ), ଯକୃତ (୮,୩୦,୦୦୦ ମୃତ୍ୟୁ), ପେଟ (୭,୬୯,୦୦୦ ମୃତ୍ୟୁ) ଏବଂ ସ୍ତନ କର୍କଟ (୬୮୫୦୦୦ ମୃତ୍ୟୁ) ହେତୁ ହୋଇଥାଏ। କ୍ୟାନ୍ସର କେବଳ ଶାରୀରିକ ଏବଂ ଭାବନାତ୍ମକ ଚାପ ନୁହେଁ ବରଂ ବ୍ୟକ୍ତିବିଶେଷ, ପରିବାର, ସମ୍ପ୍ରଦାୟ ଏବଂ ସ୍ୱାସ୍ଥ୍ୟସେବା ଉପରେ ମଧ୍ୟ ଆର୍ଥିକ ଚାପ ସୃଷ୍ଟିକରୁଛି। କର୍କଟ ରୋଗ ସହ ଜଡ଼ିତ ମୃତ୍ୟୁର ମୁଖ୍ୟ କାରଣ ହେଉଛି ଠିକ୍ ସମୟରେ ନିରାକରଣ ଏବଂ ଗୁଣାତ୍ମକ ଚିକିତ୍ସାର ଅପାରଗତା। କର୍କଟ ରୋଗର ପ୍ରାରମ୍ଭିକ ଚିହ୍ନଟ ହୋଇପାରିଲେ ଉପଲବ୍ଧ ଚିକିତ୍ସା ଅଛି, ଯାହାଫଳରେ ବଞ୍ଚିବାର ଏକ ଉଚ୍ଚ ସମ୍ଭାବନା ଥାଏ। ଅନେକ କ୍ଷେତ୍ରରେ, କର୍କଟ ଚିକିତ୍ସାର ମୁଖ୍ୟଚିନ୍ତା ହେଉଛି ସିଷ୍ଟମିକ ବିଷାକ୍ତତା, ଅପରିହାର୍ଯ୍ୟ ଚିକିତ୍ସା ପ୍ରତିରୋଧ ଏବଂ କ୍ୟାନ୍‌ସରର ପୁନରାବୃତ୍ତି। କ୍ୟାନ୍‌ସରର ଜଟିଳତା ହେତୁ ବର୍ତ୍ତମାନର କର୍କଟ ଚିକିତ୍ସା ସୀମିତ ଏବଂ ଉନ୍ନତ ତଥା ବିକଳ୍ପ ଚିକିତ୍ସାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ, ଅନେକ କର୍କଟ ରୋଗର ଚିକିତ୍ସା ପାଇଁ ଫାଇଟୋକେମିକାଲ୍ସ ପ୍ରଭାବଶାଳୀ ଚିକିତ୍ସା ଭାବରେ ଉଭାହୋଇଛି ଏବଂ ଆଣ୍ଟିକ୍ୟାନ୍ସର ବା କ୍ୟାନ୍ସର ବିରୋଧୀ ଔଷଧ ହୋଇପାରିବ ବୋଲି ଆଶା କରାଯାଉଛି।

ଫାଇଟୋକେମିକାଲ୍ସ ହେଉଛି ଉଦ୍ଭିଦଦ୍ୱାରା ଉତ୍ପାଦିତ ରାସାୟନିକ ପଦାର୍ଥ ବା ଯୌଗିକ ବସ୍ତୁ ଯାହା ସାଧାରଣତଃ ସେମାନଙ୍କୁ କବକ, ଜୀବାଣୁ ଏବଂ ଉଦ୍ଭିଦ ଜୀବାଣୁ ସଂକ୍ରମଣକୁ ପ୍ରତିରୋଧ କରିବାରେ ସାହାଯ୍ୟ କରେ ଏବଂ କୀଟପତଙ୍ଗ ଏବଂ ଅନ୍ୟପ୍ରାଣୀମାନଙ୍କ ଦ୍ୱାରା ଖାଦ୍ୟ ପାଇଁ ମଧ୍ୟ ବ୍ୟବହାର ହୁଏ। ନାମ ଗ୍ରୀକଶବ୍ଦ (ଫାଇଟନ) 'ଉଦ୍ଭିଦ' ରୁ ଆସିଛି। କେତେକ ଫାଇଟୋକେମିକାଲ୍ସ ବିଷ ଭାବରେ ଏବଂ ଅନ୍ୟଗୁଡ଼ିକ ପାରମ୍ପରିକ ଔଷଧ ଭାବରେ ବ୍ୟବହୃତ ହୋଇଛି। ଫାଇଟୋକେମିକାଲ୍ସ ଏକ ଅଣ-ପୁଷ୍ଟିକର ପଦାର୍ଥ, ଯାହା ଉଦ୍ଭିଦରେ ଉପସ୍ଥିତ ଥାଏ ଏବଂ ସେମାନଙ୍କର ସ୍ୱାଦ ଏବଂ ରଙ୍ଗରେ ଯଥେଷ୍ଟ ଅବଦାନ କରିଥାଏ। ସକ୍ରିୟ ଫାଇଟୋକେମିକାଲ୍ସକୁ ପାଞ୍ଚଟି ପ୍ରମୁଖ ଗୋଷ୍ଠୀରେ ବିଭକ୍ତ କରାଯାଇଛି: ଫେନୋଲିକ୍ସ, କାରୋଟିନଏଡ୍, ଅର୍ଗାନସଲଫର ଯୌଗିକ, ନାଇଟ୍ରୋଜେନ ଧାରଣକାରୀ ଯୌଗିକ ଏବଂ ଆଲକାଲଏଡ, ଯାହାର ବିଭିନ୍ନ ପର୍ଯ୍ୟାୟରେ କ୍ୟାନ୍ସର ନିୟନ୍ତ୍ରଣ କରିବାର କ୍ଷମତା ଅଛି।

ଏକ ଆକଳନ ଅଛି ଯେ ଯୁକ୍ତରାଷ୍ଟ୍ରରେ ପ୍ରାୟ ୫୦-୬୦% କର୍କଟରୋଗୀ ଉଦ୍ଭିଦର ବିଭିନ୍ନ ଅଂଶରୁ ଉତ୍ପନ୍ନ କେମିକାଲ କମ୍ପାଉଣ୍ଡଗୁଡ଼ିକ (ବିକଳ୍ପ ଔଷଧ), କେମୋଥେରାପି ଏବଂ/କିମ୍ବା ରେଡିଏସନ୍ଥେରାପି ଭଳି ପାରମ୍ପରିକ ଥେରାପିଟିଭ ଚିକିତ୍ସା ସହିତ ବ୍ୟବହାର କରନ୍ତି। ଏଥିମଧ୍ୟରୁ ହଳଦୀରୁ କର୍କୁମିନ, ସୋୟାବିନରୁ ଜେନିଷ୍ଟାଇନ, ଗ୍ରୀନିଟ୍‌ରୁ ଚାପଲି



ଫେନୋଲ, ଅଙ୍ଗୁରରୁ ରିଜଭେରାଟ୍ରୋଲ, ବ୍ରୋକୋଲିରୁ ସଲଫୋରାଫେନ, କ୍ରୁସିଫେରସ୍ପନି ପରିବାରୁ ଆଇସୋଥିଆକିଆନେଟ, ରସୁଣରୁ ଡିଆଲିଲ୍ସଲଫାଇଡ, ଟମାଟୋରୁ ଲାଇକୋପିନ, ରୋଜେମାରିରୁ ରୋସିମାରିନିକ ଏସିଡ୍ ଓ ଭୃର୍ଜଙ୍ଗପତ୍ର ଏବଂ ଅଦାରୁ ଜିଞ୍ଜରଲ ଅନ୍ତର୍ଭୁକ୍ତ। ଭାରତରେ ମଧ୍ୟ କର୍କଟରୋଗର ଚିକିତ୍ସା ପାଇଁ ପାରମ୍ପରିକ ଭାବରେ ବ୍ୟବହୃତ ହେଉଥିବା ଉଦ୍ଭିଦ ଯେପରି କି ଜେ.ଅଫିସିନାଲେ, ସି.ଲଙ୍ଗା, ପି.ଏମ୍ବଲିକା ଏବଂ ସି.ରୋଜିଅସ ରହିଅଛି।

କ୍ୟାନ୍ସର ଚିକିତ୍ସା ପାଇଁ ନାନୋମେଡିସିନର ଲକ୍ଷ୍ୟ, ଉପଲବ୍ଧତା ଏବଂ କମ୍ ବିଷାକ୍ତତା ହେତୁ ବର୍ତ୍ତମାନ ସମୟରେ ଏହା ଏକ ଉଦୀୟମାନ ଚିକିତ୍ସାର ବିକଳ୍ପ। ନାନୋପାର୍ଟିକଲ୍ସ କ୍ରିୟ ଏବଂ ନିଷ୍କ୍ରିୟଯନ୍ତ୍ରକ କୌଶଳ ମାଧ୍ୟମରେ କର୍କଟ କୋଷକୁ ଟାର୍ଗେଟ କରେ। ଡୋକ୍ସିଲ (Dox-L) ପାଇଁ ଏଫ୍‌ଡିଏ ଅନୁମୋଦନପରଠାରୁ, ଅନେକ ନାନୋ-ଥେରାପିଟିସ ବିକଶିତ ହୋଇଛି ଏବଂ ଅଳ୍ପ କେତେକ କର୍କଟ ଚିକିତ୍ସାରେ ବ୍ୟବହାର ପାଇଁ ଅନୁମୋଦନ ପାଇଛନ୍ତି।

ଉଦ୍ଭିଦଗୁଡ଼ିକ ଫ୍ଲାଭୋନାଏଡ, ଆଲକାଲଏଡ, ଟାନିନ, ସାପୋନିନ ଏବଂ ଅନ୍ୟାନ୍ୟ ମେଟାବୋଲାଇଟ ପରି ଅନେକ ଫାଇଟୋ କେମିକାଲ୍ସକୁ ଉତ୍ପାଦନ ଅନ୍ତର୍ଭୁକ୍ତ କରନ୍ତି। ସେହି ଫାଇଟୋକେମିକାଲ୍ସକୁ ନାନୋମେଟେରିଆଲ ତିଆରି ପାଇଁ ପ୍ରମୁଖ ଭାବରେ ଉପଯୋଗ କରାଯାଇ କର୍କଟରୋଗ ସହିତ ବିଭିନ୍ନ ରୋଗପାଇଁ ବର୍ତ୍ତମାନର ଚିକିତ୍ସା ପଦ୍ଧତିରେ ସାମିଲ କରାଯାଉଛି। ହର୍ବାଲ ଏକ୍ସଟ୍ରାକ୍ଟଗୁଡ଼ିକ ନିରାପଦ ପଥ ମାଧ୍ୟମରେ ନାନୋମେଟେରିଆଲ ଉତ୍ପାଦନ ପାଇଁ ସମ୍ଭାବ୍ୟ ମାଧ୍ୟମ ଭାବରେ କାର୍ଯ୍ୟକରେ। ବର୍ତ୍ତମାନ କ୍ୟାନ୍ସର ଚିକିତ୍ସା ପାଇଁ ତିନୋଟି ଭିନ୍ନ କ୍ଷେତ୍ରରେ ନାନୋମେଡିସିନ ଫାଇଟୋକେମିକାଲ୍ସ/ ନାନୋମେଟେରିଆଲ ନେଇ ପ୍ରୟୋଗ କରାଯାଇପାରିବ: ନାନୋନିରାକରଣ, ନାନୋଥେରାପି ଏବଂ ରିଜେନେରେଟିଭ ଔଷଧ। ଡାଇଗ୍ନୋଷ୍ଟିକ ଏବଂ ଥେରାପି ନାମରେ ଥେରୋନାଷ୍ଟିକ ନାମକ ଏକ ନୂତନ କ୍ଷେତ୍ର ଉଦୀୟମାନ ହେଉଛି ଏବଂ ଏହା ଏକ ପ୍ରତିଜ୍ଞାକାରୀ ଉପାୟ; ଯାହା ଉଭୟ ରୋଗ ନିର୍ଣ୍ଣୟ/ନିରାକରଣ ଏବଂ ଚିକିତ୍ସା ପାଇଁ ଆଶାବାଦୀ ପରିବର୍ତ୍ତନଗୁଡ଼ିକ ଧରି, ଅସଂଖ୍ୟ ଚିକିତ୍ସା ଆବଶ୍ୟକତାକୁ ସମାଧାନ କରିବାରେ ସକ୍ଷମ ହୋଇଛି। ତେଣୁ ଆମର ସେହି ଚିରାଚରିତ ଜ୍ଞାନକୁ ଆଧୁନିକ ପ୍ରଣାଳୀରେ ବ୍ୟବହାର କରାଯାଇ କ୍ୟାନ୍ସର ଭଳି ରୋଗକୁ ଭଲ କରାଯାଇପାରିବ। ସେଥିପାଇଁ ଅଧିକ ଗବେଷଣା ଓ ପରୀକ୍ଷାର ଆବଶ୍ୟକତା ରହିଛି।

ଉଦ୍ଭିଦବିଜ୍ଞାନ ବିଭାଗ
ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ
ଭୁବନେଶ୍ୱର, ମୋ: ୮୬୩୯୩୯୯୮୪୯

## ଏଇ ଭାରତରେ

ସୁସ୍ଥ ଶରୀର ଓ ମନ ପାଇଁ ଯୋଗର ଆବଶ୍ୟକତା ରହିଛି। ଏଥିପାଇଁ ଅନେକ ଶାନ୍ତ ପରିବେଶରେ ରହି ଯୋଗ କରନ୍ତି। କେହି କେହି ପ୍ରାକୃତିକ ପରିବେଶରେ କିମ୍ବା ପାର୍କରେ ମଧ୍ୟ ଯୋଗ କରନ୍ତି। ହେଲେ ପାଣି ଭିତରେ ବି ଯୋଗ କରାଯାଇପାରେ! ଏକ କଥା କେବେ ଶୁଣିଛନ୍ତି! ଏହା ଶୁଣି ହୁଏତ ଆଶ୍ଚର୍ଯ୍ୟ ଲାଗିପାରେ। ମାତ୍ର ଦୀର୍ଘ ୩୨ ବର୍ଷ ହେଲାଣି ଏଭଳିଭାବେ ଯୋଗ କରୁଛନ୍ତି ହରେଶ ଚତୁର୍ବେଦୀ। ଉତ୍ତରପ୍ରଦେଶର ଆଗ୍ରାରେ ରହନ୍ତି ହରେଶ। ଏବେ ତାଙ୍କୁ ବୟସ ୭୦ ବର୍ଷ। ପେସାରେ ଜଣେ ଓକିଲ। ହେଲେ ପ୍ରତିଦିନ ସେ ପାଣି ଭିତରେ ଘଣ୍ଟା ଘଣ୍ଟା ରହି ପ୍ରାଣାୟାମ, ପଦ୍ମାସନ, ବ୍ରହ୍ମାସନ, ତାଡକାସନ, ଗରୁଡାସନ ଆଦି ମୁଦ୍ରାରେ ବସି ରହିପାରନ୍ତି। ତେବେ କୌଣସି ପ୍ରକାରର ରେକର୍ଡ କିମ୍ବା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ଏପରି ଭିନ୍ନଭାବେ ଯୋଗ କରୁନାହାନ୍ତି। ବରଂ ନିଜକୁ ସୁସ୍ଥ ରଖିବା ପାଇଁ ୩୨ ବର୍ଷ ହେଲାଣି ସେ ଏହିଭଳି ପାଣି ଭିତରେ ଯୋଗାସନ ଆଦି କରୁଛନ୍ତି। ତେବେ ହରିଶ କୁହନ୍ତି, ପାଣି ଭିତରେ ଯୋଗ କରିବା ପାଇଁ ଅଭ୍ୟାସର ଆବଶ୍ୟକତା ରହିଛି। ତେବେ ଥରେ ଅଭ୍ୟାସ କରିପାରିଲେ, ଏହା ଅଧିକ ଫଳପ୍ରଦ ବୋଲି ସେ କହନ୍ତି। ଡାଇବେଟିସ୍, ବ୍ଲଡପ୍ରେସର, ଆଣ୍ଠୁଗଣ୍ଠି ଦରଜ ଆଦି ବିଭିନ୍ନ ରୋଗରୁ ଏହି ମାଧ୍ୟମରେ ମୁକ୍ତି ମିଳିପାରେ। ତେଣୁ ଯୁବପିଢ଼ିଙ୍କୁ ଜଳଯୋଗ ଶିକ୍ଷା ଦେଇ ସେ ଏକ ସୁସ୍ଥ ସମାଜ ଗଠନର ଲକ୍ଷ୍ୟ ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୪ ଜୁନ୍ ୧୯୭୫

- ମିରଟ ଜିଲା ସାହପୁର ବିଭାନି ଗ୍ରାମର ପଞ୍ଚାୟତ ଘରେ ଏକ ବିବାହ ଉତ୍ସବ ଚାଲିଥିବା ବେଳେ ଛାତ ଭୁଶୁଡ଼ି ଯିବାରୁ ଘଟଣାସ୍ଥଳରେ ୧୯ ଜଣଙ୍କ ମୃତ୍ୟୁ।
- ସୈନ୍ୟବାହିନୀର ପୂର୍ବତନ ମୁଖ୍ୟ ଜେନେରାଲ ପି.ଏନ୍. ଥାପାରଙ୍କ ୬୯ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ହଳିଆ ଲେଉଟେ ସୁଖେ, ଶୁଭେ ତା'ର ଗାନ
ପ୍ରେୟସୀ ସଜାଡ଼ି ବସିଥିବ ଜଳପାନ,
ପୁତ୍ର କନ୍ୟା ତା'ର
ଫେରିବା ପଥକୁ ଚାହିଁ ଜଗିଥିବେ ଦ୍ୱାର!
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 1 | | | | | | | 2 | |
| | | 3 | | | 8 | 7 | | |
| | | | 4 | 5 | | | 6 | |
| | 5 | | | 8 | | | | |
| | | | | | 4 | 6 | | |
| | | 4 | 9 | 7 | | | 1 | |
| | | 5 | | | | 2 | 4 | 1 |
| 9 | | 7 | | | | | | |
| | | | 6 | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 4 | 3 | 8 | 7 | 1 | 6 | 9 |
| 1 | 7 | 6 | 2 | 9 | 5 | 8 | 4 | 3 |
| 8 | 9 | 3 | 6 | 4 | 1 | 7 | 5 | 2 |
| 4 | 5 | 8 | 7 | 3 | 6 | 2 | 9 | 1 |
| 9 | 6 | 7 | 4 | 1 | 2 | 3 | 8 | 5 |
| 3 | 1 | 2 | 8 | 5 | 9 | 4 | 7 | 6 |
| 7 | 3 | 1 | 9 | 6 | 4 | 5 | 2 | 8 |
| 2 | 8 | 9 | 5 | 7 | 3 | 6 | 1 | 4 |
| 6 | 4 | 5 | 1 | 2 | 8 | 9 | 3 | 7 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରାଜନୀତିରେ ଧର୍ମ ଓ ଜାତି

ମହାଶୟ,
ଆମେ ଗର୍ବରେ କହୁଛେ ଯେ, ଭାରତ ଏକ ହିନ୍ଦୁରାଷ୍ଟ୍ର ଓ ପୃଥିବୀର ସବୁଠାରୁ ପୁରୁଣା ଧର୍ମ ସନାତନ ଧର୍ମ ଏଠାରେ ପ୍ରଚଳିତ। ପ୍ରକୃତରେ ଆମେ ଯେତେ ସନାତନ ଧର୍ମ ବା ହିନ୍ଦୁ ବୋଲି ଚିତ୍କାର କରୁଛେ, ସମସ୍ତେ ପରସ୍ପର ବିରୋଧୀ ହୋଇ ନିଜ ଗୋଡ଼କୁ ନିଜେ ଟାଣି ପୃଥିବୀର ଏହି ଧର୍ମକୁ ନିଶ୍ଚିହ୍ନ କରିବାକୁ ଅଣ୍ଟା ଭିଡ଼ିଛନ୍ତିସ୍। ଆମ ଭାରତରେ ଥିବା ଅସଂଖ୍ୟ ମଠ, ମନ୍ଦିର, ଅନେକ ଧର୍ମଗୁରୁ ନିଜ ନିଜ ଭିତରେ କିଏ ବଡ଼ ବୋଲି ପ୍ରତିଯୋଗିତା କରି ଏସବୁ ଭିତରେ ନିଜ ଧର୍ମକୁ ରସାତଳକୁ ଖସେଇ ଦେଉଛନ୍ତି। ରାଜନୈତିକ ଦଳଗୁଡ଼ିକ ଗଣତନ୍ତ୍ର ରାଷ୍ଟ୍ର ହିସାବରେ ସବୁ ଧର୍ମକୁ ସମାନ ଭାବରେ ଦେଖିବା ଦରକାର। କିନ୍ତୁ ଏବେ ଧର୍ମକେନ୍ଦ୍ରିକ ରାଜନୀତି ବଢ଼ିଚାଲିଛି। ଏହା ସହ ଆମ ଦେଶରେ ଜାତିଭିତ୍ତିକ ରାଜନୀତି ମଧ୍ୟ ଚାଲିଛି। ରାଜନୀତି ସମ୍ପୂର୍ଣ୍ଣ ଭାବରେ ପରିବାରଭିତ୍ତିକ ହୋଇ ଦେଶକୁ ଆହୁରି କ୍ଷତିଗ୍ରସ୍ତ କରିଦେଉଛି। ଏହାର ସ୍ପଷ୍ଟ ପ୍ରମାଣ ଏହି ୨୦୨୪ ନିର୍ବାଚନରୁ ଜଣାପଡ଼ିଗଲା।

-ପ୍ରଦୀପ୍ତ କୁମାର କର, ସୂର୍ଯ୍ୟନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବିପଦକୁ ଡାକୁଛି ମୁକୁଳା ଡ୍ରେନ୍

ପାରଳାଖେମୁଣ୍ଡି, ୨୩।୬ (ଗିରିଧାରୀ ପରିଛା)

ପାରଳାଖେମୁଣ୍ଡି ସହରରେ ବିକାଶ ପାଇଁ ଗଳିକନ୍ଦି ସହିତ ବିଭିନ୍ନ ମୁଖ୍ୟ ରାସ୍ତାଗୁଡିକ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ତେବେ ପରିତାପର ବିଷୟ ଯେ, କାର୍ଯ୍ୟଗୁଡିକ ଆରମ୍ଭ ହୋଇଛି, କିନ୍ତୁ କେଉଁଠି ୧୦୦ମିଟର କାମ ହୋଇଛି ତ ଆଉ କେଉଁଠି ୨୦୦ ମିଟର କାମ ହୋଇ ବାକି ଛାଡ଼ି ଦିଆଯାଇଛି। ପାରଳାଖେମୁଣ୍ଡି ସଦର ମହକୁମା ରାଜଦାଣ୍ଡ ସାହିଠାରେ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇପାରିନାହିଁ। ଏହା ବ୍ୟତୀତ ରାଜଦାଣ୍ଡ ଏକ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏଠାରେ ନାଳଗୁଡିକ ମୁକୁଳା ଥିବା ଦେଖିବାକୁ ମିଳିଛି। ସହରର ବିଭିନ୍ନ ସ୍ଥାନରେ ଏପରି ମୁକୁଳା ନାଳ ଦେଖିବାକୁ ମିଳୁଛି। ବର୍ଷ ବର୍ଷ ଧରି ସହରର ରାସ୍ତା ନିର୍ମାଣ କାର୍ଯ୍ୟ ପଡିରହିଛି। ରାଜଦାଣ୍ଡଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ନାଳ ମୁକୁଳା ହୋଇ ପଡ଼ିଥିବା ବେଳେ କାଳୀମନ୍ଦିରଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ନାଳ ମୁକୁଳା ଥିବା ଦେଖିବାକୁ ମିଳିଛି, ଯାହାଦ୍ୱାରା ଅନେକ ସ୍ଥାନରେ ଯାତ୍ରୀ


ରାଜଦାଣ୍ଡ ରାସ୍ତାରେ ମୁକୁଳା ପଡ଼ିଥିବା ଡ୍ରେନ୍।

ମାନଙ୍କ ପାଇଁ ମରଣ ଯନ୍ତା ପାଲଟିଛି। ସତେଯେପରି ବିପଦକୁ ହାତଠାରି ଡାକୁଛି ଏହି ମୁକୁଳା ଡ୍ରେନ। ଖୋଦ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏମିତି ମୁକୁଳା ଡ୍ରେନ ଦେଖିବାକୁ ମିଳୁଛି। ଅନ୍ୟପଟେ ଆଗକୁ ରଥଯାତ୍ରା ଥିବା ଯୋଗୁଁ ସହରରେ ଲକ୍ଷ ଲକ୍ଷ ଲୋକ ସମାଗମ ହେବ। ରାଜ୍ୟ ସରକାର ୨୦୧୮ରେ ସହରର ଦୁଇ ପ୍ରମୁଖ ରାସ୍ତା ଫରେଷ୍ଟ ଗେଟଠାରୁ ଗୁମ୍ମାଗଡ଼ ପର୍ଯ୍ୟନ୍ତ ୪.୭୫ କିମି ଓ ମେଡିକେଲ ଛକଠାରୁ ପୁରୁଣା କୋର୍ଟ ପର୍ଯ୍ୟନ୍ତ ୩.୭୫ କିମି ରାସ୍ତା ପ୍ରଶସ୍ତୀକରଣ ସହିତ ନାଳ କରିବା ପାଇଁ ପ୍ରାୟ ୨୬କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହି କାର୍ଯ୍ୟ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି ସତ କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏଥି ମଧ୍ୟରେ ଅନେକ ସ୍ଥାନରେ ଡ୍ରେନ ଉପରେ ପ୍ଲେଟ ପକାଯାଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁଁ ସେଗୁଡିକ ଭାଙ୍ଗି ଯାଇଥିବା ଦେଖିବାକୁ ମିଳୁଛି। ଅନେକ ସ୍ଥାନରେ ମୁକୁଳା ଡ୍ରେନ ରହିଥିବା ଯୋଗୁଁ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ଜିଲା ପ୍ରଶାସନକୁ ଶୀଘ୍ର ସେଥିରେ ପ୍ଲେଟ ପକାଇବା ପାଇଁ ନିବେଦନ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କ ଅହେତୁକ ଅବହେଳା ଯୋଗୁଁ ବର୍ଷ ବର୍ଷ ଧରି ସରିପାରୁନାହିଁ ଏହି ନିର୍ମାଣାଧୀନ କାର୍ଯ୍ୟ। ଏହା ସହ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁଁ ଯୋଜନାର ଲକ୍ଷ୍ୟ ଦିଗହରା ହେବା ସହ ବିକାଶରେ ବାଧା ସୃଷ୍ଟି ହେଉଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ସରସ୍ୱତୀ ଶିଶୁମନ୍ଦିର ଠାରେ ମୁକୁଳା ଡ୍ରେନ ରାସ୍ତାରେ ପିଲାମାନେ ସ୍କୁଲକୁ ଯିବା ଆସିବା କରୁଥିବା ବେଳେ ବହୁ ପିଲା ଏହି ନାଳରେ ଖସି ପଡୁଥିବା ଯୋଗୁ ସ୍କୁଲ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବହୁ ସମୟରେ ପ୍ରଶାସନ ନିକଟରେ ଅଭିଯୋଗ କରୁଥିଲେ ମଧ କେହି ଶୁଣୁନାହାନ୍ତି। ଏମିତିକି ଦୁଇଦିନ ତଳେ ଗୋଟିଏ ପରିବାର ଗାଡ଼ିରେ ଆସୁଥିବା ବେଳେ ବିଦ୍ୟୁତ ନଥିବା ଯୋଗୁଁ ନିଜ ବାଇକ ସହ ନାଳରେ ଖସି ପଡିଥିବା ଅଞ୍ଚଳବାସୀ କହିଛନ୍ତି।

## ସଂକ୍ଷେପରେ

### ବାଛୁରିକୁ ଉଦ୍ଧାର କରିବାକୁ ଯାଇ ଅଟୋଚାଳକ ମୃତ

ଖଲ୍ଲିକୋଟ, ୨୩।୬(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ସହର ନିକଟ ଜଗନ୍ନାଥ ବିହାରଠାରେ ଗାତରେ ପଡ଼ିଥିବା ଏକ ବାଛୁରୀକୁ ଉଦ୍ଧାର କରିବାକୁ ଯାଇ ଜଣେ ଅଟୋଚାଳକଙ୍କ ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରେ ଜଗନ୍ନାଥ ବିହାର ନିକଟରେ ଖୋଳା ଯାଇଥିବା ଏକ ଗାତରେ ବାଛୁରୀଟିଏ ପଡ଼ିଯାଇଥିଲା। ଏହାଦେଖି ଅଟୋଚାଳକ ପଙ୍କଜ ସାହୁ ତୁରନ୍ତ ଗାତ ଭିତରୁ ବାଛୁରୀଟିକୁ ଉଦ୍ଧାର କରିବା ସମୟରେ ପଙ୍କଜଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ ସେଠାରେ ସେ ବେହୋସ ହୋଇଯାଇଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଖଲ୍ଲିକୋଟ ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ନଂ. ୧୪/୨୪ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ରବିବାର ଖଲ୍ଲିକୋଟ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ପଙ୍କଜ ସାହୁଙ୍କ ନିଜ ଗ୍ରାମ ଲଙ୍ଗଳେଶ୍ୱର ହୋଇଥିବା ବେଳେ ସେ ପରିବାର ସହ ଦୀର୍ଘ ଦିନ ହେଲା ଖଲ୍ଲିକୋଟରେ ଏକ ଭଡ଼ା ଘରେ ରହି ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ।

### କର୍ମକର୍ତ୍ତା ନିର୍ବାଚନ

ଆସିକା, ୨୩।୦୬ (ସୁରେନ୍ଦ୍ର ନାଥ ସାହୁ)

ନିଖିଳ ଉତ୍କଳ ଆଳିୟ ଖଣ୍ଡାୟତ ସମାଜର ବରଗାଁ ମଣ୍ଡଳର କର୍ମକର୍ତ୍ତା ନିର୍ବାଚନ ରବିବାର ମୁକୁନ୍ଦପୁରସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ କପିଳେଶ୍ୱର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିଆଳିଆ, ଖଲିଙ୍ଗି, ଜକର, ଗହଙ୍ଗୁ, ବାଲିମେଳା ଓ ବରଗାଁ ମଣ୍ଡଳର ୨୯ଟି ପଲ୍ଲୀ ପରିଷଦର ସଭାପତି ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବରଗାଁ ମଣ୍ଡଳ ଲାଗି ଅନୁଷ୍ଠିତ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। କାଳୁ ଚରଣ ପ୍ରଧାନ ସଭାପତି, ବିଜୟ କୁମାର ନାୟକ ଉପ-ସଭାପତି, ରଞ୍ଜନ କୁମାର ନାୟକ- ସମ୍ପାଦକ, ନିର୍ମଳ କୁମାର ବିଶ୍ୱାଳ ସହ-ସମ୍ପାଦକ, ସରୋଜ ଭଞ୍ଜ- ସଂଗଠନ ସମ୍ପାଦକ, ବାବୁରାମ ଜେନା- କୋଷାଧ୍ୟକ୍ଷ ଏବଂ କେନ୍ଦ୍ରୀୟ ସଦସ୍ୟ ରୂପେ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ନିରଞ୍ଜନ ନାୟକ ଓ ପୀତବାସ ପ୍ରଧାନ ନିର୍ବାଚିତ ହୋଇଥିବା ଜଣାଯାଇଛି।

### କଲେଜରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ

ରାଇକିଆ, ୨୩।୬(ପ୍ରଦୀପ ବେହେରା)

ରାଇକିଆ ସୁଧାକିରଣ କଲେଜଠାରେ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଟିକାବାଲି କଲେଜ ପୂର୍ବତନ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି, ଶଙ୍କରାଖୋଲ କଲେଜ ଅଧ୍ୟକ୍ଷ ସନ୍ତୋଷ ପ୍ରଧାନ, ସିମ୍ବ ଅନୁଷ୍ଠାନ ପରିଚାଳକ ଅଜିତ୍ ଦାସ ଯୋଗ ଦେଇ ଯୁକ୍ତ ଦୁଇ ଓ ଯୁକ୍ତ ତିନି କୃତକାର୍ଯ୍ୟ ପିଲାମାନେ କିପରି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇପାରିବେ ଏବଂ ଧନ୍ଦାମୂଳକ ପାଠ ପଢ଼ିପାରିବେ, ସେ ନେଇ ପରାମର୍ଶ ଦିଆଯାଇଥିଲା। ଅଧ୍ୟାପକ ସନ୍ତୋଷ ନାୟକ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଓ ଅଭିଭାବକ ଯୋଗ ଦେଇଥିଲେ।

### ଧର୍ମପରାୟଣ ମହିଳାଙ୍କ ପରଲୋକ

ଫୁଲବାଣୀ, ୨୩।୬(ରାକେଶ କୁମାର ରାଉତ)

ଫୁଲବାଣୀ ବ୍ଲକ ଗଞ୍ଜୁଗୁଡ଼ା ପଞ୍ଚାୟତ ପଦରସାହି ଗ୍ରାମର ରେବତୀ କହଁର(୭୨)ଙ୍କ ଶନିବାର ପରଲୋକ ହୋଇଯାଇଛି । ସେ ଅସୁସ୍ଥ ହୋଇ କିଛିଦିନ ହେବ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। ପୂର୍ବରୁ ତାଙ୍କ ଶିକ୍ଷକ ସ୍ୱାମୀ କହ୍ନେଇ କହଁରଙ୍କ ମୃତ୍ୟୁ ହୋଇସାରିଛି। ରେବତୀ ସ୍ଥାନୀୟ ଅଞ୍ଚଳରେ ଜଣେ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁବେଳକୁ ତାଙ୍କ ସାନପୁଅ ଗୋଲକ କହଁର ଉପସ୍ଥିତ ଥିଲେ।

### ଭାଜପା ପକ୍ଷରୁ ବନ୍ଧୁ ମିଳନ

ଶେରଗଡ, ୨୩।୬(ସୂର୍ଯ୍ୟନାରାୟଣଦାଶ)

ଶେରଗଡ ବ୍ଲକ ଧବଳପୁର ଗ୍ରାମର କାଳୀମନ୍ଦିର କୋଠଘରେ ଭାଜପାର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପାର ସକ୍ରିୟ ନେତା ସଂଜୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ବ୍ରାହ୍ମଣଛାଇର ନୟନୀ ଦଳେଇ, ପଥରପୁଞ୍ଜିର ଜୟରାମ ସ୍ୱାଇଁ, ଜୟଦେବ ଜେନାଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ଦଳକୁ ସୁଦୃଢ ସହ କେମିତି ଶେରଗଡ ବ୍ଲକରେ ଭାଜପା ସଂଗଠନ ଆହୁରି ସୁଦୃଢ଼ ହେବ ହେବ ସେ ଦିଗରେ ଆଲୋଚନା କରିଥିଲେ।

# ବନ୍ଧୁକ ସହ ଅଭିଯୁକ୍ତ ଗିରଫ

## ଶିକାରୀ ଗୁଳିରେ ଶିକାରୀ ଆହତ ଘଟଣା

ଭଞ୍ଜନଗର, ୨୩।୬(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଅନ୍ତର୍ଗତ ନୂଆପଲ୍ଲୀ ଗ୍ରାମରେ ଗତ ୨୧ ତାରିଖରେ ଏକ ଗୁଳିକାଣ୍ଡ ଘଟିଥିଲା। ଏଥିରେ କୁଶପଲ୍ଲୀର ନିଲୁ ବିଷୋୟୀ ଆହତ ହୋଇଥିଲେ। ଏହି ମାମଲାରେ ପୋଲିସ ରବିବାର ନିଲୁଙ୍କ ସହଯୋଗୀ ପିଣ୍ଟୁ ନାୟକଙ୍କୁ ଗିରଫ କରିଛି। ସନ୍ଧ୍ୟାରେ ପିଣ୍ଟୁଙ୍କୁ କୋର୍ଟ ଚାଲାଣ କରଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିସହ ଘଟଣା ଦିନ ଶିକାର ପାଇଁ ବ୍ୟବହୃତ ହୋଇଥିବା ବନ୍ଧୁକକୁ ମଧ ପୋଲିସ ଜବତ କରିଛି। ପ୍ରକାଶ ଯେ, ନିଲୁ ନିଜ ମାମୁ ଘର ନୂଆପଲ୍ଲୀ ଗ୍ରାମକୁ କିଛିଦିନ ପୂର୍ବେ ବୁଲିବାକୁ ଯାଇଥିଲେ। ଘଟଣା ଦିନ ରାତିରେ ନିଲୁ ଓ ତାର ସାଙ୍ଗ ପିଣ୍ଟୁ ମିଶି ଗ୍ରାମ ନିକଟ ଜଙ୍ଗଲକୁ ଶିକାର କରିବା ପାଇଁ ବନ୍ଧୁକ ଧରି ଯାଇଥିଲେ। ଏହି ସମୟରେ ଦେଶୀ ବନ୍ଧୁକରୁ ଭୁଲରେ ଗୁଳି ଫୁଟି ଯାଇଥିଲା। ଫଳରେ ନିଲୁ


ଗିରଫ ଅଭିଯୁକ୍ତ।

ଆହତ ହୋଇଥିଲେ । ନିଲୁଙ୍କ ପରିବାର ଲୋକେ ଏ ନେଇ ଜାଣିବା ପରେ ତାକୁ ଭଞ୍ଜନଗର ମେଡ଼ିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ଏଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ମେଡିକାଲ ପଠାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ପରେ ଶିକାର ପାଇଁ ଯାଇଥିବା ବେଳେ ଏହି ଘଟଣା ଘଟିଥିବା ଜଣାପଡିଥିଲା ।

# କବି ସମ୍ରାଟ ମିଡ଼ିଆ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



ବିଧାୟକ ପ୍ରଦ୍ୟୁମ୍ନ ନାୟକ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ଭଞ୍ଜନଗର, ୨୩।୬(ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ମିଡିଆ କ୍ଲବ ପକ୍ଷରୁ ରବିବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୦ ଜଣ ରକ୍ତଦାନ କରିଥିଲେ। ସେଥିମଧ୍ୟରେ ୩୦ରୁ ଊର୍ଦ୍ଧ୍ୱ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ। ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଶିବିରକୁ ଉଦ୍‌ଘାଟନ କରି କ୍ଲବର ଉଦ୍ୟମକୁ ପ୍ରଶଂସା କରିଥିଲେ। ମିଡିଆ କ୍ଲବର ସଦସ୍ୟମାନେ ଖରାକୁ ଖାତିର ନ କରି ଏହିଭଳି ସମୟରେ ମେଗା ରକ୍ତଦାନ ଶିବିର ଆୟୋଜନ କରି ଅଞ୍ଚଳବାସୀଙ୍କ ସେବା କରିଛନ୍ତି। ଆଗାମୀ ଦିନରେ ଏହିଭଳି ପ୍ରଶଂସନୀୟ କାର୍ଯ୍ୟ ଜାରୀ ରଖିବା ପାଇଁ ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କୁ ବିଧାୟକ ନାୟକ ଆହ୍ୱାନ କରିଥିଲେ। ବୈଠକରେ ଉପଜିଲାପାଳ ଅନୀଲ କୁମାର ସେଠୀ, ଭଞ୍ଜନଗର ସିଡିପିଓ ମିଲିମା କୁମାରୀ ପଣ୍ଡା, ଡ. ଗୋବିନ୍ଦ ବିଶ୍ୱାସ, ଡ. ପ୍ରମୋଦ ଗୌଡ, ମେଡ଼ିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ, ଭାଜପା ଘୁମୁସର ସାଙ୍ଗଠନିକ ଜିଲା ଉପସଭାପତି ସନ୍ତୋଷ ତିଆଡି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସଭାପତି ପ୍ରଦୀପ ସ୍ୱାଇଁ ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଚିନ୍ମୟ ବେବର୍ତ୍ତା ବିବରଣୀ ପଠନ କରିଥିଲେ। ଉପ ସଭାପତି ପୁରୁଷୋତ୍ତମ ମହାପାତ୍ର, ସହ ସମ୍ପାଦକ ଉଦୟ ନାଥ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଧରାକୋଟରେ କୋର୍ଟ ପ୍ରତିଷ୍ଠା ପାଇଁ ସ୍ଥାନ ଖୋଜା


କୋର୍ଟ ପ୍ରତିଷ୍ଠା ପାଇଁ ସରକାରୀ ଜମିକୁ ଅନୁଧ୍ୟାନ କରାଯାଉଛି।

ଧରାକୋଟ, ୨୩।୬ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟରେ ଖୁବ୍‌ଶୀଘ୍ର ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳେଇ, ରାଜସ୍ୱ ପରିଦର୍ଶକ ସୁଗନୀ ବେହେରା, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ବେହେରା, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ରଥ, ରାଜେଶ ବଳ ପ୍ରମୁଖ ଧରାକୋଟ ମୌଜାର ପ୍ଲଟ ନଂ. ୧୧୭୮,୧୧୭୯ ରେ ଥିବା ସରକାରୀ ଜମିକୁ ଅନୁଧ୍ୟାନ କରି ମାପଚୁପ ଆରମ୍ଭ କରିଛନ୍ତି । କୋର୍ଟ ପ୍ରତିଷ୍ଠା ପାଇଁ ପ୍ରଥମ ପର୍ଯ୍ୟରେ ୩ ଏକର ଜମି ଯୋଗାଇ ଦିଆଯିବ। ସ୍ଥାନ ହସ୍ତାନ୍ତର ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତେଣୁ ରାଜସ୍ୱ ବିଭାଗ ତତ୍ପରତା ଦେଖାଇଛି। ନ୍ୟାୟିକ ପ୍ରକ୍ରିୟାକୁ ସାଧାରଣ ଜନତାଙ୍କ ନିକଟତର କରିବା ପାଇଁ ସରକାରଙ୍କ ଏହି ପଦକ୍ଷେପକୁ ଅଞ୍ଚଳବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

# ମୁକ୍ତି ମଣ୍ଡପ, ଅଣସର ଗୃହ ପ୍ରତିଷ୍ଠା

ଗଞ୍ଜାମ, ୨୩।୬(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତ ପୁରୁଣାବନ୍ଧ ଗ୍ରାମ ଶ୍ରୀଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହେବା ସହ ମନ୍ଦିର ପରିସରରେ ମୁକ୍ତି ମଣ୍ଡପ ଓ ଅଣସର ଗୃହ ପ୍ରତିଷ୍ଠା ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଜି. କାଳିଦାସ ରାଓ, କମିଟି ସଭ୍ୟ ଏମ. ଶଙ୍କର ରାଓ ଓ ପି. ଯୋଗି ରାଓ ପ୍ରମୁଖ କର୍ତ୍ତା ଭାବେ ଉପସ୍ଥିତ ରହିଥିଲେ। ମୁଖ୍ୟ ପୂଜକ ରାକେଶ କୁମାର ପଣ୍ଡା ଓ ଶଙ୍କର୍ଷଣ ପଣ୍ଡାଙ୍କ ଦେବମନ୍ତ୍ର ଧ୍ୱନିରେ ପାରମ୍ପରିକ ରୀତିନୀତି ଅନୁଯାୟୀ ସମସ୍ତ କାର୍ଯ୍ୟ ହୋଇଥିଲା। ସେଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେବାସହ ହରିବୋଲ ହୁଳହୁଳି ଓ ନାମ ସଂକୀର୍ତ୍ତନରେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଲଣ୍ଡେଇସାହିରେ ଅଜଣା ଜନ୍ତୁ ଆତଙ୍କ ଟ୍ରାପ କ୍ୟାମେରା ଲାଗିଲା

ଭଞ୍ଜନଗର, ୨୩।୬(ବାବୁଲା ପ୍ରଧାନ)

ଭଞ୍ଜନଗର ସହରକୁ ଲାଗିଥିବା ଲଣ୍ଡେଇସାହି ଅଞ୍ଚଳରେ ଆଜକୁ ଏକ ସପ୍ତାହ ହେବ ଅଜଣା ଜନ୍ତୁ ଆତଙ୍କ ଲାଗିରହିଛି। ଶନିବାର ରାତି ପ୍ରାୟ ୨ଟା ସମୟରେ ଗାୟତ୍ରୀନଗର ବାସିନ୍ଦା ପଞ୍ଚୁ ମିସ୍ତ୍ରୀଙ୍କ ବାସଭବନ ସମ୍ମୁଖରେ କୁକୁରମାନେ ପ୍ରବଳ ଗର୍ଜନ କରିଥିଲେ। ଫଳରେ ଲୋକେ ଆଉ ଭୟରେ ବାହାରକୁ ବାହାରି ନ ଥିଲେ। ସକାଳ ହେବା ପରେ ପଞ୍ଚୁ ଉଠି ଦେଖିବା ବେଳକୁ ଘର ସମ୍ମୁଖରେ ରକ୍ତ ପଡିଛି। କୌଣସି ଅଜଣା ଜନ୍ତୁ କୁକୁରକୁ ଆକ୍ରମଣ କରି ନେଇଥିବା ଲୋକେ ଅନୁମାନ କରୁଛନ୍ତି। ଏହାପରେ ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଅନ୍ୟ ଅଞ୍ଚଳରୁ କିଛି ପାଦ ଚିହ୍ନ ସଂଗ୍ରହ କରିଥିଲେ। ଉକ୍ତ ପାଦ ଚିହ୍ନ ବଣୁଆ କୁକୁର କିମ୍ବା ଆଉ କିଛି ହୋଇଥିବା ବନ ବିଭାଗ ସନ୍ଦେହ କରୁଛି। ତଥାପି ଘଟଣାର ସତ୍ୟତା ଜାଣିବା ପାଇଁ ରବିବାର ରାତିରେ ବିଭିନ୍ନ ସ୍ଥାନରେ ଟ୍ରାପ କ୍ୟାମେରା ଲଗାଯାଇଛି। ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି।

# ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଅଙ୍ଗନୱାଡି କର୍ମୀ ସଂଘ

ବୁଗୁଡ଼ା, ୨୩।୬(କାଳି ଚରଣ ଦାଶ)

ବୁଗୁଡା ବ୍ଲକ ଅଙ୍ଗନୱାଡି କର୍ମୀ ସଂଘ ପକ୍ଷରୁ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପ ପରିସରରେ ନବ ନିର୍ବାଚିତ ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିଲାଗି ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାପତି ବାସନ୍ତୀ କୁମାରୀ ପ୍ରଧାନ ପୌରହିତ୍ୟ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଗୋକୁଳାନନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ସିଡିପିଓ ବବିତା କୁମାରୀ



ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ବୋଧନ ଦେଉଛନ୍ତି।

ପଣ୍ଡା , ଜିଲ୍ଲା ସଂଘ ସଭାପତି ରଞ୍ଜିତା କୁମାରୀ ରଥ ଓ ସମ୍ପାଦିକା ମଞ୍ଜୁବାଳା ପାଣିଗ୍ରାହୀ , ବ୍ଲକ ସମ୍ପାଦିକା ଅନୀତା ମିଶ୍ର ଓ ଉପସଭାପତି ପ୍ରମୋଦିନୀ ସ୍ୱାଇଁଙ୍କ ସମେତ ବ୍ଲକର ଅଙ୍ଗନୱାଡି ଓ ସହାୟିକାମାନେ ଉପସ୍ଥିତ ରହିଥିଲେ।

# ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକମାନେ।

ଫୁଲବାଣୀ, ୨୩।୬(ରାକେଶ କୁମାର ରାଉତ)

ଫୁଲବାଣୀ ସହର ନାରାୟଣୀଙ୍କ ଯାତ୍ରା କାର୍ଯ୍ୟାଳୟ ପରିସରରେ ରବିବାର ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଫୁଲବାଣୀ ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି, ଭାଜପା ଜିଲା ସାଧାରଣ ସମ୍ପାଦକ ଲିଙ୍ଗରାଜ ଦଳବେହେରା, ଆଇନଜୀବୀ ଭଗବାନ ମହାନ୍ତି, କାଉନ୍‌ସିଲର ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୁଖାର୍ଜୀଙ୍କ ଦୂରଦୃଷ୍ଟି ଯୋଗୁ ଆଜି ଭାଜପା ପୃଥିବୀରେ ବୃହତ୍ ଏକ ରାଜନୈତିକ ଦଳ ରୂପେ ଉଭା ହୋଇଛି। ଓଡ଼ିଶାରେ ଭାଜପା ପ୍ରଥମଥର ପାଇଁ ସରକାର କରିଛି ବୋଲି ଅତିଥିମାନେ କହିଥିଲେ । ସଭାକାର୍ଯ୍ୟ ଶେଷ ହେବାପରେ ମା' ବ୍ରାହ୍ମଣୀ ଦେବୀ ଏବଂ ନାରାୟଣୀ ମନ୍ଦିର ପରିସରରେ ବିଭିନ୍ନ ଚାରା ରୋପଣ କରାଯାଇଥିଲା ।

# ପରିବା ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି

ଫିରିଙ୍ଗିଆ, ୨୩।୬(ବିକ୍ରମ ଦିଗାଲ)

ଦିନକୁ ଦିନ ପରିବା ଦର ବୃଦ୍ଧିକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କରୋନା ମହାମାରୀ ସମୟରେ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୁର୍ବଳ ହୋଇପଡ଼ିଥିବା ବେଳେ ବର୍ତ୍ତମାନ ପରିବା ଦର ବୃଦ୍ଧି ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ସ୍ଥାନୀୟ ଅଞ୍ଚଳ ଏକ ପ୍ରକାର ଚାଷୀବହୁଳ କୃଷି ଅଞ୍ଚଳ ହୋଇଥିଲେ ମଧ ବଜାରରେ ବର୍ତ୍ତମାନ ଅଣ୍ଡା ୭ ଟଙ୍କାରେ ବିକ୍ରି ହେଉଥିବା



ବେଳେ ଟମାଟୋ କିଲୋ ପ୍ରତି ୭୦ରୁ ୮୦, ପିଆଜ ୫୦, ବାଇଗଣ ୬୦, ଭେଣ୍ଡି ୬୦, ଅମୃତ ଭଣ୍ଡା ୫୦, ଫୁଲକୋବି ୮୦, କାକୁଡ଼ି ୬୦ ଟଙ୍କାରେ ବିକ୍ରି ହେଉଥିବାରୁ ଲୋକେ ପରିବା କିଣିବା ପାଇଁ ଯିବାକୁ ପ୍ରଥମେ ଚିନ୍ତା କରୁଛନ୍ତି। ହରଡ଼ ଡାଲି କେଜି ୧୨୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଖାଇବା ତେଲ ଦର ଆକାଶଛୁଆଁ ରହିଛି। କଞ୍ଚାଲଙ୍କା କିଲୋ ୧୦୦ ଟଙ୍କା ଥିବାରୁ ଲୋକମାନେ ଅଧିକାଂଶ ସମୟ ବିଭିନ୍ନ ପ୍ରକାରର ଶାଗ ଖାଇ ଚଳୁଛନ୍ତି। ଦେଖିବାକୁ ଗଲେ ବଜାରରେ ଆମିଷଠାରୁ ଆକାଶଛୁଆଁ ହୋଇଛି ପରିବା ଦର।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-Scrap-Dis-24-25-14

**କାର୍ଯ୍ୟର ନାମ :** ରେଳ ଡ଼ବା ମରାମତି କାରଖାନା, ମଞ୍ଚେଶ୍ୱରଠାରେ ପଲିକ୍ରାକ୍ (Polycrack) ୟୁନିଟ୍ ପଛରେ ଥିବା ଅଂଚଳରେ ଶୂନ୍ୟ ମୂଲ୍ୟ / କମ୍ ମୂଲ୍ୟ ସ୍କ୍ରାପ୍‌କୁ ଅଲଗା କରିବା ତଥା ଏକ ଅନୁମୋଦିତ ପ୍ରାଧିକୃତ ଏଜେନ୍ସି ଦ୍ୱାରା ସ୍ଥାନୀୟ ସଂସ୍ଥାର ସ୍ୱୀକୃତ ଅଳିଆଗଦାସ୍ଥିତ ରେଳବାଇ ପରିସରରେ ସେଗୁଡ଼ିକର ଅପସାରଣ ।

**ବିଜ୍ଞାପିତ ମୂଲ୍ୟ (₹) :** 36,91,477.90, EMD (₹) : 73,800.00, ଶେଷ ହେବା ଅବଧି : 06 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.25.06.2024 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.07.2015 ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.in ରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(Prod), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-237/P/24-25

## ସଂକ୍ଷେପରେ

### ମଦ ଦୋକାନକୁ ବନ୍ଦକଲେ ଅଞ୍ଚଳବାସୀ

ଗୋପାଳପୁର,୨୩।୬(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଅବକାରୀ ଥାନା ଅଧୀନ କନିଷିଠାରେ ଥିବା ଏକ ଲାଇସେନ୍ସପ୍ରାପ୍ତ ବିଦେଶୀ ମଦ ଦୋକାନକୁ କନିଷି ଅଞ୍ଚଳର ଲୋକମାନେ ରବିବାର ତାଲା ପକାଇ ବନ୍ଦ କରିଦେଇଥିବା ଜଣାପଡ଼ିଛି। କନିଷି-ତୁଲୁ ରାସ୍ତାରେ ଥିବା ମଦ ଦୋକାନ ଯୋଗୁଁ ପ୍ରତିଦିନ ମଦୁଆଙ୍କ ଭିଡ଼ ଜମିବା ସହ ଅସାମାଜିକ କାର୍ଯ୍ୟକଳାପ ମଧ୍ୟ ବୃଦ୍ଧି ପାଉଛି। ସନ୍ଧ୍ୟାରେ ଉକ୍ତ ରାସ୍ତା ଦେଇ ଯିବାଆସିବା କରିବାକୁ ଝିଅ ବୋହୂମାନେ ସୁରକ୍ଷିତ ମଣୁ ନଥିବା ନେଇ ଅନେକ ଥର ଅଞ୍ଚଳବାସୀ ଅଧିକାରୀଙ୍କୁ ଅବଗତ କରିଲେଣି। ଉକ୍ତ ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି କରି ଆସୁଛନ୍ତି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ଏଥିସହ ଦେକାନା ନିକଟରେ ମଦୁଆଙ୍କ ଆଡ୍ଡା ଜମିବା ଯୋଗୁଁ ଅନେକ ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ମଧ୍ୟ ଉପୁଜୁଛି। ତେଣୁ ବାଧ୍ୟହୋଇ କନିଷି ଅଞ୍ଚଳର ସୁନିଲ କୁମାର ପାତ୍ରଙ୍କ ନେତୃତ୍ୱରେ ଅଞ୍ଚଳବାସୀ ମଦ ଦୋକାନକୁ ବନ୍ଦ କରିଛନ୍ତି।

### ଅଳ୍ପ ବର୍ଷାରେ ଘର ବାରଣ୍ଡାରେ ପଶୁଛି ପାଣି

ଉମରକୋଟ,୨୩।୬ (ସନ୍ତୋଷ ଶତପଥୀ)

ସାମାନ୍ୟ ବର୍ଷାରେ ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ୧୧ ନମ୍ବର ୱାର୍ଡର ଚଢେଇଗୁଡାରେ ଲୋକଙ୍କ ଘର ବାରଣ୍ଡାରେ ପାଣି ଜମୁଛି। ଫଳରେ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ପରିସ୍ଥିତି ଏପରି ହେଇଛି ଯେ, ଲୋକଙ୍କୁ ଘରୁ ବାହାରିବା ମୁସ୍କିଲ ହୋଇପଡିଛି। ପାଣି ଜମି ଯିବାରୁ ମଶା ଓ ସାପ ଉପଦ୍ରବ ବଢିବାରେ ଲାଗିଛି। ମା'ବାପା ଛୋଟ ଛୁଆଙ୍କୁ ବାହାରକୁ ଛାଡ଼ିବା ପାଇଁ ନିରାପଦ ବିପଦ ମନେ କରୁ ନ ଥିବା ସାହି ବାସିନ୍ଦା ତପନ ହରିଜନ, ରାଜେନ୍ଦ୍ର ହରିଜନ, ପାତଲୁ ହରିଜନ, ବରୁଣ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ ପରିମଳ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ କହି ସମସ୍ୟା ସମାଧାନ କରିବୁ ବୋଲି କହିଛନ୍ତି।

### ଗଞ୍ଜେଇ ଜବତ, ଜଣେ ଗିରଫ

ବାଲିମେଳା, ୨୩।୬(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ଓର୍କେଲ ପୋଲିସ କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲ୍ଲୀ ପଞ୍ଚାୟତ ଅମ୍ବାଗୁଡା ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏମ୍ଭି-୨୬ ଗ୍ରାମର ଅଶୋକ ମିସ୍ତ୍ରୀ ଗୋଟିଏ ବାଇକ୍‌ରେ ଦୁଇଟି ବ୍ୟାଗରେ କିଛି ଜିନିଷ ଧରି ଅମ୍ବାଗୁଡା ଗ୍ରାମ ନିକଟ ଘାଟି ରାସ୍ତାରେ ଆସୁଥିଲେ। ପୋଲିସ ତାଙ୍କୁ ଅଟକାଇ ଯାଞ୍ଚ କରବାରୁ ଦୁଇଟି ବ୍ୟାଗରେ ପ୍ରାୟ ୧୫କିଲୋ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ପୋଲିସ ଘଟଣାସ୍ଥଳରୁ ଗଞ୍ଜେଇ, ଏକ ମୋବାଇଲ ଓ ବାଇକ୍ ଜବତ କରିବା ସହ ଅଶୋକଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରା ଉଚୁରା ସମୟରେ ଏହି ଗଞ୍ଜେଇ ବିକିବା ପାଇଁ ନେଉଥିବା ଅଶୋକ ସ୍ୱୀକାର କରିଛନ୍ତି।

### ସିୟୁଓରେ ହିନ୍ଦୀ ସାହିତ୍ୟ ସମ୍ମିଳନୀ ଉଦ୍‌ଘାଟିତ

କୋରାପୁଟ,୨୩।୬(ଅମିତାଭ ବେହେରା)

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସିୟୁଓ)ର ପରିସରରେ ରବିବାର ପ୍ରୟାଗସ୍ଥିତ ହିନ୍ଦୀ ସାହିତ୍ୟ ସମ୍ମିଳନୀର ୭୫ତମ ଅମୃତ ମହୋତ୍ସବ ଅଧିବେଶନ ଉଦ୍‌ଘାଟିତ ହୋଇଛି। ହିନ୍ଦୀ ସାହିତ୍ୟ ସମ୍ମିଳନୀ, ପ୍ରୟାଗ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ମିଳିତ ଆନୁକୂଲ୍ୟରେ ଏହି ତିନି ଦିନିଆ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଦେଶର ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍ ଏବଂ ହିନ୍ଦୀ ଭାଷାର ପ୍ରତିନିଧିମାନେ ଯୋଗଦେବେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆର୍ ଏସ ସରରାଜୁ ଯୋଗଦେଇ ଏହାକୁ ଉଦଘାଟନ କର ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଭାବେ ଆଗ୍ରାସ୍ଥିତ କେନ୍ଦ୍ରୀୟ ହିନ୍ଦୀ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ସୁନୀଲ ବାବୁରାଓ କୁଲକର୍ଣ୍ଣି ଓ ଉଦଘାଟନୀ ବକ୍ତା ଭାବେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇଥିଲେ। ୧୯୧୦ ଅକ୍ଟୋବର ମାସରେ କାଶୀର ନାଗରୀ ପ୍ରଚାର ସଭା ଆନୁକୂଲ୍ୟରେ ପଣ୍ଡିତ ମଦନ ମୋହନ ମାଳବ୍ୟଙ୍କ ଅଧ୍ୟକ୍ଷତାରେ ପ୍ରଥମ ଅଧିବେଶନ କାଶୀରେ ହୋଇଥିଲା ।

# ବ୍ରହ୍ମପୁରରେ ବାସଗୃହ ସମସ୍ୟା ବଢୁଛି

## ବିଇଡିଏର ନିର୍ମାଣ ହେଉନି ନୂଆ ହାଉସିଂ କମ୍ପ୍ଲେକ୍ସ

ବ୍ରହ୍ମପୁର,୨୩।୬(ନରସିଂହ ସାହୁ)

ଗଞ୍ଜାମ ଜିଲାର ପ୍ରମୁଖ ସହର ବ୍ରହ୍ମପୁରରେ ଜନସଂଖ୍ୟା ବଢୁଛି। ନିୟମ ପ୍ରକାରେ ୨୦୨୧ରେ ଜନଗଣନା ହୋଇ ନ ଥିଲେ ମଧ୍ୟ ଏବେ ପାଖାପାଖି ୫ ଲକ୍ଷ ଲୋକ ବସବାସ କରୁଥିବା ବେସରକାରୀ ଭାବେ ଆକଳନ କରାଯାଇଛି। ଏହି ମହାନଗର ନିଗମରେ ବଡ଼ ବଡ଼ ଶିକ୍ଷାନୁଷ୍ଠାନ ଥିବାରୁ ପିଲାଙ୍କ ଉଚ୍ଚଶିକ୍ଷା ନିମନ୍ତେ ଗ୍ରାମାଞ୍ଚଳ ଲୋକେ ସହରମୁହାଁ ହେଉଛନ୍ତି। ତେଣୁ ବାସଗୃହ ସମସ୍ୟା ବଢ଼ିବାରେ ଲାଗିଛି। ଏହାର ସମାଧାନ ଦିଗରେ ସରକାର ପଦକ୍ଷେପ ନେଇନାହାନ୍ତି। ପୌର ନିଗମ ତଥ୍ୟ ଅନୁସାରେ ମହାନଗରରେ ପ୍ରାୟ ୮୦ ହଜାର ବାସଗୃହରୁ ଟିକସ ଆଦାୟ ହେଉଛି। ଘର ମାଲିକମାନେ ମାତ୍ରାଧିକ ଘରଭଡ଼ା ଧାର୍ଯ୍ୟ କରୁଥିବାରୁ ବିଭିନ୍ନ ବର୍ଗର ଭଡ଼ାଟିଆମାନେ ହନ୍ତସନ୍ତ ହେଉଛନ୍ତି। ଗରିବ ଓ ମଧ୍ୟବିତଙ୍କ ସ୍ୱାର୍ଥ ଲାଗି ଭାଜପା ସରକାର କାର୍ଯ୍ୟ କରିବ ବୋଲି ନିର୍ବାଚନ ବେଳେ ପ୍ରଚାର କରାଯାଇଥିଲା। ତେଣୁ ସରକାର ବାସଗୃହ ସମସ୍ୟା ସମାଧାନକୁ ପ୍ରାଥମିକତା ଦେବାକୁ ମତ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୧୯୮୦ରେ କଂଗ୍ରେସ ସରକାର ଅମଳରେ ବ୍ରହ୍ମପୁର ଆଞ୍ଚଳିକ ଉନ୍ନୟନ ସଂସ୍ଥା (ବ୍ରିଟ୍) ଗଠନ ହୋଇଥିଲା। ନଗର ଉନ୍ନୟନ ବିଭାଗ ଅନ୍ତର୍ଭୁକ୍ତ ଏହି ସଂସ୍ଥା ପକ୍ଷରୁ ଗଜପତି ନଗର ଓ ନୀଳକଣ୍ଠ ନଗରରେ ଦୁଇଟି ହାଉସିଂ କମ୍ପ୍ଲେକ୍ସ ନିର୍ମିତ ହୋଇଥିଲା। ଇଡବ୍ଲୁଏସଏମଆଇଜି ଓ ଏଚଆଇଜି ଏଭଳି ୩ ଥାକିଆ ଘରଗୁଡ଼ିକ ଲଟେରୀ ଦ୍ୱାରା ହିତାଧିକାରୀ ଚିହ୍ନଟ କରାଯାଇଥିଲା। ନୀଳକଣ୍ଠେଶ୍ୱର ହାଉସିଂ କମ୍ପ୍ଲେକ୍ସରେ ଘରଗୁଡ଼ିକ ଅର୍ଦ୍ଧନିର୍ମିତ ଅବସ୍ଥାରେ ହିତାଧିକାରୀଙ୍କୁ ହସ୍ତାନ୍ତର ହୋଇଥିଲା। ସେମାନେ ନିଜ ପକ୍ଷରୁ ନିର୍ମାଣ କାର୍ଯ୍ୟ କରିଥିଲେ। ପରବର୍ତ୍ତି ପର୍ଯ୍ୟାୟରେ ହାଉସିଂ କମ୍ପ୍ଲେକ୍ସ ବନ୍ଦ ହୋଇଯାଇଛି। ୧୯୯୦ ବିଜୁ ପଟ୍ଟନାୟକଙ୍କ ଜନତା ଦଳ ସରକାରରେ ବ୍ରହ୍ମପୁର ଆଞ୍ଚଳିକ ଉନ୍ନୟନ ସଂସ୍ଥା (ବ୍ରିଟ) ଭାଙ୍ଗି ଦିଆଯାଇଥିଲା। ୧୯୯୩ରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଇଡିଏ) ଗଠନ କରାଗଲା। ବିଇଡିଏ ପକ୍ଷରୁ ଆମ୍ବପୁଆ ବିବେକ ବିହାର ହାଉସିଂ କମ୍ପ୍ଲେକ୍ସ ଲାଗି ପଦକ୍ଷେପ ନିଆଗଲା। ମୁଣ୍ଡ ଗୁଞ୍ଜିବା ପାଇଁ ଲୋକଙ୍କୁ ଘର ଖଣ୍ଡିଏ ନିହାତି ଆବଶ୍ୟକ ଥିବାରୁ ବହୁ ସଂଖ୍ୟକ ଆଶାୟୀ ଅଗ୍ରୀମ ଟଙ୍କା ସହ ଆବେଦନ କରିଥିଲେ। ସେହି କମ୍ପ୍ଲେକ୍ସ ଆରମ୍ଭରୁ ବିବାଦୀୟ ହୋଇଥିଲା। ଆବେଦନକାରୀଙ୍କୁ ବର୍ଷ ବର୍ଷ ଧରି ଘର ମିଳିଲା ନାହିଁ। ଏକାଧିକ ଥର ଆନ୍ଦୋଳନ ହେଲା। ଏବେ ବି ବିବେକ ବିହାର ହାଉସିଂ କମ୍ପ୍ଲେକ୍ସ ବିବାଦ ଥମିନାହିଁ। ବିଇଡିଏ ହେବାର ୩୫ ବର୍ଷ ବିତିବାକୁ ଯାଉଛି। ନୂଆ ବାସଗୃହ ଯୋଜନା ପ୍ରତି ଆଖି ବୁଜି ଦିଆଯାଇଛି। ବିଇଡିଏର ଅଧ୍ୟକ୍ଷ ଭାବେ ସ୍ୱଳ୍ପ କାଳ ବିଜେଡି ନେତା କୈଳାସ ରଣା, ଶରତ ରଞ୍ଜନ ପଟ୍ଟନାୟକ ଓ ସୁବାସ ମହାରଣାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଅଧିକାଂଶ ସମୟ ସରକାରୀ ଅଧିକାରୀ ଅଧ୍ୟକ୍ଷ ହୋଇଛନ୍ତି। ବର୍ତ୍ତମାନ ଜିଲାପାଳ ଅଧ୍ୟକ୍ଷ ଓ ବିଏମସି କମିଶନର ଉପାଧ୍ୟକ୍ଷ ଅଛନ୍ତି। ବିଭିନ୍ନ ଯୋଜନା ନାଁରେ ବିଇଡିଏକୁ କୋଟି କୋଟି ଟଙ୍କା ସରକାରୀ ଅନୁଦାନ ମିଳୁଛି। ତେବେ ନୂଆ ହାଉସିଂ କମ୍ପ୍ଲେକ୍ସ ନିର୍ମାଣ ଲାଗି ଆଖି ବୁଜି ଦିଆଯାଇଛି। ଦୁଇ ଦଶନ୍ଧି ପରେ ବ୍ରହ୍ମପୁରର ରାଜନୀତି ବଦଳିଛି। ଲୋକସଭା ଏମପି ଓ ବିଧାୟକ ଭାଜପାରୁ ନିର୍ବାଚିତ ହୋଇଛନ୍ତି। ତେଣୁ ବାସଗୃହ ସମସ୍ୟା ସମାଧାନ ଲାଗି ପ୍ରୟାସ କରିବାକୁ ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି।

# ନାଟକ 'ଶୂନ୍ୟ ମନ୍ଦିର' ମଞ୍ଚସ୍ଥ



ନାଟକର ଏକ ଦୃଶ୍ୟ।

ବ୍ରହ୍ମପୁର,୨୩।୬(ସ୍ମୃତି ରଞ୍ଜନ ମହାଲିକ)

ଓଡିଶା ନାଟକ ସମାରୋହ ସମିତିର ୧୬ତମ ବାର୍ଷିକୋତ୍ସବ ଶନିବାର ଉତ୍କଳ ଆଶ୍ରମ ମୁକ୍ତ ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗିରିଜା ଶଙ୍କର ଦାଶଙ୍କ ରଚିତ ଓ ସତ୍ୟବ୍ରତ ଦାସଙ୍କ ନିର୍ଦ୍ଦେଶିତ ନାଟକ ଶୂନ୍ୟ ମନ୍ଦିର ମଞ୍ଚସ୍ଥ ହୋଇଥିଲା। ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ଏହି ନାଟକ ଦର୍ଶକଙ୍କ ମନ ମୋହିଥିଲା। ନାଟକରେ ସସ୍ମିତା ରାଉଳ, ବଳରାମ ମହାପାତ୍ର, ସନ୍ଦୀପ ପଟ୍ଟନାୟକ, ଗିରିଜା ଶଙ୍କର ଦାସ, ଭକ୍ତି ବିନୋଦି ରଥ, ମନୋଜ ରଥ, ବିନାୟକ ହୋତା, ରମେଶ ରଣା ଓ ଶିଶୁ କଳାକାର ଦିବ୍ୟାନ୍ସି ଦାସ ଅଭିନୟ କରିଥିଲେ। ଅରୁଣ ସାହୁ ନାଟକରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଆଲୋକରେ ଅଶୋକ ଜେନା ଓ ନଳିନୀକାନ୍ତ ଗୌଡ ମଞ୍ଚ ପରିଚାଳନା କରିଥିଲେ। ସଂଘର ସଭାପତି ଅନିଲ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ଓ କଳାକାର ଇଂ ଯାମିନୀକାନ୍ତ ଉଦଘାଟକ ରୂପେ ଯୋଗ ଦେଇଥିଲେ। ବରିଷ୍ଠ କଳାକାର ଓ ନାଟ୍ୟ ନିର୍ଦ୍ଦେଶକ ଡା ତିରୁପତି ସାହୁ ମୁଖ୍ୟ ଅତିଥି, ନାଟ୍ୟ ସଂଗଠକ ଭବାନୀ ଶଙ୍କର ମିଶ୍ର ସମ୍ମାନନୀୟ ଅତିଥି ରୂପେ ଯୋଗ ଦେଇଥିଲେ। ନାଟକ ସମାରୋହ ସମିତିର ଉପସଭାପତି କୈଳାସ ପାଣିଗ୍ରାହୀ, ସାଂସ୍କୃତିକ କମିଟି ଅଧ୍ୟକ୍ଷ ଡ ମିହିର ତ୍ରିପାଠୀ, ଶଙ୍କର୍ଷଣ ସାବତ, ରାମଚନ୍ଦ୍ର ସାସମଲ ଓ ସୁନୀଲ ସ୍ୱାଇଁଙ୍କ ସମେତ ସମିତିର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଶହେ ଦିନର କାର୍ଯ୍ୟ ଖସଡା ପ୍ରସ୍ତୁତ କରିବାକୁ ମନ୍ତ୍ରୀଙ୍କ ପରାମର୍ଶ



ବୈଠକରେ ଉପସ୍ଥିତ ବ୍ଲକ୍ ଅଧ୍ୟକ୍ଷା ଓ ଅନ୍ୟମାନେ।

ବୁଗୁଡ଼ା,୨୩।୬(କାଳି ଚରଣ ଦାଶ)

## ପଞ୍ଚାୟତ ସମିତିର ସାଧାରଣ ବୈଠକ

ବୁଗୁଡା ପଞ୍ଚାୟତ ସମିତିର ଏକ ସାଧାରଣ ବୈଠକ ବ୍ଲକ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ, ବିଡିଓ ସନ୍ତୋଷ କୁମାର ଜେନା , ତହସିଲଦାର ତାପସ ରାଉତ, ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ସସ୍ମିତା କର, ଜିପିଓ ମନୋଜ କୁମାର ସାହୁ, ଜିଲା ପରିଷଦ ସଦସ୍ୟ ଗଙ୍ଗାପାଣି ଜେନା, ସଦସ୍ୟା ଚାନ୍ଦିନୀ ନାୟକ ଓ ସମିତା ସ୍ୱାଇଁ ପ୍ରମୁଖ ମଞ୍ଚସୀନ ରହିଥିଲେ। ବୈଠକରେ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ସେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଶହେ ଦିନର କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ସହ ଅଞ୍ଚଳବାସୀଙ୍କ ନିକଟତର ହୋଇ ସେବା ଯୋଗାଇବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସମେତ ଜନପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ। ବ୍ଲକ କର୍ମଚାରୀମାନେ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ଘାଟି ତଥା ପାଣି ଭିତର କାର୍ଯ୍ୟରତ ଶିକ୍ଷକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଚିତ୍ରକୋଣ୍ଡା,୨୩।୬(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଘାଟି ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏଠାରେ ୩ ବର୍ଷ ରହିବା ପରେ ଅନ୍ୟତ୍ର ବଦଳି ହେବା କଥା। କିନ୍ତୁ ବହୁ ଶିକ୍ଷକ ୧୦ ରୁ ୧୬ ବର୍ଷ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ତାଙ୍କର ଅନ୍ୟ ସ୍ଥାନକୁ ବଦଳି ହେଉନାହିଁ। ଯଦି ହେଉଛି ସେଇ ପାଣି ଭିତର ଘାଟି ଅଞ୍ଚଳକୁ କରାଯାଉଛି । ସେମାନଙ୍କୁ ସେଠାରୁ ନିୟମିତ ବିଦ୍ୟାଳୟକୁ ଅଣାଯାଉନାହିଁ। ସ୍ୱାଭିମାନ ତଥା ପାଣି ଘେରା ଘାଟି ଅଞ୍ଚଳରେ ଦୀର୍ଘ ବର୍ଷ ହେଲା ପାଠ ପଢାଉଛନ୍ତି । ପ୍ରଶାସନ ନୀତି ଅନୁଯାୟୀ ଯେଉଁମାନେ ଘାଟି ଅଞ୍ଚଳରେ ରହି ଶିକ୍ଷାଦାନ କରୁଛନ୍ତି ସେମାନଙ୍କୁ ଘାଟି ଅଞ୍ଚଳରେ ରଖିଛନ୍ତି। ପ୍ରକାଶଯେ, ଘାଟି ଅଞ୍ଚଳରେ ଥିବା ଶିକ୍ଷକମାନେ ଦୁଃଖ ଏବଂ କଷ୍ଟରେ ଯାଇ ପାଠ ପଢ଼ାଇ ଆସୁଛନ୍ତି। ଏପରିକି ସେଇ ଶିକ୍ଷକମାନଙ୍କ ମଧ୍ୟରୁ ଅନେକଙ୍କ ଦେହ ଖରାପ ହେଉଛି । ସେଠି ପାଣି ସମସ୍ୟାଠାରୁ ଆରମ୍ଭ କରି ବିଦ୍ୟୁତ୍ ରହୁନି, ପାଖରେ ଡାକ୍ତରଖାନା ନାହିଁ । ଏ ଭଳି ସମସ୍ୟାରେ ରହି ଆସୁଅଛନ୍ତି ଦୀର୍ଘ ବର୍ଷ ହେଲା । ଫଳରେ ସ୍ୱାଭିମାନ ଅଞ୍ଚଳରେ କାର୍ଯ୍ୟରତ ଶିକ୍ଷକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଆଗମି ଦିନରେ ଜିଲାପାଳଙ୍କ ଦାରସ୍ଥ ହେବେ ବୋଲି ଜଣାପଡିଛି। ଏଣୁ ତୁରନ୍ତ ଜିଲା ପ୍ରଶାସନ ପାଣି ଘେରା ଘାଟି ଅଞ୍ଚଳରେ ଥିବା ଶିକ୍ଷକମାନଙ୍କ ସମସ୍ୟାକୁ ବିଚାରକୁ ନେଇ ସେମାନଙ୍କୁ ବଦଳି କରିବାକୁ ଚିତ୍ରକୋଣ୍ଡା ପାଣି ତଥା ଘାଟି ଅଞ୍ଚଳର ଶିକ୍ଷକମାନେ ଦାବି କରିଛନ୍ତି।'ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀଙ୍କୁ ପଚାରିବାରୁ ମୋ ହାତରେ କିଛି ହୋଇ ପାରିବ ନାହିଁ। ମୁଁ ଉଚ୍ଚ ଅଧିକାରୀଙ୍କୁ ସମସ୍ୟା ସମ୍ପର୍କରେ ଜଣାଇବି ବୋଲି କହିଥିଲେ। ଜିଲାପାଳଙ୍କୁ ଭେଟି ଜଣାଇଲେ ଭଲ ହେବ ବୋଲି କହିଥିଲେ ।

# ପୋଲିସ ପକ୍ଷରୁ ରକ୍ତଦାନ ଶିବିର



ଫୁଲବାଣୀ, ୨୩।୬(ରାକେଶ କୁମାର ରାଉତ)

ଜିଲା ପୋଲିସ ପକ୍ଷରୁ ଏକ ରକ୍ତଦାନ ଶିବିର ମାଦିକୁଣ୍ଡାସ୍ଥିତ ପୋଲିସ ହସ୍ପିଟାଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ଏସ୍‌ପି ଶୁଭେନ୍ଦୁ କୁମାର ପାତ୍ର ନିଜେ ରକ୍ତ ଦାନକରି ଏହାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଡେପୁଟି କମାଣ୍ଡାଣ୍ଟ ପ୍ରଦୀପ୍ତ ରାଉତ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦିଲୀପ ମେହେର, ରିଜର୍ଭ ଇନ୍ସପେକ୍ଟର ବୀରସିଂ ଶବର, ଟାଉନ ଥାନାଧିକାରୀ କନକ କୁମାର ମାଝୀ, ହୋମ୍‌ଗାର୍ଡ ଆର୍‌ଆଇ ବାଲୁଙ୍କେଶ୍ୱର କାଟାପ୍, ଫୁଲବାଣୀ ରକ୍ତଦାନ ସମିତିର ସହସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଭି. ଲୋକନାଥ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜିଲାର ଦାରିଙ୍ଗବାଡ଼ି, ବ୍ରାହ୍ମଣୀଗାଁ, ଖଜୁରିପଡ଼ା, ଗୋଚ୍ଛାପଡ଼ା, ଚକାପାଦ, ଫିରିଙ୍ଗିଆ, ଫୁଲବାଣୀ ସଦର ଥାନା ସମେତ ଫୁଲବାଣୀ ପୋଲିସ ଏବଂ ଯବାନମାନେ ସ୍ୱେଚ୍ଛାକୃତ ଭାବେ ଆସି ରକ୍ତ ଦାନ କରିଥିଲେ। ସେହିପରି ବିଏସ୍ଏଫ୍, ସିଆର୍‌ପିଏଫ୍, ହୋମ୍‌ଗାର୍ଡ, ଓଏସ୍ଆର୍‌ଟିସି କର୍ମଚାରୀ, ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ବିଭିନ୍ନ ସଂଗଠନର ଯୁବତୀଯୁବକ, ଫୁଲବାଣୀ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ରକ୍ତ ଦାନ କରିଥିଲେ। ଫୁଲବାଣୀ ରକ୍ତ ଭଣ୍ଡାର ଦାୟିତ୍ୱରେ ଥିବା ଡା. ସବିତା ନାୟକଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ପ୍ରଶାନ୍ତ କୁମାର ରତ୍ନାଲୁ, ସାକେତରାଣୀ ନାୟକ, ଅର୍ଚ୍ଚନା ପ୍ରଧାନ ଏବଂ ବରୁଣ ବେହେରା ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଫୁଲବଣୀ ଟିମ୍ ହ୍ୟୁମାନିଟି ସଦସ୍ୟାସଦସ୍ୟ ଓ ମିତ୍ର ଫାଉଣ୍ଡେଶନର ସଦସ୍ୟା ସଦସ୍ୟମାନେ ଶିବିରରେ ସହଯୋଗ କରିଥିଲେ । ଏହି ଶିବିରରୁ ମୋଟ ୧୨୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ଖବରଦାତାଙ୍କୁ ସୁରକ୍ଷା ଓ ପେନସନ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ବ୍ରହ୍ମପୁର,୨୩।୬(ସ୍ମୃତି ରଞ୍ଜନ ମହାଲିକ)

ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଖବରଦାତାଙ୍କ ପେନସନ ଓ ସୁରକ୍ଷା ସମେତ ୭ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବିଜ୍ଞାପନ ପ୍ରଦାନ କରିବା କ୍ଷେତ୍ରରେ କ୍ରମାଗତ ଭାବେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡିକ ପ୍ରତି ଅବହେଳା କରାଯାଉଥିବା ଘଟଣାର ତଦନ୍ତ କରି ଯେଉଭଳି ବିଜ୍ଞାପନ ପ୍ରଦାନରେ ସ୍ୱଚ୍ଛତା ରକ୍ଷା ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନ, ସରକାରଙ୍କ ସ୍ୱୀକୃତି ଅନୁମୋଦନ ପାଇଁ ଆବେଦନ କରିଥିବା ସମ୍ବାଦପତ୍ର ଗୁଡିକ ପ୍ରତି କୋହଳ ମନୋଭାବ ଗ୍ରହଣ ସହ ସ୍ୱୀକୃତି ପ୍ରଦାନ କରିବା କ୍ଷେତ୍ରରେ ପଦକ୍ଷେପ ଗ୍ରହଣ ପାଇଁ ଦାବି ହୋଇଥିଲା। ଏଥିସହ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ଗୁଡିକୁ ପୂର୍ବ ଭଳି ସର୍ବନିମ୍ନ ବିଜ୍ଞାପନ ଦେୟକୁ ବୃଦ୍ଧି, କଲମ ସେମି ପ୍ରତି ୨୫ ଟଙ୍କା, ସମସ୍ତ ପ୍ରକାଶକ ଓ ଖବରଦାତାଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପରିସରଭୁକ୍ତ କରି ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଖବରଦାତାଙ୍କୁ ପେନସନ ବ୍ୟବସ୍ଥା, ଖବରଦାତା ସୁରକ୍ଷା ଆଇନ ପ୍ରଣୟନ, କ୍ୱାର୍ଟର୍ସ ସୁବିଧା, ଦିଲୀରେ ଇଣ୍ଡିଆନ ନ୍ୟୁଜ ପେପର ସୋସାଇଟି କୋଠା ଭଳି ଓଡିଶାରେ ମଧ୍ୟ ଏକ କୋଠା ନିର୍ମାଣ କରିବା ପାଇଁ ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ସଭାପତି ରବି ରଥଙ୍କ ସମେତ ସ୍ୱଦେଶ ଚନ୍ଦ୍ର ଦାସ, ରମାକାନ୍ତ ପରିଡା, ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପରିତ୍ୟକ୍ତ ଷ୍ଟଲ୍‌ରୁ ମୁମୂର୍ଷୁ ଅବସ୍ଥାରେ ମହିଳା ଉଦ୍ଧାର

ନବରଙ୍ଗପୁର,୨୩।୬(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଘରୋଇ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ପରିତ୍ୟକ୍ତ ଷ୍ଟଲରେ ମୁମୁର୍ଷ ଅବସ୍ଥାରେ ପଡି ରହିଥିବା ଜଣେ ମହିଳାଙ୍କୁ ଉଦ୍ଧାର କରାଯାଇଛି। ଦଣ୍ଡାସି ସାହିର ଦୟା ସୁନା ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଯୁବକଙ୍କ ସହାୟତାରେ ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲା ସଦର ମହାକୁମା ଡାକ୍ତରଖାନାଙ୍କୁ ଚିକିତ୍ସା ପାଇଁ ପଠାଇଛନ୍ତି। ମହିଳା ଜଣକ ଭିକ୍ଷାବୃତ୍ତି କରି ଭଙ୍ଗା ଷ୍ଟଲ ଭିତରେ ଦୀର୍ଘ ୩ ମାସ ହେବ ରହି ଆସୁଥିଲେ । ମହିଳାଙ୍କ ପରିଚୟ ମିଳି ନାହିଁ। ତେବେ ତାଙ୍କ ଶରୀରର କିଛି ଅଂଶ ପଚି ଯାଇଥିବାରୁ ସେଥିରୁ ପୋକ ବାହାରୁଛି । ପ୍ରଶାସନ ପକ୍ଷରୁ ମହିଳାଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବାକୁ ଜନସାଧାରଣ ଦାବି କରିଛନ୍ତି ।

# କୃତ୍ରିମ ପୋଖରୀ ଭ୍ରମ ସୃଷ୍ଟି କରୁଛି ଓଭରବ୍ରିଜ୍ ତଳ ରାସ୍ତା

କୋଡିଙ୍ଗା,୨୩।୬(ସମରେନ୍ଦ୍ର ପଟ୍ଟନାୟକ)

ମାସ ମାସ ଧରି ରାସ୍ତାରେ ଜମୁଛି ପାଣି। ଆଣ୍ଠୁଏ ପାଣିରେ ଯାତାୟାତ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ଯାତ୍ରୀ। ଏହା ହେଉଛି ନବରଙ୍ଗପୁର ଜିଲା କୋଡିଙ୍ଗା-ଚଟ୍ଟାହାଣ୍ଡି-ନବରଙ୍ଗପୁର ରାସ୍ତାର ଦୃଶ୍ୟ। ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। କୋଡ଼ିଙ୍ଗା-ଚଟାହାଣ୍ଡି -ନବରଙ୍ଗପୁର ରାସ୍ତାଟି କୋଡ଼ିଙ୍ଗା ଗାନ୍ଧି ଛକଠାରୁ ଭାୟା ଚଟାହାଣ୍ଡି ଦେଇ ଜିଲା ସଦର ମହକୁମା ନବରଙ୍ଗପୁର ପର୍ଯ୍ୟନ୍ତ ପ୍ରାୟ ୨୫ କି.ମି.। ଏହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ପରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରଯାଇଥିଲା।

# ୧୦୩ ୟୁନିଟ୍ ରକ୍ତ ସଂଗୃହୀତ



ରକ୍ତଦାନ ଚାଲିଛି।

ଛତ୍ରପୁର,୨୩।୬(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ବ୍ରହ୍ମପୁର ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଛତ୍ରପୁର ପ୍ରେସ କ୍ଲବ ପକ୍ଷରୁ ରବିବାର ଏକ ମେଗା ରକ୍ତଦାନ ଶିବିର ସ୍ଥାନୀୟ ଶିବ ପଟ୍ଟନାୟକ ରିଡିଙ୍ଗ ରୁମରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରାସୀମ କେମିକାଲଶ କମ୍ପାନୀର ୟୁନିଟ ମୁଖ୍ୟ ଅଜୟ ଗୁପ୍ତା, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡୀ, ଅଷ୍ଟମ ବାଟାଲିୟନ କମାଣ୍ଡାଣ୍ଟ ଶାରଦା ପ୍ରସାଦ ଦାସ ଗ୍ରାସୀମ କେମିକାଲସର ଏଚଆର ମୁଖ୍ୟ ନିରୋଜା ପଟ୍ଟନାୟକ, ଏଚଆର ସୁସ୍ମିତା ବେହେରା, ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରେସକ୍ଲବ ସଭାପତି ରବୀନ୍ଦ୍ର ନାଥ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ସରୋଜ କୁମାର ସାମଲଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବ୍ରହ୍ମପୁର ରକ୍ତଭଣ୍ଡାର କାର୍ଯ୍ୟାଳୟର ଡାକ୍ତର ଓ କର୍ମଚାରୀ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ଜି. ଉଦୟଗିରିରେ ସ୍ୱାତୀର ରୌପ୍ୟ ଜୟନ୍ତୀ

ଜି.ଉଦୟଗିରି,୨୩।୬(ଶିଶିର ପଟ୍ଟନାୟକ)

କନ୍ଧମାଳ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାତୀର ସଭାପତି ତଥା ରୌପ୍ୟ ଜୟନ୍ତୀ ସଙ୍ଗଠନ ସଭାପତି ପ୍ରଶାନ୍ତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଜି.ଉଦୟଗିରି ଦୁଗୁଡ଼ିସ୍ଥିତ କାର୍ଯ୍ୟାଳୟରେ ରବିବାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ, ଅବସରପ୍ରାପ୍ତ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲ୍ଲିକ, ଜିଲା ମୁଖ୍ୟ କୃଷି ଅଧିକାରୀ ତୁଷାର କାନ୍ତ ସାମଲ, ସାମାଜିକ କର୍ମୀ ଶୂଳପାଣି ଶତପଥୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଙ୍ଗଠନର ସମ୍ପାଦକ ଇଂ. ହରିଶଙ୍କର ରାଉତ ପରିଚାଳନା କରିଥିଲେ। ଉପସ୍ଥିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଅତିଥିମାନେ କୃଷିର ବିକାଶ ସାଙ୍ଗକୁ ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ଆୟୋଜିତ ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇଁ ସାମାଜିକ କର୍ମୀ ଗଦାଧର ନାୟକ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବଳରାମ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ଗଣମାଧ୍ୟମ ପ୍ରତିନିଧି, ସାମାଜିକ କର୍ମୀ ଓ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଦୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନାରେ ଗିରିଶ ସାମଲ, ରମେଶ ବେହେରା ଓ ବିଶ୍ୱରଞ୍ଜନ କର ପ୍ରମୁଖ ସହଯୋଗ କରିଥିଲେ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ଜଣାଇଛନ୍ତି।

## ସଂକ୍ଷେପରେ

### ଜମିରେ ପଶିଲା କାର, ବର୍ତ୍ତିଲେ ଯୁବକ



ବ୍ରହ୍ମପୁର, ୨୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ସଦର ଥାନା ଅନ୍ତର୍ଗତ ଜଗଦଳପୁର ନିକଟରେ ରବିବାର ଏକ ଅଘଟଣ ଘଟିଛି। ରାସ୍ତାରେ ଜଣେ ସାଇକେଲ ଚାଳକଙ୍କୁ ରକ୍ଷା କରିବାକୁ ଯାଇ କାର ଚାଳକ ଭାରସାମ୍ୟ ହରାଇଥିଲେ। ଯାହାଫଳରେ କାର (ନଂ. ଓଆର୦୨ବିୟୁ ୩୦୮୦)ରାସ୍ତା ପାର୍ଶ୍ୱ ଜମି ଭିତରେ ପଶି ଓଲଟି ପଡିଥିଲା। ସାଇକେଲ ଚାଳକ ରବୀନ୍ଦ୍ର ଦାସ ଅଳ୍ପକେ ବର୍ତ୍ତି ଯାଇଥିଲେ। କାର ଚାଳକ ଦିନେଶ ବେହେରା ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ କାର ଭିତରୁ ବାହାର କରାଯାଇଥିଲା।

କାରଟି ଆଙ୍କୁଶପୁର ପଟୁ ଜଗଦଳପୁର ରାସ୍ତା ଦେଇ ବ୍ରହ୍ମପୁର ଆସୁଥିଲା। ଦୀର୍ଘ ଦୁଇମାସ ହେଲା ଉକ୍ତ ରାସ୍ତା ନିର୍ମାଣ କାମ ଅଧାପନ୍ତରିଆ ଭାବେ ଚାଲୁଥିବା ବେଳେ ସେହି ରାସ୍ତାରେ ଯିବା ଆସିବା ଲୋକମାନଙ୍କ ପାଇଁ ଅସୁବିଧା ହେଉଛି। ରାସ୍ତାର ଅନେକ ସ୍ଥାନରେ ଖାଲଖମା ରହିଛି। ସ୍ଥାନୀୟ ଲୋକେ ଏ ନେଇ ସମ୍ପୃକ୍ତ ଠିକାଦାରଙ୍କ ନିକଟରେ ଅଭିଯୋଗ କରୁଥିଲେ ମଧ କୌଣସି ସୁଫଳ ମିଳିନାହିଁ। ସାଇକେଲ ଚାଳକ ଜଣକ ଘରକୁ ଫେରୁଥିବା ବେଳେ ପଛପଟୁ ଆସୁଥିବା କାର ଏକ ନିଶ୍ଚିତ ଦୁର୍ଘଟଣାକୁ ରୋକିବାକୁ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି। ପୋଲିସ କାରକୁ ଜମି ଭିତରୁ ରାସ୍ତା ଉପରକୁ ଆଣିବା ସହ ଘଟଣାର ତଦନ୍ତ କରୁଥିବା କହିଛି।

### ୨ ଆଇନଜୀବୀଙ୍କ ମଧ୍ୟରେ ଗଣ୍ଡଗୋଳ

ବ୍ରହ୍ମପୁର, ୨୩।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର କୋର୍ଟ ନିକଟରେ ୨ ଆଇନଜୀବୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି । ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପ୍ରକାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି । ଅଯୋଧ୍ୟା ନଗରର ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା ଶନିବାର ଅପରାହ୍ନରେ ନିଜ ଚ୍ୟାମ୍ବର ଖୋଲୁଥିବା ବେଳେ ଅନ୍ୟ ଜଣେ ଆଇନଜୀବୀ ଓ ତାଙ୍କ ସହଯୋଗୀ ପହଞ୍ଚି ତାଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ । ଏପରିକି ତାଙ୍କ ସାର୍ଟ ପକେଟରୁ ୧୭୦୦ ଟଙ୍କା ଛଡାଇ ନେଇଯାଇଥିଲେ । ପୋଲିସ ଏ ସଂକ୍ରାନ୍ତରେ ୩୦୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ସେହିପରି ସନ୍ତୋଷ ମଧ ସମ୍ପୃକ୍ତ ଆଇନଜୀବୀଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ସୁନା ଚେନ ଛଡାଇ ନେଇ ଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି ।

### ଶ୍ୟାମା ପ୍ରସାଦଙ୍କ ବଳିଦାନ ଦିବସ

ବ୍ରହ୍ମପୁର, ୨୩।୬(ନରସିଂହ ସାହୁ)

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ରବିବାର ବ୍ରହ୍ମପୁରରେ ଜନ ସଂଘର ପ୍ରତିଷ୍ଠାତା ଡ଼. ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ ହୋଇଥିଲା। ଜିଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ ସ୍ମୃତିଚାରଣ ସମାବେଶରେ ଭାଜପା ଜିଲା ସଭାପତି ଡ଼ା. ସୁବାସ ସାହୁ ଅଧକ୍ଷତା କରିଥିଲେ। ନେତା ଓ କର୍ମୀମାନେ ଉପସ୍ଥିତ ରହି ଶ୍ୟାମା ପ୍ରସାଦଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବ୍ରହ୍ମନଗରରେ ମହିଳା ମୋର୍ଚ୍ଚାର ସାଙ୍ଗଠନିକ କାର୍ଯ୍ୟାଳୟକୁ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଉଦଘାଟନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି କାର୍ଯ୍ୟକ୍ରମରେ ମହିଳାଙ୍କୁ ସଶକ୍ତିକରଣକୁ ଗୁରୁତ୍ୱ ଦିଆଯାଇଥିବାରୁ ମୋର୍ଚ୍ଚା ନେତ୍ରୀ ଓ କର୍ମୀମାନେ ଶୃଙ୍ଖଳିତ ଭାବେ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଇ ସଂଗଠନକୁ ବିସ୍ତାର କରିବାକୁ ବିଧାୟକ ଓ ଜିଲା ସଭାପତି ଡ଼ା. ସାହୁ ଗୁରୁତ୍ୱ ଦେଇଥିଲେ। ମୋର୍ଚ୍ଚା ଜିଲା ସଭାନେତ୍ରୀ ଅନୁଜା ନନ୍ଦ ବିଶ୍ୱାଳ ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁ ସଂଖ୍ୟକ କର୍ମୀ ଯୋଗ ଦେଇଥିଲେ।

# ଥାନାରେ ରହୁନି ଭଡ଼ାଟିଆଙ୍କ ସୂଚନା

## ଭଡ଼ା ଘରେ ନକଲି ମଦ, ଗୁଟ୍‌ଖା ବେପାର ସହ ସେକ୍ସ ର୍ୟାକେଟ

ବ୍ରହ୍ମପୁର, ୨୩।୬(ସୁବାସ ଚନ୍ଦ୍ର ପାଢ଼ୀ)

କ୍ରାଇମ ସିଟି ବ୍ରହ୍ମପୁର ଏବେ ନକଲି ସାମଗ୍ରୀ କାରବାରକୁ ନେଇ ବଦନାମ ହୋଇ ସାରିଛି। ତେବେ ଭଡ଼ାଘର ନେଇ ଏହି ସବୁ କାରବାର ଚାଲୁଥିବାବେଳେ ଭଡ଼ାଟିଆଙ୍କ କୌଣସି ସୂଚନା ପୋଲିସ ପାଖରେ ରହୁନି। ଫଳରେ ଗୁଟ୍‌ଖା ବେପାର ଓ ସେକ୍ସ ର୍ୟାକେଟ ଆଡ୍ଡାସ୍ଥଳ ପାଲଟିଛି ଏହି ଭଡ଼ା ଘର। ବିଗତ ଦିନରେ ଏଭଳି ବହୁ ଘଟଣାର ପର୍ଦ୍ଦାଫାସ ହୋଇଛି।

ବ୍ରହ୍ମପୁରରେ ଦିନକୁ ଦିନ ଜନବସତି ବଢ଼ିବାରେ ଲାଗିଛି। ସହରତଳି ଅଞ୍ଚଳଗୁଡିକ ମଧ ଦ୍ରୁତଗତିରେ ବିକଶିତ ହେଉଛି। ସେହି ଅଞ୍ଚଳରେ ସହଜ ଓ ସୁବିଧାରେ ଘରଭଡ଼ା ମିଳିଯାଉଛି। ଯାହାର ଫାଇଦା ଉଠାଉଛନ୍ତି ନିଶା ବେପାରୀ। ସେହିପରି ବିଭିନ୍ନ ସ୍ଥାନରେ ଚାଲୁଛି ସେକ୍ସ ର୍ୟାକେଟ। ଘର ମାଲିକଙ୍କ ଦାବି ଅନୁସାରେ ଘରଭଡା ଦେଇ ସେଠାରେ ଏଭଳି ବେଆଇନ କାମ କରାଯାଉଛି। ବୈଦ୍ୟନାଥପୁର ପୋଲିସ ସେକ୍ସ ର୍ୟାକେଟ ଚାଲୁଥିବା ଖବରପାଇ ଗତ ୨୧ ତାରିଖ ରାତିରେ ଅଶୋକନଗର ୯ମ ଲାଇନରେ ଚଢ଼ଉ କରିଥିଲା। ସେଠାରୁ ୨ ଯୁବତୀଙ୍କୁ ଉଦ୍ଧାର କରିଥିଲା। ୨ ଗ୍ରାହକଙ୍କୁ ବି ଗିରଫ କରିଥିଲା। ସେହିପରି ଗୋଲନ୍ଥରା ଥାନା ପୋଲିସ ହଳଦିଆପଦର ଓ ଅଟୋନଗର ସ୍ଥିତ ଦୁଇଟି ସ୍ଥାନରେ ଚଢ଼ାଉ କରି ପ୍ରାୟ ୧୦ କୋଟି ଟଙ୍କାର ଗୁଟ୍‌ଖା କମ୍ପାନୀ ଠାବ କରିଥିଲା। ଏହି କାରବାରର ମୁଖ୍ୟ ଅଭିଯୁକ୍ତ ପି. ଗୋପାଳକ୍ରିଷ୍ଣା ନିଜେ ପରଦା ପଛରେ ରହି ଏହି କାରବାର କରୁଥିଲେ। ଗୋପାଳ ଗତ ୨୦୧୬ରେ ଏହି କାରବାରରେ ଗିରଫ ହୋଇଥିଲେ। ଜାମିନରେ ଆସି ପୁଣିଥରେ ସେ ଏହି ବେପାର କରୁଥିଲେ। ଗୋଟିଏ ଫ୍ୟାକ୍ଟ୍ରି ଭଡା ଘରେ ଚାଲୁଥିବା ପୋଲିସର ତଦନ୍ତରେ ଜଣାପଡିଥିଲା। ସେହିପରି ବିଭିନ୍ନ ସମୟରେ ଭଡ଼ା ଘରେ ଚାଲୁଥିବା ନକଲି ମଦ ଫ୍ୟାକ୍ଟ୍ରି ମଧ୍ୟ ଠାବ ହୋଇଛି। ଗତ ସେପ୍ଟେମ୍ବର ୯ତାରିଖରେ ଅବକାରୀ ଗୋଇନ୍ଦା ବିଭାଗର ଏକ ଟିମ ୧୬ ନମ୍ବର ଜାତୀୟ ରାଜପଥ ପୁକୁଡିବନ୍ଧ ଜଙ୍କଶନରୁ ମଦ ବୋଝେଇ ଅଟୋ ଠାବ କରିଥିଲା। ତାହା ନକଲି ବୋଲି ଜଣାପଡିବା ପରେ ଅବକାରୀ ଟିମ ମଦ ପ୍ରସ୍ତୁତ ହେଉଥିବା ସ୍ଥାନ ବଡବଜାର ଥାନା ଫାଷ୍ଟଗେଟ ଓମ୍‌ନଗର ସ୍ଥିତ ଏକ ଭଡାଘରେ ଚଢ଼ାଉ କରିଥିଲା। ଯାଞ୍ଚ ପରେ ସେଠାରୁ ବିଭିନ୍ନ ବ୍ରାଣ୍ଡର ୧୨ଶହ ନକଲି ବିଦେଶୀ ମଦ ବୋତଲ ଓ ପ୍ରସ୍ତୁତି ସାମଗ୍ରୀ ଜବତ ହୋଇଥିଲା। ସେହିପରି ବ୍ରହ୍ମପୁର ଅବକାରୀ ବିଭାଗର ଏକ ଟିମ ଟାମଣା ଛକରୁ ଏକ ସ୍କୁଟିରେ ଚାଲାଣ ହେଉଥିବା ନକଲି ମଦ ଜବତ କରିଥିଲା। ସ୍କୁଟି ଚାଳକଙ୍କ ବୟାନକୁ ଆଧାର କରି ଗୋଲନ୍ଥରା ଥାନା ରାଳବ ଗ୍ରାମର ଏକ ଘରେ ଓ କେ.ନୂଆଗାଁ ଥାନା ଅନ୍ତର୍ଗତ ଗୌଡଗାଁରେ ଚଢ଼ାଉ କରି ୨୫୦ ବୋତଲ ନକଲି ବିଦେଶୀ ମଦ ସହ ଅନେକ ସାମଗ୍ରୀ ଜବତ କରିଥିଲା। ଏହା ପୂର୍ବରୁ ଡୁରା ଗ୍ରାମରେ ଚଢ଼ାଉ କରି ଏକ ଘରୁ ୧୩୪ଲିଟର ନକଲି ବିଦେଶୀ ମଦ ସହ ଅନେକ ସାମଗ୍ରୀ ଜବତ ହୋଇଥିଲା। ଭଡା ଘରେ ହିଁ ଏହି ମଦ ପ୍ରସ୍ତୁତ ହେଉଥିବା ପୋଲିସ ଜାଣିବାକୁ ପାଇଥିଲା। ସହର ତଳି ଅଞ୍ଚଳଗୁଡିକରେ ଘରଭଡା ନାଁରେ ନିଶା କାରବାର ହେଉଛି। ଭୁବନେଶ୍ୱର-କଟକ କମିସନରେଟ ପୋଲିସ ବ୍ୟବସ୍ଥାରେ ଭଡାଟିଆଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ସମ୍ପୃକ୍ତ ଅଞ୍ଚଳର ଥାନାକୁ ଦେବା ପାଇଁ କଡା ନିର୍ଦ୍ଦେଶ ରହିଛି। କିନ୍ତୁ ବ୍ରହ୍ମପୁର ପୋଲିସ ଜିଲାରେ ଏହା ଲାଗୁ ହୋଇ ନାହିଁ। ତେଣୁ ଏ ଦିଗରେ ଦୃଷ୍ଟି ଦେଇ ଥାନାରେ ଭଡାଟିଆଙ୍କ ସୂଚନା ଦେବା ପାଇଁ ବାଧ୍ୟତାମୂଳକ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଆର୍ଯ୍ୟଭଟ୍ଟ ଲର୍ଣ୍ଣିଂ ଫୋରମର ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ସଫଳ ଛାତ୍ରୀଛାତ୍ର।

ବ୍ରହ୍ମପୁର, ୨୩।୬ (ସ୍ୱାଧୀନ ଶେଖର ପାଢ଼ୀ)

ଆର୍ଯ୍ୟଭଟ୍ଟ ଲର୍ଣ୍ଣିଂ ଫୋରମ ପକ୍ଷରୁ ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ 'ପ୍ରେରଣା' ଅନୁଷ୍ଠିତ ହୋଇଯାଇଛି। ଜେଇ ମେନ, ନିଟ ଓ ଏଡଭାନ୍ସ ପରୀକ୍ଷାରେ ସଫଳ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରାଧାପକ ଡ.ଚନ୍ଦନ ଗନ୍ତାୟତ ଅତିଥି ୟୁଥ ଆଇକନ ଭାବେ ଯୋଗଦେଇ ଡାକ୍ତରୀ ଶିକ୍ଷାର ପ୍ରାଧାନ୍ୟ ଓ ଜଣେ ଡାକ୍ତରର ମୌଳିକ ଦାୟିତ୍ୱ ବିଷୟରେ ବୁଝାଇଥିଲେ । ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ମୁଖ୍ୟ ସୁଧୀର ରାଉତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ବରିଷ୍ଠ ସ୍ୱେଚ୍ଛାସେବୀ ତଥା ଶିକ୍ଷାବିତ ଶ୍ୟାମସୁନ୍ଦର ଖାଡଙ୍ଗା ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରବନ୍ଧକ ସୁଶାନ୍ତ ମହାନ୍ତି ଓ ଅନୁଷ୍ଠାନ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ଦୁଇ ହିରୋ ବିକାଶ ସାହୁ ଓ ନୀର ମଲ୍ଲିକ କାର୍ଯ୍ୟକ୍ରମର ଆକର୍ଷଣ ଥିଲେ । ଉଭୟେ ଗରିବ ଛାତ୍ର। ଶୈଶବରୁ ପିତୃହରା ବିକାଶ ନିପଟ ମଫସଲରୁ ଆସିଥିବା ବେଳେ ଗାଁରେ ବରା ପକୁଡି ବିକି ପରିବାର ଗୁଜୁରାଣ ମେଣ୍ଟେଇବା ସହ ପାଠପଢି ଜେଇ ମେନ ଓ ନିଟରେ ସଫଳ ହୋଇଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବିପଦର ବନ୍ଧୁ' ତାଙ୍କର ସବୁ ଖର୍ଚ୍ଚ ବହନ କରିଥିବା ବେଳେ ଆର୍ଯ୍ୟଭଟ୍ଟ ତାଙ୍କୁ ୨ବର୍ଷ ମାଗଣା ଶିକ୍ଷାଦାନ କରିଥିଲା। ରାଉରକେଲା ଏନଆଇଟିରେ ସେ ସିଭିଲ ପଢ଼ିବା ପାଇଁ ମଧ ଚୟନ ହୋଇସାରିଛନ୍ତି। ନୀର ମଲ୍ଲିକ ଆଦିବାସୀ ଗାଁର ପିତୃହରା ପିଲା। ନବୋଦୟ ବିଦ୍ୟାଳୟରୁ ୧୦ମ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଦ୍ୱାଦଶ ପାସ କରି ପଢ଼ାରେ ଡୋରୀ ବାନ୍ଧିବା ବେଳେ ବିପଦର ବନ୍ଧୁ ଦ୍ୱାରା ଆର୍ଯ୍ୟଭଟ୍ଟରେ ପହଞ୍ଚି ନିଃଶୁଳ୍କ ଶିକ୍ଷାଗ୍ରହଣ କରିଛନ୍ତି। ଜେଇ ମେନ ଆଡଭାନ୍ସଡ ସହ ନିଟ ପରୀକ୍ଷାରେ ସଫଳ ହୋଇଛନ୍ତି। ଆର୍ଯ୍ୟଭଟ୍ଟ ସ୍ଥାପନା ଦିବସରୁ ହିଁ ପ୍ରତିବର୍ଷ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାମାନଙ୍କୁ ମାଗଣା ପଢ଼ାଇବା ସହ ଆବଶ୍ୟକ ସ୍ଥଳେ ରହିବା ଖାଇବା ଖର୍ଚ୍ଚ ବହନ କରି ଆସୁଅଛି। ୧୦ରୁ ୧୫ ଜଣ ଏହି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷା ଦିଆଯାଉଛି ।

## ମୁଖପତ୍ର 'ବନ କୁସୁମ' ଓ ନାଟକ ପୁସ୍ତକ 'ଭିନ୍ନ ସ୍ୱର' ଉନ୍ମୋଚିତ

ବ୍ରହ୍ମପୁର, ୨୩।୬(ସ୍ମୃତି ରଞ୍ଜନ ମହାଲିକ)

ବନ କୁସୁମ ସାହିତ୍ୟ ସଂସଦର ୩୪ତମ ବାର୍ଷିକୋତ୍ସବ ପ୍ରକାଶମ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ପ୍ରତିଷ୍ଠାନର ସଂପାଦକ ଡ ଲକ୍ଷ୍ମୀ ନାରାୟଣ ଦାଶ ପ୍ରତିଷ୍ଠାନ ସଂପର୍କରେ ସମ୍ୟକ ସୂଚନା ଦେଇଥିଲେ। ମୁଖ୍ୟ ସଂପାଦକ କାଳନ୍ଦୀ ଚରଣ ନାୟକ ସଂସଦର ମୁଖପତ୍ର ବନ କୁସୁମ ପତ୍ରିକା ସଂପର୍କରେ କହିଥିଲେ। କବି ସୁଶାନ୍ତ ଦାଶ ଉଦଘାଟକ ଥିଲେ। ମୁଖ୍ୟ ଅତିଥି ରୂପେ ଇଂ ଯାମିନୀ କାନ୍ତ ଦାସ, ସମ୍ମାନନୀୟ ଅତିଥି ଇଂ ରାଜେଶ କୁମାର ତ୍ରିପାଠୀ, ଆଶୁତୋଷ ପାତ୍ର ଓ ଅଧାପିକା ସୁଚରିତା କର ଯୋଗ ଦେଇଥିଲେ। ଚନ୍ଦ୍ର ଶେଖର ଦାସ, ଯାମିନୀ କାନ୍ତ ଦାସ ଓ ସାଧୁ ଚରଣ ସାବତଙ୍କୁ ବନ କୁସୁମ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସଂସଦର ମୁଖପତ୍ର ବନ କୁସୁମ ଓ କାଳନ୍ଦୀ ଚରଣ ନାୟକଙ୍କ ସାମାଜିକ ନାଟକ ପୁସ୍ତକ 'ଭିନ୍ନ ସ୍ୱର' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ତୃତୀୟ ଅଧିବେଶନରେ ୪୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷ ଅଧିବେଶନରେ ନାଟକ ଭୁଲ ସମୀକ୍ଷା ମଞ୍ଚସ୍ଥ ହୋଇଥିଲା। ଏଥିରେ ମଞ୍ଚ ନିର୍ଦ୍ଦେଶକ ରୂପେ ସତ୍ୟ ମହାରଣା , ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ଶତପଥୀ, ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ମାଧବ ପାତ୍ର ଓ ଅଧାପକ ସରୋଜ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ।

## ଛାତ୍ରୀକୁ ଅପହରଣ ପରେ ବଳାତ୍କାର ମାମଲା: ଯୁବକ କୋର୍ଟଚାଲାଣ

ଗୋପାଳପୁର, ୨୩।୬ (ନବୀନ ରାଜ ଆଚାରୀ)

ଗୋଲନ୍ଥରା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ଘଟଣାରେ ପୋଲିସ ରବିବାର ଅଭିଯୁକ୍ତ ଯୁବକଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି । ସେ ହେଲେ ଏ ସୀମାଞ୍ଚଳ (୨୦)। ଗତ ମାର୍ଚ୍ଚ ୪ରେ ଛାତ୍ରୀ ଜଣକ ଦଶମ ପରୀକ୍ଷା ଦେଇ ଆସୁଥିବାବେଳେ ଗ୍ରାମର ସୀମାଞ୍ଚଳ ତାଙ୍କୁ ପ୍ରଲୋଭିତ କରି ନେଇଯାଇଥିଲେ। ପରିବାର ଲୋକ ଖୋଜାଖୋଜି କରି ନ ପାଇବାରୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୯୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। କନିଷି ହାଟ ଅଞ୍ଚଳରେ ଏକ ଭଡା ଘରେ ସୀମାଞ୍ଚଳ ଓ ଛାତ୍ରୀ ଥିବା ଖବରପାଇ ରବିବାର ପୋଲିସ ଚଢ଼ଉ କରି ଉଭୟଙ୍କୁ ଉଦ୍ଧାର କରିଥିଲା। ସୀମାଞ୍ଚଳ ବାରମ୍ବାର ଧମକ ଦେଇ ବଳାତ୍କାର କରୁଥିଲେ ବୋଲି ଛାତ୍ରୀ ଜଣକ ପୋଲିସ ଆଗରେ କହିଥିଲେ। ଉଭୟଙ୍କୁ ଡାକ୍ତରୀ ମାଇନା ପରେ ସୀମାଞ୍ଚଳଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଅଦାଲତରେ ଛାତ୍ରୀଙ୍କ ବୟାନ ରେକର୍ଡ ହୋଇଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।

## ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରରେ ଶୋକସଭା

ବ୍ରହ୍ମପୁର, ୨୩।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ସେକ୍ସନ ଅଫିସର ତଥା ଲାଞ୍ଜିପଲ୍ଲୀ ବରିଷ୍ଠ ନାଗରିକ ମଞ୍ଚର ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରର ସଦସ୍ୟ ମଦନ ମୋହନ ସାହୁଙ୍କ ଗତ ଶୁକ୍ରବାର ଯୋଗ ଦିବସରେ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ପରଲୋକ ହୋଇଛି। ତାଙ୍କ ମୃତଦେହ କମାପଲ୍ଲୀ ବାସଭବନରେ ପହଞ୍ଚିବା ପରେ ଉକ୍ତ କେନ୍ଦ୍ରର ବହୁ ସଦସ୍ୟ ଶେଷ ଦର୍ଶନ କରିଥିଲେ। ରବିବାର ମଞ୍ଚ ସଭାପତି ପ୍ରଫେସର ଭାସ୍କର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଶୋକସଭା ହୋଇଥିଲା।

## ଦ୍ୱିତୀୟ ଦିନରେ ସପ୍ତଠାକୁରାଣୀଙ୍କ ଘଟ ପରିକ୍ରମା


ରବିବାର ରାତିରେ ସପ୍ତଠାକୁରାଣୀଙ୍କ ଘଟ ପରିକ୍ରମା କରୁଛି।

ଆସିକା, ୨୩।୬(ସୁରେନ୍ଦ୍ରନାଥ ସାହୁ)

### ମା' ଫୁଲକେଶିନୀଙ୍କ ଯାତ୍ରା ଜମୁଛି

ଆସିକା ଲାଲାଗୋର୍ଜି ଛକଠାରେ ଚାଲିଥିବା ମା' ଫୁଲକେଶିନୀ ଠାକୁରାଣୀଙ୍କ ତ୍ରୟୋବାର୍ଷିକ ଯାତ୍ରାରେ ଲୋକଙ୍କ ଭିଡ ବଢ଼ିବାରେ ଲାଗିଛି। ଗତ ବୁଧବାରଠାରୁ ମା' ଫୁଲକେଶିନୀଙ୍କ ସମେତ ଖମ୍ବେଶ୍ୱରୀ, କାଳିମୁଖୀ, ବୁଢ଼ୀ ଠାକୁରାଣୀ, ମାଣିକେଶ୍ୱରୀ, ଗ୍ରାମଦେବତୀ ଓ ବିମଳାଙ୍କ ବିଜେ ପ୍ରତିମାଙ୍କୁ ଅସ୍ଥାୟୀ ପୀଠରେ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ସହ ହୋମଯଜ୍ଞ ଚାଲିଛି । ବିଭିନ୍ନ ସାହି ବସ୍ତିରେ ରଙ୍ଗୀନ ଆଲୋକମାଳା ଓ ତୋରଣ ଝଲସି ଉଠୁଥିଲା ବେଳେ ମେଢସବୁ ଯାତ୍ରାକୁ ଅଧିକ ଆକର୍ଷଣୀୟ କରିଛି। ଅନ୍ୟପକ୍ଷରେ ଗତ ଶନିବାରଠାରୁ ସପ୍ତ ଠାକୁରାଣୀଙ୍କ ନଗର ପରିକ୍ରମା ଆରମ୍ଭ ହୋଇଛି। ସନ୍ଧ୍ୟାରେ ଅସ୍ଥାୟୀ ପୀଠରେ ଠାକୁରାଣୀଙ୍କ ଆଳତୀ ପରେ ମାନସିକଧାରୀ ମହିଳାମାନେ ସପ୍ତ ଠାକୁରାଣୀଙ୍କ ଘଟକୁ ମୁଣ୍ଡରେ ଧରି ନଗର ପରିକ୍ରମାରେ ସାମିଲ ହେଉଛନ୍ତି। ରବିବାର ଦ୍ୱିତୀୟ ଦିବସରେ ସପ୍ତଦେବୀଙ୍କ ଘଟ ଅସ୍ଥାୟୀ ପୀଠ ଲାଲାଗୋର୍ଜି ଛକରୁ ବାହାରି ଗୋପବନ୍ଧୁ ନଗର, ସୁନାମ୍ବ ବ୍ରାହ୍ମଣସାହି, ନୋଳିଆ ସାହି, ପମ୍ପଟ୍ୟାମ୍ବର ସାହି, ଶନିମନ୍ଦିର ସାହି, ରଥଦାଣ୍ଡ ସାହି, ନୃସିଂହ ମନ୍ଦିର ସାହି, ସୁନାମ୍ବ ବାଉରି ସାହିରୁ ଗ୍ରାମ ଦେବତୀ ମନ୍ଦିର ଯାଇ ପୁଣି ଅସ୍ଥାୟୀ ମନ୍ଦିରକୁ ଫେରିବେ। ଶନିବାର ପ୍ରଥମ ଦିନ ସପ୍ତଦେବୀ ନଦୀ ସାହି, ମହାତ୍ମା ଗାନ୍ଧୀ ରୋଡ, ଗୋଲା ସାହି, ସାନ ମୁନିସାହି, ବଡ ମୁନିସାହି, ଗାଟୁ ଗଳି, ବଟକୃଷ୍ଣ ମାର୍ଗ, ସରିଫ ଗଳି, ପରିବା ମାର୍କେଟ, ହାଟପଦା ଛକ ହୋଇ ପାର୍କ ପର୍ଯ୍ୟନ୍ତ ଯାଇ ପୁଣି ଅସ୍ଥାୟୀ ପୀଠକୁ ଫେରିଥିଲେ। ଘଟ ପରିକ୍ରମା ଆସନ୍ତା ବୁଧବାର ଯାଏ ଯାତ୍ରା ପରିସରଭୁକ୍ତ ଅଞ୍ଚଳର ବିଭିନ୍ନ ସାହିବସ୍ତିକୁ ନିର୍ଦ୍ଧାରିତ ସୁଚୀ ମୁତାବକ ପରିକ୍ରମା କରିବ । ଗୁରୁବାର ଓ ଶୁକ୍ରବାର ପୀଠରେ ଠାକୁରାଣୀଙ୍କ ବିଶ୍ରାମ ଲାଗି ଦିନ ଧାର୍ଯ୍ୟ ହୋଇଥିବା ବେଳେ ଶନିବାର ଅନ୍ତିମ ଦିବସରେ ସମଗ୍ର ସହରରେ ଘଟ ପରିକ୍ରମା ଲାଗି ବ୍ୟବସ୍ଥା ହୋଇଛି । ୨ଦିନ ହେଲା ପାଗ ଶୁଖିଲା ହୋଇଥିବା ଯୋଗୁ ଶ୍ରଦ୍ଧାଳୁଙ୍କ ସମାଗମ ବଢ଼ିବାରେ ଲାଗିଛି । ସେହିଭଳି ତାଲୁକା ରୋଡରେ ଚାଲିଥିବା ମୀନା ବଜାର ଓ ରାମଦୋଳି ଶନିବାର ଠାରୁ ଆରମ୍ଭ ହୋଇଥିଲା ବେଳେ ଶ୍ରଦ୍ଧାଳୁ ଏହାର ବେଶ ମଜା ଉଠାଉଥିବା ଲକ୍ଷ୍ୟ କରାଯାଇଛି ।

## ଲାଇଟ୍ ଆଣ୍ଡ ସାଉଣ୍ଡ ମାଲିକ ସଂଘର ବୈଠକ



ବୈଠକରେ ଉପସ୍ଥିତ ଅତିଥି ଓ ସଂଘର ସଦସ୍ୟବୃନ୍ଦ।

ବ୍ରହ୍ମପୁର, ୨୩।୬(ସ୍ମୃତି ରଞ୍ଜନ ମହାଲିକ)

ଗଞ୍ଜାମ ଜିଲା ଲାଇଟ ଆଣ୍ଡ ସାଉଣ୍ଡ ମାଲିକ ସଂଘ ପକ୍ଷରୁ ଏକ ଜରୁରୀକାଳୀନ ବୈଠକ ରବିବାର ଖଲାସି ସାହି ସ୍ଥିତ କମ୍ୟୁନିଟି ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ସଂଘର ନୂତନ କର୍ମକର୍ତ୍ତା ଚୟନ ହୋଇଥିଲା। ସଂଘର ସଭାପତି ଜେ. ହରିବାବୁ ସଭାପତିତ୍ୱ କରିଥିଲେ। ବୈଠକରେ ବିଧାୟକ କେ. ଅନିଲ କୁମାର ଅତିଥି ରୂପେ ଯୋଗ ଦେଇ ସଂଘ ପାଇଁ ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସଂଘ ପକ୍ଷରୁ ବାର୍ଷିକ ଆୟବ୍ୟୟର ବିବରଣୀ ପାଠ କରାଯାଇଥିଲା। ଆଗାମୀ ଦିନରେ ସଂଘର ବାର୍ଷିକୋତ୍ସବ ଅନୁଷ୍ଠିତ ନେଇ ବୈଠକରେ ଆଲୋଚନା ହୋଇଥିଲା। ଉପସଭାପତି ଧ୍ରୁବ କୁମାର ପ୍ରଧାନ, ସଂପାଦକ ଦିଲୀପ କୁମାର ଷଡଙ୍ଗୀ, ସହ ସଂପାଦକ ନୀଳମାଧବ ପତିଙ୍କ ସମେତ ପୂର୍ଣ୍ଣ ଚନ୍ଦ୍ର ଚୌଧୁରୀ, ସତ୍ୟ ନାରାୟଣ ସାହୁ, ବିଜୟ ଚନ୍ଦ୍ର ବେହେରା, ପି. କ୍ରୀଷ୍ଣା ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜିପୁରରେ ବିଧାୟକଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ ।

ବ୍ରହ୍ମପୁର, ୨୩।୬(ନରସିଂହ ସାହୁ)

ବିଜିପୁର ଅଞ୍ଚଳବାସୀଙ୍କ ପକ୍ଷରୁ ବ୍ରହ୍ମପୁରର ନବ ନିର୍ବାଚିତ ଭାଜପା ବିଧାୟକ କେ. ଅନିଲ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାଲୁଆ ମନ୍ଦିର ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭିନ୍ନ ଯୁବ ସଂଗଠନ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀର୍ଘବର୍ଷ ହେବ ମହାନଗର ଅପରାଧ ପ୍ରବଣ ହୋଇଯାଇଛି ଏବଂ ଏବେ ରାଜନୀତି ବଦଳି ଯାଇଥିବାରୁ ସହରକୁ ଅପରାଧମୁକ୍ତ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ ପୀତବାସ ପଣ୍ଡା, ଅଶୋକ ଶୁକ୍ଲ, ଭାଜପା ନେତା ତଥା ଦଳର ମିଡିଆ ସେଣ୍ଟର ସଂଯୋଜକ ସୁନୀଲ ସାହୁ, ଜିଲା ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ, ଲକି ମଙ୍ଗରାଜ, ଗୋଷାଣି ନୂଆଗାଁ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଚୌଧୁରୀ, ସଂଜୟ ଜେନା, ମହିଳା ମୋର୍ଚ୍ଚା ନେତ୍ରୀ ବର୍ଷା ବିଦ୍ୟୁସ୍ମିତା, ଗୀତା ଦାସ, ଯୁବନେତା ବିଶ୍ୱଜିତ ପାତ୍ର, ରବି ନାରାୟଣ ସାବତ, ଏସ. ଶ୍ରୀନିବାସଙ୍କ ସମେତ ବିଭିନ୍ନ ସ୍ତରର ଲୋକେ ଉପସ୍ଥିତ ଥିଲେ। ଅଞ୍ଚଳବାସୀଙ୍କ ସହ ଆଲୋଚନା ବେଳେ ସମସ୍ୟା ନେଇ ବିଧାୟକ ପଚାରିଥିଲେ। ସମାଧାନ ଲାଗି ତ୍ୱରିତ ପଦକ୍ଷେପ ନିଆଯିବାର ସେ ପ୍ରତିଶ୍ରୁତି ଦେଇଥିଲେ। ବିଜିପୁର ହେଉଛି ବିଜେଡିରୁ ନିର୍ବାଚିତ ମେୟରଙ୍କ ଅଞ୍ଚଳ।

# ଏବେ ସ୍ୱାଭାବିକ ହେବ ଶିକ୍ଷାଦାନ

ବ୍ରହ୍ମପୁର, ୨୩।୬ (ସ୍ୱାଧୀନ ଶେଖର ପାଢ଼ୀ)

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ୨ ପ୍ରଫେସର, ୫ ଆସୋସିଏଟ, ୬୧ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତ

ଶିକ୍ଷକ ସମସ୍ୟା ଦେଇ ଗତି କରୁଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଏବେ ଶିକ୍ଷାଦାନ ସ୍ୱାଭାବିକ ହେବ। ୨ ପ୍ରଫେସର, ୫ ଆସୋସିଏଟ, ୬୧ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଶାଇ ଚଳିତ ଶିକ୍ଷାବର୍ଷ ପାଇଁ ସମୁଦାୟ ୬୮ ପ୍ରାଧାପକଙ୍କୁ ନିଯୁକ୍ତି ମିଳିଛି। ସେମାନଙ୍କ ମଧ୍ୟରେ ଭୌତିକବିଜ୍ଞାନ ବିଭାଗର ପ୍ରଫେସର ଭାବେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ରସାୟନ ବିଭାଗର ପ୍ରଫେସର ଭାବେ ଡ. ପଞ୍ଚାନନ ଗୌଡ ଅଛନ୍ତି । ସେହିପରି ଆସୋସିଏଟ ପ୍ରଫେସର ଭାବେ ଅର୍ଥନୀତି ବିଭାଗରେ ଡ. କିଶୋର କୁମାର ବଡତ୍ୟା, ଇତିହାସ ବିଭାଗରେ ଡ. ସିଏଚ ସାନ୍ତା କୁମାରୀ, ଓଡ଼ିଆ ବିଭାଗରେ ବନମାଳୀ ପାଣିଗ୍ରାହୀ, ଭୌତିକ ବିଜ୍ଞାନରେ ଡ. ପ୍ରବୀଣ କୁମାର ନନ୍ଦ ଓ ପ୍ରାଣୀ ବିଜ୍ଞାନରେ ଡ. ସୁରେନ୍ଦ୍ର ସେଠୀ ନିଯୁକ୍ତି ପାଇଛନ୍ତି । ଏହା ବାଦ ନୃତତ୍ତ୍ୱ ବିଭାଗରେ ୩ ଆସିଷ୍ଟାଣ୍ଟ ପ୍ରଫେସର, ଉଦ୍ଭିଦ ବିଜ୍ଞାନ ବିଭାଗରେ ୩, ରସାୟନ ବିଜ୍ଞାନ ବିଭାଗରେ ୨, ବାଣିଜ୍ୟ ବିଭାଗରେ ୬, ଅର୍ଥନୀତି ବିଭାଗରେ ୫, ଶିକ୍ଷା ବିଭାଗରେ ୪, ଇଂରାଜୀ ବିଭାଗରେ ୪, ଭୂତତ୍ତ୍ୱ ବିଭାଗରେ ୪, ହିନ୍ଦୀ ବିଭାଗରେ ୪, ଇତିହାସ ବିଭାଗରେ ୪, ଗଣିତ ବିଭାଗରେ ୩, ଓଡିଆ ବିଭାଗରେ ୩, ଦର୍ଶନଶାସ୍ତ୍ର ବିଭାଗରେ ୩, ଭୌତିକ ବିଜ୍ଞାନ ବିଭାଗରେ ୩, ରାଜନୀତି ବିଜ୍ଞାନ ବିଭାଗରେ ୩, ପ୍ରାଣୀ ବିଜ୍ଞାନ ବିଭାଗରେ ୪, କମ୍ପ୍ୟୁଟର ବିଜ୍ଞାନ ବିଭାଗରେ ଜଣେ ଏବଂ ବାୟୋଟେକନଲୋଜି ବିଭାଗରେ ଜଣେ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ସିଲେକ୍ସନ କମିଟି ପକ୍ଷରୁ ନିଯୁକ୍ତି ମିଳିଛି । ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ପରେ ଜାନୁଆରୀ ୨୧ ତାରିଖରେ ବିଭାଗ ପକ୍ଷରୁ ନିଯୁକ୍ତି ପାଇଁ ନିର୍ଦ୍ଦେଶ ହୋଇଥିଲା। ସେହି ପ୍ରକାରେ ଗତ ଫେବୃଆରୀ ୨୨ ତାରିଖରେ ଖାଲି ପଡିଥିବା ପଦବୀ ପାଇଁ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିଲା। କୁଳପତିଙ୍କ ନେତୃତ୍ୱରେ ବସିଥିବା ସିଲେକ୍ସନ କମିଟି ଦ୍ୱାରା ଆବେଦନକାରୀଙ୍କ ପରୀକ୍ଷା, ସାକ୍ଷାତକାରକୁ ଆଧାର କରି ଗତ ୨୨ ତାରିଖରେ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ବିଭାଗର ଖାଲି ପଦ ପୂରଣ ହୋଇଥିବା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡକ୍ଟର ଗୀତାଞ୍ଜଳି ଦାସଙ୍କ ଦ୍ୱାରା ପ୍ରେରିତ ଚିଠିରୁ ସୂଚନା ମିଳିଛି। ୨୦୨୧ରେ ମାନ୍ୟତା ପାଇଥିବା ଉକ୍ତ ବିଶ୍ୱବିଦ୍ୟାଳୟ ପାଇଁ ନୂତନ ଭାବେ ସ୍ଥାୟୀ ଶିକ୍ଷକ ଏବଂ ଅଣଶିକ୍ଷକ ପଦ ଆଜି ଯାଏଁ ପୂରଣ ହୋଇପାରିନାହିଁ । ଦୀର୍ଘ ଦିନ ଧରି ବହୁ ଶିକ୍ଷକ ପଦବୀ ଖାଲି ପଡିଥିଲା। ଚଳିତ ବର୍ଷ ଏପ୍ରେଲ ମାସରେ ଚୁକ୍ତିଭିତିକ ଶିକ୍ଷକଙ୍କ ଅବଧି ସାରିଯାଇଥିଲା। ଫଳରେ ଗତ ୧୮ରୁ ଖୋଲିଥିବା ବିଶ୍ୱବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କ ପାଠ ପଢ଼ାରେ ଅସୁବିଧା ହେଉଛି ବୋଲି ଅଭିଯୋଗ ହୋଇଥିଲା। ତେଣୁ ଏଭଳି ପଦକ୍ଷେପ ନିଆଯାଇଛି। ଏବେ ଶିକ୍ଷାଦାନ ସ୍ୱାଭାବିକ ହେବ ବୋଲି ବିଦ୍ୟାର୍ଥୀ ଆଶା ବାନ୍ଧିଛନ୍ତି।



ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ



କେନ୍ଦୁଝର ଜିଲ୍ଲା ଘଟଗାଁରେ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ରୋଡ୍ ଶୋ'।

## ପିସିସି ସଭାପତିଙ୍କୁ କାଳିମାଡ଼ ଘଟଣାରେ ୫ ଜଣ ବହିଷ୍କୃତ

**ଭୁବନେଶ୍ୱର, ୨୩।୬(ସୁନିତ୍ ମିଶ୍ର)**

### କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ଓ ଓଡ଼ିଶା ପ୍ରଭାରୀ ଅଜୟଙ୍କୁ ଅବଗତ କରାଗଲା

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ କାଳିମାଡ଼ ଘଟଣାରେ ୫ ଜଣ କାର୍ଯ୍ୟକର୍ତ୍ତା ତଥା ପଦାଧିକାରୀଙ୍କୁ ରବିବାର ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି। ଦଳୀୟ ଶୃଙ୍ଖଳା ଭଙ୍ଗ କରିଥିବା ଯୋଗୁ ପିସିସି ସଭାପତି ଶରତ ପଟ୍ଟନାୟକ ସେମାନଙ୍କୁ ବହିଷ୍କାର କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଶୃଙ୍ଖଳା କମିଟି ଅଧ୍ୟକ୍ଷ ସନ୍ତୋଷ ସିଂ ସାଲୁଜା ଏହି କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଜଣାଇଛନ୍ତି। ଏ ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କୁ ମଧ୍ୟ ଅବଗତ କରାଯାଇଛି। ବହିଷ୍କୃତ ହୋଇଥିବା କାର୍ଯ୍ୟକର୍ତ୍ତା ତଥା ପଦାଧିକାରୀମାନେ ହେଉଛନ୍ତି- ଓପିସିସିର ସାଧାରଣ ସମ୍ପାଦକ ପ୍ରକାଶ ମିଶ୍ର, ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ଶ୍ରୀୟାସ୍ମିତା ପଣ୍ଡା, ଏନ୍ଏସ୍ୟୁଆଇ ସମ୍ପାଦକ ସନ୍ଦୀପ ରାଉତରାୟ, ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ଅମରେଶ ପରିଡ଼ା ଓ ଏନ୍ଏସ୍ୟୁଆଇ ରାଜ୍ୟ ସମ୍ପାଦକ ଆର୍ଯ୍ୟନ ସାସମଲ।

ସୂଚନାଯୋଗ୍ୟ ଯେ, ଗତ ଶୁକ୍ରବାର ପିସିସି ସଭାପତି କଂଗ୍ରେସ ଭବନ ସ୍ଥିତ ନିଜ ଚାମ୍ବରରେ ବସିଥିବାବେଳେ ତାଙ୍କ ଉପରକୁ କାଳିମାଡ଼ କରାଯାଇଥିଲା। ଏହି କାର୍ଯ୍ୟ ଭାଜପା ପକ୍ଷରୁ ପ୍ରାୟୋଜିତ ବୋଲି ପିସିସି ସଭାପତି ପ୍ରଥମେ ଅଭିଯୋଗ କରିଥିଲେ। ହେଲେ ବର୍ତ୍ତମାନ ଦଳର କେତେଜଣ କାର୍ଯ୍ୟକର୍ତ୍ତାଙ୍କ ବିରୋଧରେ ସେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏ ବିଷୟରେ ସେ ଦଳର ପ୍ରଭାରୀଙ୍କୁ ମଧ୍ୟ ଅବଗତ କରାଇଥିବା ବିଷୟରେ ମଧ୍ୟ ଦର୍ଶାଇଛନ୍ତି। କାର୍ଯ୍ୟାନୁଷ୍ଠାନ ଚିଠିରେ ଉଲ୍ଲେଖ କରାଯାଇଛି ଯେ, ବହିଷ୍କୃତ ହୋଇଥିବା ଉପରୋକ୍ତ କାର୍ଯ୍ୟକର୍ତ୍ତା ତଥା ପଦାଧିକାରୀମାନେ ତାଙ୍କ ଉପରକୁ କାଳି ମାଡ଼ କରିଥିଲେ। ଏହା ଦଳୀୟ ଶୃଙ୍ଖଳା ଭଙ୍ଗ କରିବା ସହିତ ଦଳର ଭାବମୂର୍ତ୍ତି କ୍ଷୁଣ୍ଣ କରିଥିଲା। ସେଥିପାଇଁ ପିସିସି ସଭାପତି ସେମାନଙ୍କୁ ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରିଛନ୍ତି।

# ସବୁ ଲୁଟେରା ଜେଲ ଯିବେ: ମୁଖ୍ୟମନ୍ତ୍ରୀ

**କେନ୍ଦୁଝର,୨୩।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ମୋହନ ମାଝୀ ପ୍ରଥମଥର ପାଇଁ ଦୁଇ ଦିନିଆ କେନ୍ଦୁଝର ଜିଲା ଗସ୍ତରେ ଆସିଛନ୍ତି। କେନ୍ଦୁଝର ଷ୍ଟାଡିୟମଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ସେ ପୂର୍ବ ବିଜେଡି ସରକାରକୁ ଟାର୍ଗେଟ କରିଛନ୍ତି। ଜନସଭାରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ଓ କେନ୍ଦୁଝର ଜିଲାକୁ ୨୪ ବର୍ଷ ହେଲା ଲୁଟ୍ କରାଯାଇଛି। କେନ୍ଦୁଝରରେ ହୋଇଥିବା ଖଣି ଲୁଟ୍‌ରେ ପୂର୍ବ ସରକାର ଓ ଜିଲା ପ୍ରଶାସନର ସମ୍ପୃକ୍ତି ରହିଛି। ସବୁ ଲୁଟେରା ମୋ ଆଖି ଆଗରେ ରହିଛନ୍ତି। ସମସ୍ତେ ପ୍ରସ୍ତୁତ ରୁହନ୍ତୁ, କେନ୍ଦୁଝର ଜେଲରୁ ଝାରପଡ଼ା ଜେଲରେ ପଶିବାକୁ। ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ, କେନ୍ଦୁଝରର ଅସ୍ମିତା ବିପଦରେ ରହିଛି। ଅଣ ଓଡ଼ିଆ ଓ ବାହାର ଲୋକେ ଏବେ ମଧ୍ୟ ଜିଲାର ଗରିବ ଲୋକଙ୍କୁ ଲୁଟ୍ କରି ଚାଲିଛନ୍ତି। ତୃତୀୟ ମହଲା ଓ ସୁପର ଚିଫ୍ ମିନିଷ୍ଟର ପ୍ରସଙ୍ଗ ଉଠାଇ କିଭଳି ରାଜ୍ୟ ଶାସନ ବ୍ୟବସ୍ଥାକୁ ବିଭ୍ରାନ୍ତ କରୁଥିଲେ ସେ ବିଷୟରେ କହିଥିଲେ। ପୂର୍ବ ସରକାର ନିଜର ଅହଙ୍କାର ପାଇଁ ହାରିଲା। ପରୀ ଓ ମମିତା ମେହର ଭଳି ହତ୍ୟାକାଣ୍ଡର ନିଃଶ୍ୱାସ ପଡ଼ିଲା। ପୂର୍ବ ମୁଖ୍ୟମନ୍ତ୍ରୀ ସବୁ ବେଳେ ନମ୍ବର୍ ୱାନ ହୁଅନ୍ତି, ତେବେ ରାଜ୍ୟ କାହିଁକି ପଛରେ ପଡ଼ିଛି ବୋଲି ମୋହନ ପ୍ରଶ୍ନ କରିଥିଲେ। ବିରୋଧୀ ଦଳରେ ରହି ସରକାରଙ୍କୁ ସେ ଭୟଭୀତ କରି ପାରୁଥିଲେ। ତେଣୁ ତାଙ୍କୁ ଖଣି ଦେବାକୁ କହି ପ୍ରଲୋଭିତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ଗୋଟିଏ କାହିଁକି ଆଜି ସବୁ ଖଣି ତାଙ୍କ ଅଧୀନରେ ରହିଛି। କିନ୍ତୁ ସେ ଲୁଟ୍ କରିବାକୁ ଆସି ନାହାନ୍ତି ବରଂ ସୁନାର ଓଡ଼ିଶା ଗଠନ କରିବେ ଏବଂ ଗୁଣ୍ଡୁଚି ମୂଷା ଭଳି ରାଜ୍ୟର ବିକାଶ ପାଇଁ କାମ କରିବେ ବୋଲି କହିଥିଲେ। ଜିଲାରେ ଖଣି ଲୁଟ ଓ ଡିଏମ୍ଏଫ୍ ଅର୍ଥ ଲୁଟେରାଙ୍କୁ ଛାଡ଼ିବେ ନାହିଁ । ସମସ୍ତଙ୍କୁ କାଠଗଡ଼ାରେ ଛିଡ଼ା କରିବେ ବୋଲି କହିଥିଲେ। ମୁଖ୍ୟ ମନ୍ତ୍ରୀଙ୍କ ବୟାନର ଜବାବରେ ଘଷିପୁରା ବିଜେଡି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର କହିଛନ୍ତି, ଖଣି ତଥା ଡିଏମ୍ଏଫ୍ ଦୁର୍ନୀତି ବା ଲୁଟ୍ ହୋଇଥିଲେ ତାହା ସରକାର ତଦନ୍ତ କରି ଧରନ୍ତୁ। ଏଣୁ କଥାରେ ନ କହି କାମରେ ଦେଖାନ୍ତୁ। ଯିଏ ଲୁଟ କରିଥିବ ସେ ଧରାପଡ଼ିବ। ବିଜେଡି ଜିଲା ସଭାପତି କୁଶ ଆପଟ କହିଛନ୍ତି, ଯଦି ମୁଖ୍ୟମନ୍ତ୍ରୀ କହୁଛନ୍ତି, ଖଣି ଦୁର୍ନୀତି ହୋଇଛି, ତେବେ ପର୍ଦ୍ଦାଫାଶ କରନ୍ତୁ। ସେହିପରି ୨୪ ବର୍ଷ ହେଲା ବିଜେଡି ଯଦି ସମ୍ପୃକ୍ତ ତେବେ ଭାଜପା ମଧ୍ୟ ସମ୍ପୃକ୍ତ। ଏଣୁ ତଦନ୍ତ ହେଲେ ଜଣାପଡ଼ିବ।

## ୧୦୦ ଦିନ ମଧ୍ୟରେ ସୁଭଦ୍ରା ଯୋଜନା: ପ୍ରଭାତୀ ପରିଡ଼ା

**ଭୁବନେଶ୍ୱର, ୨୩।୬(ସୁନିତ୍ ମିଶ୍ର)**

ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଅଧୀନରେ ସୁଭଦ୍ରା ଯୋଜନା ଉପରେ ରାଜ୍ୟ ସରକାର କ୍ୟାବିନେଟ୍‌ରେ ମୋହର ମାରିଛନ୍ତି। ଏବେ ଏହି ଯୋଜନା ଡ୍ରାଫ୍ଟିଂ ସ୍ଥିତିରେ ରହିଛି। ୧୦୦ ଦିନ ମଧ୍ୟରେ ନିଶ୍ଚୟ ସୁଭଦ୍ରା ଯୋଜନା ଆରମ୍ଭ ହେବ। ପୂର୍ବ ନିଷ୍ପତ୍ତି ଅନୁଯାୟୀ ସବୁ ମହିଳାଙ୍କୁ ଏହି ଯୋଜନାର ଲାଭ ମିଳିବ ବୋଲି ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ପ୍ରଭାତୀ ପରିଡ଼ା କହିଛନ୍ତି ଯେ, ଓଡ଼ିଶା ମହିଳା ଓ ଶିଶୁ କଲ୍ୟାଣ ବିଭାଗର ସମୀକ୍ଷାରୁ ଦେଖିଛି ବିଭାଗ ଏହି କାର୍ଯ୍ୟକ୍ରମ ହାତକୁ ନେବା ସହିତ ଲୋକଙ୍କ ନିକଟରେ ଉକ୍ତ ଯୋଜନା ପହଞ୍ଚାଇବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ସରକାରଙ୍କ ଦାୟିତ୍ୱ ହେଉଛି ସବୁକଥା କେନ୍ଦ୍ରକୁ ଜଣାଇବ। ଉକ୍ତ ଯୋଜନା ପାଇଁ କେତେ ବଜେଟ ଆବଶ୍ୟକ ସେ କଥା ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ ଜିଏସ୍‌ଟି କାଉନସିଲ୍ ବୈଠକରେ ଯୋଗଦେଇ ଜଣାଇଥିବେ। ମହିଳା ଓ ଶିଶୁ ବିଭାଗ ବିଳମ୍ବ ନ କରି ସୁଭଦ୍ରା ଯୋଜନା ରାଜ୍ୟରେ ଲାଗୁ କରିବ ଏବଂ ତାହା ଦେବ ବୋଲି ସେ କହିଛନ୍ତି।

## ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଦେଖି ବିଧାୟକ ଖପ୍ପା

**ଦିଗପହଣ୍ଡି,୨୩।୬(ଅଶେଷ ନାଥ ମିଶ୍ର)**



ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ସହ ସାଥିରେ ଥିବା ଦଳୀୟ ନେତୃବୃନ୍ଦ ରାସ୍ତା ମଝିରେ ଥିବା ଖୁଣ୍ଟର ସ୍ଥିତି ଦେଖୁଛନ୍ତି।

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ପଞ୍ଚାୟତ ସିନ୍ଧବା ଗ୍ରାମଠାରୁ ବଡ଼ପଦା ଗ୍ରାମ ଯାଏ ଯାଇଥିବା ରାସ୍ତା ମଝିରେ ରହିଛି ଏକ ବିଦ୍ୟୁତ୍ ଖୁଣ୍ଟ। ଫଳରେ ବିପଦପୂର୍ଣ୍ଣ ଭାବେ ଲୋକେ ଯିବାଆସିବା କରୁଛନ୍ତି। ଶନିବାର ଅପରାହ୍ନରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଜିଲା ଭାଜପା ଯୁବମୋର୍ଚ୍ଚା ଉପସଭାପତି ବାପି ପ୍ରଧାନ, ରାଜକିଶୋର ମହାନ୍ତି ପ୍ରମୁଖ ନିମଖଣ୍ଡିପେଣ୍ଠ ପଞ୍ଚାୟତ କାର୍ଯ୍ୟାଳୟରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ସାରି ବଡ଼ପଦା ଗ୍ରାମ ନିକଟ ଶ୍ରୀଉଦୟନାଥେଶ୍ୱର ଶୈବପୀଠକୁ ଯାଉଥିଲେ। ରାସ୍ତାମଝିରେ ବିଦ୍ୟୁତ୍ ଖୁଣ୍ଟ ଦେଖି ସେଠାରେ ଅଟକିଥିଲେ। ତେବେ ରାସ୍ତାମଝିରେ କାହିଁକି ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ରହିଛି ସେ ନେଇ ଅନୁଧ୍ୟାନ କରିଥିଲେ। ରାସ୍ତାକଡ଼ରେ ପର୍ଯ୍ୟାପ୍ତ ଜମି ରହିଥିଲେ ମଧ୍ୟ ବିଦ୍ୟୁତ୍ ଖୁଣ୍ଟ ମୁଖ୍ୟରାସ୍ତାର ମଝିରେ କାହିଁକି ସ୍ଥାପନ କରାଯାଇଛି ବୁଝିପାରି ନ ଥିଲେ। ଏନେଇ ବିଧାୟକ ଦିଗପହଣ୍ଡି ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ବିଶ୍ୱରଞ୍ଜନ ରାଉତଙ୍କୁ ଫୋନ କରି ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦିନେ ଦୁଇଦିନ ମଧ୍ୟରେ ରାସ୍ତାମଝିରୁ ଖୁଣ୍ଟ ସ୍ଥାନାନ୍ତର କରାଯିବ ବୋଲି ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

## ଖୁବ୍‌ଶୀଘ୍ର କୁଜଙ୍ଗ ପାଇଁ ହେବ ମାଷ୍ଟର ପ୍ଲାନ୍: ମନ୍ତ୍ରୀ ସମ୍ପଦ ସ୍ୱାଇଁ

**କୁଜଙ୍ଗ,୨୩।୬(ମନୋଜ ପ୍ରଧାନ)**



ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁଙ୍କୁ ରବିବାର କୁଜଙ୍ଗ ବ୍ୟବସାୟୀ ସଂଘ କର୍ମକର୍ତ୍ତାମାନେ ଭେଟୁଛନ୍ତି।

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ପାଇଁ ଖୁବ୍‌ଶୀଘ୍ର ମାଷ୍ଟର ପ୍ଲାନ୍ ହେବ। ବିଶେଷକରି ବଜାର ସୌନ୍ଦର୍ଯ୍ୟକରଣ ଓ ଜଳ ନିଷ୍କାସନ ନିମନ୍ତେ ପଦକ୍ଷେପ ନିଆଯିବ। ଉପରୋକ୍ତ ଯୋଜନା କାର୍ଯ୍ୟକାରୀ ପାଇଁ ରାଜସ୍ୱ ପ୍ରଶାସନ, ବ୍ଲକ ପ୍ରଶାସନ, ବ୍ୟବସାୟୀ, ଜନସାଧାରଣଙ୍କୁ ନେଇ ଏକ ସମନ୍ୱୟ ବୈଠକ କରାଯାଇ ଖସଡ଼ା ପ୍ରସ୍ତୁତ ହେବ ବୋଲି ରବିବାର ଶିଳ୍ପମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ସ୍ୱାଇଁ କହିଛନ୍ତି। କୁଜଙ୍ଗ ବ୍ୟବସାୟୀ ସଂଘ ପକ୍ଷରୁ ପାରାଦୀପ ଜିରୋ ପଏଣ୍ଟସ୍ଥିତ ଭାଜପା କାର୍ଯ୍ୟାଳୟଠାରେ ସୌଜନ୍ୟମୂଳକ ସାକ୍ଷାତ୍ ବେଳେ ସେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ବରିଷ୍ଠ ବ୍ୟବସାୟୀ ବଲ୍ଲଭ ଚରଣ ପାଣି, ବିଜ୍ଞାନ ଦାସ, ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ, ରବୀନ୍ଦ୍ର ନାଥ, ବାବାଜୀ ସାହୁ , ଦେବୀ ପ୍ରସାଦ ପ୍ରଧାନ , ଅକ୍ଷୟ ନାଥ , ଦିଲୀପ ମହାନ୍ତି ଓ କୁଜଙ୍ଗର ପୂର୍ବତନ ସରପଞ୍ଚ କୈଳାସ ବେହେରା ପ୍ରମୁଖ ତାଙ୍କୁ ଭେଟିଥିଲେ। ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ପାଣି ବାହାରି ନ ପାରି ବଜାର ବୁଡୁଛି। ଅନ୍ୟପଟେ କୁଜଙ୍ଗ ବଜାରରେ ଦୀର୍ଘ ୪୦ ବର୍ଷ ଧରି ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ପ୍ରକୃତ ବ୍ୟବସାୟୀଙ୍କୁ ସରକାରୀସ୍ତରରେ ନିର୍ମିତ ଦୋକାନଘର ବଣ୍ଟନ କରା ନ ଯାଇ ଅଣବ୍ୟବସାୟୀଙ୍କୁ ଦିଆଯାଇଛି। ସେମାନେ ଦୋକାନ ନ କରି ଘର ଭଡ଼ା ଦେଇଛନ୍ତି। ଏହାଦ୍ୱାରା ପ୍ରକୃତ ବ୍ୟବସାୟୀ ଓ ଶିକ୍ଷିତ ବେକାର ଯୁବକ ଦୋକାନଘର ଖଣ୍ଡେ ନ ପାଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ପ୍ରସଙ୍ଗରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ବଣ୍ଟନ ସମୟରେ ପ୍ରତିବାଦ କରାଯାଇଥିଲେ ଏଭଳି ଅସୁବିଧା ହୋଇ ନ ଥାନ୍ତା। ଆଗାମୀ ଦିନରେ ସବୁ ଠିକ୍ ହୋଇଯିବ ବୋଲି ମନ୍ତ୍ରୀ ସ୍ୱାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଖୁବ୍‌ଶୀଘ୍ର ଶ୍ରୀମନ୍ଦିର ସ୍ଥାୟୀ ପ୍ରଶାସକ ନିଯୁକ୍ତି: ଆଇନମନ୍ତ୍ରୀ ହରିଚନ୍ଦନ

### ଶ୍ରୀମନ୍ଦିରରେ କୌଣସି ପରିଚାଳନାଗତ ତ୍ରୁଟି ହୋଇନାହିଁ

**ଭୁବନେଶ୍ୱର,୨୩।୬ (ସୁନିତ୍ ମିଶ୍ର)**




ପୃଥ୍ୱୀରାଜ ହରିଚନ୍ଦନ

ଶ୍ରୀମନ୍ଦିରରେ କୌଣସି ପରିଚାଳନାଗତ ତ୍ରୁଟି ହୋଇନାହିଁ। ହେଲେ ସ୍ଥାୟୀ ପ୍ରଶାସକ ନିଯୁକ୍ତି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ହାଇକୋର୍ଟ ମଧ୍ୟ ସ୍ଥାୟୀ ପ୍ରଶାସକ ନିଯୁକ୍ତିର ଆବଶ୍ୟକତା ଥିବା ଦର୍ଶାଇଛନ୍ତି। ଏନେଇ ଖୁବଶୀଘ୍ର ସ୍ପଷ୍ଟ ନିଷ୍ପତ୍ତି ହେବ। ଆସନ୍ତା ୧୦୦ ଦିନ ଭିତରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରବିବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପୃଥ୍ୱୀରାଜ କହିଛନ୍ତି ଯେ, ପ୍ରଭୁ ଜଗନ୍ନାଥଙ୍କ ଅନେକ ଯୋଜନା ଯାହା ତିଆରି ହୋଇଛି, ନୀତିକାନ୍ତି ଠାରୁ ଆରମ୍ଭ କରି ଦର୍ଶନ ପର୍ଯ୍ୟନ୍ତ ସେ ସବୁକୁ ଅନୁଧ୍ୟାନ କରି ଜଣେ ତାହାକୁ ନିୟନ୍ତ୍ରଣ ଭିତରେ ରଖିବାର ଆବଶ୍ୟକତା ଅଛି। ସେହି ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଭାବେ ଆଲୋଚନା ଏ ବାବଦରେ ଆରମ୍ଭ ହୋଇଛି ବୋଲି ହରିଚନ୍ଦନ କହିଛନ୍ତି।

# ୬ ବିଧାୟକଙ୍କୁ ନେଇ ଖାର୍ଗେଙ୍କୁ ଭେଟିଲେ ସପ୍ତଗିରି

**ଜୟପୁର/ରାୟଗଡ଼ା/ବିଷମକଟକ, ୨୩।୬(ପବନ ପାଣିଗ୍ରାହୀ/ଆଶିଷ ରଞ୍ଜନ ପଣ୍ଡା/ପ୍ରସନ୍ନ କୁମାର ପଣ୍ଡା)**



ନୂଆଦିଲୀଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଭେଟୁଛନ୍ତି। ନିକଟରେ ଅଛନ୍ତି ୬ କଂଗ୍ରେସ ବିଧାୟକ।

### କଂଗ୍ରେସ ବିଧାୟକ ଦଳ ନେତା ନେଇ ଚର୍ଚ୍ଚାରେ କାଡ଼ାମ

### ଦଳୀୟ ନିଷ୍ପତ୍ତିରେ ମୋର ସହମତି ରହିବ: ତାରା

ଅଖିଳ ଭାରତ କଂଗ୍ରେସ କମିଟି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ରବିବାର କୋରାପୁଟ କଂଗ୍ରେସ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା ଭେଟିଛନ୍ତି । ୬ ଜଣ ବିଧାୟକଙ୍କୁ ନେଇ ସେ ଦିଲ୍ଲୀରେ ଅଧ୍ୟକ୍ଷଙ୍କୁ ଭେଟିବା ସମ୍ପର୍କିତ ଫଟୋ ପ୍ରସାରିତ ହେବା ପରେ ଓଡ଼ିଶାରେ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି । ସାଧାରଣ ନିର୍ବାଚନ ପରେ ଓଡ଼ିଶା ବିଧାନସଭାରେ ଭାଜପା ବିଧାୟକ ଦଳ ନେତା ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ସେହିପରି ବିରୋଧୀ ଦଳ ନେତା ଭାବେ ବିଜେଡି ବିଧାୟକ ନବୀନ ପଟ୍ଟନାୟକ ମନୋନୀତ ହୋଇସାରିଛନ୍ତି। ମାତ୍ର କଂଗ୍ରେସରୁ ବିଜୟୀ ହୋଇଥିବା ୧୪ ଜଣ ବିଧାୟକ ବିଧାନସଭା ପାଇଁ ଏଯାଏ ସେମାନଙ୍କର ନେତା ବାଛିପାରିନାହାନ୍ତି । କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱଙ୍କ ନିଷ୍ପତ୍ତିକୁ ଅପେକ୍ଷା ରହିଛି। ଏପରି ସ୍ଥଳେ କୋରାପୁଟ ଏମ୍‌ପି ଉଲ୍ଲାକା ଅଧ୍ୟକ୍ଷ ଖାର୍ଗେଙ୍କୁ ଭେଟିବା ଏବଂ ଟିମ୍‌ରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ନ ଥିବା ଆଲୋଚନାର ପ୍ରସଙ୍ଗ ପାଲଟିଛି। କାରଣ ପୂର୍ବରୁ ତାରାଙ୍କ ସପକ୍ଷରେ ଉଲ୍ଲାକା ନ ଥିବା ଚର୍ଚ୍ଚା ହୋଇଛି। ସେ ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କ ସପକ୍ଷରେ ଏହି ପଦବୀ ପାଇଁ ଉଦ୍ୟମ କରୁଥିବା ଜଣାଯାଇଛି । ରାମଚନ୍ଦ୍ର ଚଳିତଥରକୁ ମିଶାଇ ୩ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ଯୁକ୍ତି ରହିଛି, ସେ ୧୯୯୫ରୁ ବିଧାନସଭା ଆସିଲେଣି ଏବଂ ଯେହେତୁ ମୁଖ୍ୟମନ୍ତ୍ରୀ ତଫସିଲଭୁକ୍ତ ଜନଜାତିରୁ ଆସିଛନ୍ତି ତେଣୁ କଂଗ୍ରେସ ବି ସେହି ରାସ୍ତା ଆପଣାଇ ତାଙ୍କୁ ଏହି ସୁଯୋଗ ଦେବା ଆବଶ୍ୟକ । ଅନ୍ୟପକ୍ଷେ ଜୟପୁର ବିଧାୟକ ବାହିନୀପତି ବିଧାନସଭାକୁ ୫ଥର ନିର୍ବାଚିତ ହୋଇଛନ୍ତି। ତେଣୁ ସାଧାରଣରେ ତାଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି। ଏମ୍‌ପି ଉଲ୍ଲାକାଙ୍କ ଟିମ୍‌ରେ ପଟାଙ୍ଗୀ ବିଧାୟକ କାଡ଼ାମ୍‌ଙ୍କ ସହ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ବିଷମକଟକ ବିଧାୟକ ନୀଳମାଧବ ହିକ୍‌କା, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଭବାନୀପାଟଣା ବିଧାୟକ ସାଗର ଦାସ ଏବଂ ଗୁଣପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ରହିଛନ୍ତି । ଏ ସମ୍ପର୍କରେ ବିଧାୟକ ବାହିନୀପତିଙ୍କୁ ପଚାରିବାରୁ ସେ କହିଲେ, ଦଳ ଯାହାକୁ ଏହି ପଦବୀ ଦେଲେ ବି ମୋର ସମର୍ଥନ ରହିବ। ମାତ୍ର ଏମ୍‌ପି ଓ ବିଧାୟକମାନଙ୍କ ଦିଲ୍ଲୀ ଯିବା ଖବର ମୋ ପାଖରେ ନାହିଁ। ଏମ୍‌ପି ଉଲ୍ଲାକା ଏ ନେଇ ମୋ ସହ ଆଲୋଚନା କରିନାହାନ୍ତି ବୋଲି ସେ କହିଛନ୍ତି।

# ଚିନ୍ତା ବଢ଼ାଉଛି ଡାଲି ଦର

## ବେଆଇନ ମହଜୁଦକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୩।୬(ଅନୁରାଧା ମହାରଣା)

ଗତ କିଛିଦିନ ଧରି ଓଡ଼ିଶା ସମେତ ସମଗ୍ର ଦେଶରେ ଖାଇବା ସାମଗ୍ରୀର ଦରଦାମ୍ ଅହେତୁକ ବୃଦ୍ଧି ଘଟିବାରେ ଲାଗିଛି। ବିଶେଷକରି ମାସକ ମଧ୍ୟରେ ୨୦ଟଙ୍କାରୁ ଅଧିକ ମୂଲ୍ୟରେ ବିଭିନ୍ନ ପ୍ରକାର ଡାଲି ଜାତୀୟ ଶସ୍ୟ ବିକ୍ରି ହେଉଛି। ଏହା ମଧ୍ୟରେ ହୋର୍ଡିଂ ବିରୋଧରେ କେନ୍ଦ୍ର ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ଏକ ନିର୍ଦ୍ଦେଶନାମାରେ ହରଡ଼ ଓ ବୁଟ ଡାଲି ଉପରେ ଷ୍ଟକ୍ ସୀମା ଧାର୍ଯ୍ୟ କରିଛନ୍ତି। ଏହା ଡାଲିର ବେଆଇନ ମହଜୁଦକୁ ବନ୍ଦ କରିବ ବୋଲି ଆଶା କରାଯାଉଛି।



ଗ୍ରାହକ ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିବୃତି ଅନୁଯାୟୀ ହୋଲ୍‌ସେଲର, ଖୁଚୁରା ବ୍ୟବସାୟୀ, ବଡ଼ ଚେନ୍ ରିଟେଲର, ମିଲର ଏବଂ ଆମଦାନୀକାରୀଙ୍କ ପାଇଁ ଡାଲି ଉପରେ ଷ୍ଟକ୍ ସୀମା ଧାର୍ଯ୍ୟ କରାଯାଇଛି। ଏହି ନିର୍ଦ୍ଦେଶ ଅନୁଯାୟୀ ହୋଲ୍‌ସେଲରଙ୍କ ପାଇଁ ୨୦୦ ଏମ୍‌ଟି, ଖୁଚୁରା ବ୍ୟବସାୟୀଙ୍କ ପାଇଁ ୫ ଏମ୍‌ଟି, ପ୍ରତ୍ୟେକ ଖୁଚୁରା ଆଉଟ୍‌ଲେଟ୍‌ରେ ୫ ଏମ୍‌ଟି ଏବଂ ବଡ଼ ଚେନ୍ ରିଟେଲରଙ୍କ ପାଇଁ ଡିପୋରେ ୨୦୦ ଏମ୍‌ଟି ମହଜୁଦ ସ୍ଥିର କରାଯାଇଛି। ସେହିଭଳି ମିଲ୍ ମାଲିକମାନଙ୍କ ପାଇଁ ଷ୍ଟକ୍ ସୀମା ଉତ୍ପାଦନର ଶେଷ ୩ ମାସ କିମ୍ବା ବାର୍ଷିକ କ୍ଷମତାର ୨୫% ମଧ୍ୟରୁ ଯାହାର ପରିମାଣ ଅଧିକ ହେବ ତାହା ଲାଗୁହେବ। ଡାଲି ପାଇଁ ଏହି ଷ୍ଟକ୍ ସୀମା ଜୁନ୍ ୨୧ରୁ କାର୍ଯ୍ୟକାରୀ ହୋଇଥିବାବେଳେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ଲାଗୁହେବ। ଏହି ଆଦେଶ ହରଡ଼ , ବୁଟ , କାବୁଲି ଡାଲି ଆଦି କ୍ଷେତ୍ରରେ ଲାଗୁ ହେବ। ଆମଦାନୀକାରୀଙ୍କୁ କୁହାଯାଇଛି, ସେମାନେ ଆମଦାନୀ ହୋଇଥିବା କଷ୍ଟମସ୍ କ୍ଲିୟରାନ୍ସ ତାରିଖଠାରୁ ୪୫ ଦିନରୁ ଅଧିକ ସମୟ ଧରି ଷ୍ଟକ୍ ରଖିପାରିବେ ନାହିଁ। ନୂତନ ନିର୍ଦ୍ଦେଶର ଅନୁପାଳନ ନିଶ୍ଚିତ କରିବାକୁ ସରକାର ସମସ୍ତ ସମ୍ପୃକ୍ତ ବ୍ୟବସାୟୀ, ମିଲ୍ ଅପରେଟର ଏବଂ ଆମଦାନୀକାରୀଙ୍କୁ କହିଛନ୍ତି। ଏଥିପାଇଁ ସମସ୍ତ ସମ୍ପୃକ୍ତ ଦଳ ଗ୍ରାହକ ବ୍ୟାପାର ବିଭାଗର ପୋର୍ଟାଲ https://fcainfoweb.nic.in/pspରେ ଷ୍ଟକ୍ ସୂଚନା ଦେବେ। ଯଦି ସେମାନଙ୍କର ଧାର୍ଯ୍ୟ ଷ୍ଟକ୍ ସୀମାଠାରୁ ଅଧିକ ସାମଗ୍ରୀ ଅଛି, ତେବେ ସେମାନଙ୍କୁ ଜୁଲାଇ ୧୨ ସୁଦ୍ଧା ନିର୍ଦ୍ଧାରିତ ଷ୍ଟକ୍ ସୀମା ମଧ୍ୟକୁ ଆଣିବାକୁ ପଡିବ । ସୂଚନା ଥାଉକି, ଘରୋଇ ଉତ୍ପାଦନ ବୃଦ୍ଧି ପାଇଁ ସରକାର ୨୦୨୪ ମେ ୪ରୁ ଦେଶୀ ଡାଲି ଉପରେ ଆମଦାନୀ ଶୁଳ୍କ ୬୬ ପ୍ରତିଶତ ହ୍ରାସ କରିଥିଲେ। ରିପୋର୍ଟ ଅନୁଯାୟୀ, ଅଷ୍ଟ୍ରେଲିଆରେ ଡାଲି ଉତ୍ପାଦନ ଗତ ବର୍ଷ ତୁଳନାରେ ୨୦୨୪-୨୫ରେ ୫ ଲକ୍ଷ ଟନ୍‌ରୁ ୧୧ ଲକ୍ଷ ଟନ୍‌କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏହା ଅକ୍ଟୋବରରୁ ଉପଲବ୍ଧ ହେବ। ପୂର୍ବ ଆଫ୍ରିକୀୟ ଦେଶରୁ ହରଡ଼ ଡାଲି ଆମଦାନୀ ଅଗଷ୍ଟ ମାସରୁ ଆରମ୍ଭ ହେବ ବୋଲି ଆଶା କରାଯାଉଛି।

# ବିଏମ୍ଏଫ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୨୩।୬

ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍ଏଫ୍)ର ନୂତନ ଉତ୍ପାଦ 'ବନ୍ଧନ ନିଫ୍ଟି ଟୋଟାଲ ମାର୍କେଟ ଇଣ୍ଡେକ୍ସ ଫଣ୍ଡ'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏହା ଏକ ଓପନ୍-ଏଣ୍ଡେଡ୍ ଇଣ୍ଡେକ୍ସ ସ୍କିମ୍ ହୋଇଥିଲାବେଳେ ନିଫ୍ଟି ଟୋଟାଲ ମାର୍କେଟ ଇଣ୍ଡେକ୍ସକୁ ମଧ୍ୟ ଟ୍ରାକ୍ କରୁଥାଏ। ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଟୋଟାଲ ମାର୍କେଟ ଫଣ୍ଡ ବିଷୟବସ୍ତୁ ଏହାର ସରଳତା ଓ ବ୍ୟାପକ କଭରେଜ ପାଇଁ ଅନ୍ତର୍ଜାତୀୟସ୍ତରରେ ଲୋକପ୍ରିୟତା ହାସଲ କରିଥିବାବେଳେ ବିଶ୍ୱର କିଛି ସର୍ବବୃହତ୍ ଇଟିଏଫ୍ ବର୍ତ୍ତମାନ ଟୋଟାଲ ମାର୍କେଟ ଫଣ୍ଡ ଅଟନ୍ତି। ୨୦୨୪ ଜୁନ୍ ୨୪ରେ ଏହି ନୂଆ ଫଣ୍ଡ ଅଫର୍ (ଏନ୍ଏଫ୍ଓ) ଖୋଲିବାକୁ ଥିବାବେଳେ ୨୦୨୪ ଜୁଲାଇ ୫ରେ ବନ୍ଦ ହେବ। ବନ୍ଧନ ନିଫ୍ଟି ଟୋଟାଲ ମାର୍କେଟ ଇଣ୍ଡେକ୍ସ ଫଣ୍ଡରେ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ ବିତରଣକାରୀ ଓ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମ ମାଧ୍ୟମରେ ଏବଂ ସିଧାସଳଖ ଏହି ଫଣ୍ଡରେ ନିବେଶ କରିପାରିବେ।

# ଆୟୁଷ୍ମାନ ଏନ୍ଏସ୍ଏମ୍‌ର ନୂଆ ଚେହେରା

ଭୁବନେଶ୍ୱର,୨୩।୬




ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ଅଗ୍ରଣୀ ରିଟେଲ ୟୁନିଟ୍ ନେକ୍ସସ୍ ସିଲେକ୍ଟ ମଲ୍ ବା ଏନ୍ଏସ୍ଏମ୍‌ର ବ୍ରାଣ୍ଡ ଆମ୍ବାସାଡର ଭାବେ ବଲିଉଡ୍ ଅଭିନେତା ଆୟୁଷ୍ମାନ ଖୁରାନାଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି।

ଏ ସମ୍ପର୍କରେ ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟର ମୁଖ୍ୟ ମାର୍କେଟିଂ ଅଫିସର ନିଶଙ୍କ ଯୋଶୀ କହିଛନ୍ତି, ଆୟୁଷ୍ମାନ ଖୁରାନାଙ୍କୁ ଏନ୍ଏସ୍ଏମ୍‌ର ଚେହେରା ଭାବେ ସ୍ୱାଗତ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ତାଙ୍କର ଜୀବନ୍ତ ଏବଂ ସମ୍ପର୍କୀୟ ବ୍ୟକ୍ତିତ୍ୱ ଆମ ବ୍ରାଣ୍ଡ ଆଦର୍ଶ ସହିତ ସମ୍ପୂର୍ଣ୍ଣ ଭାବେ ଯୋଡ଼ି ହୋଇଥିଲାବେଳେ ମିଳିତ ଭାବେ ଆମେ ଆମର ପୃଷ୍ଠପୋଷକମାନଙ୍କ ପାଇଁ ଅନନ୍ୟ ଏବଂ ଆକର୍ଷଣୀୟ ଅନୁଭୂତି ସୃଷ୍ଟି କରିବାକୁ ଚାହୁଁଛୁ, ଯାହା ଏନ୍ଏସ୍ଏମ୍‌ଗୁଡିକର ପ୍ରତ୍ୟେକ ପରିଦର୍ଶନକୁ ଏକ ଉତ୍ସବରେ ପରିଣତ କରିବ।

ସେହିଭଳି ଆୟୁଷ୍ମାନ ଖୁରାନା କହିଛନ୍ତି, ଲାଗୁଛି ଯେମିତି ମୁଁ ଘରକୁ ଫେରୁଛି,ଏନ୍ଏସ୍ଏମ୍ ସହିତ ମୋର ସହଭାଗିତା ଲୋକଙ୍କ ପାଇଁ ସ୍ମରଣୀୟ ଅନୁଭୂତି ସୃଷ୍ଟି କରିବାରେ ଏକ ଉତ୍ତମ ପ୍ରୟାସ ରହିଛି। ଏନ୍ଏସ୍ଏମ୍ ସବୁବେଳେ ଟପ୍-ନୋଚ୍ ରିଟେଲ୍ ଏବଂ ମନୋରଞ୍ଜନ ଯୋଗାଇବାରେ ଅଗ୍ରଣୀ ରହିଆସିଛି ଏବଂ ମୁଁ ପୁଣି ଥରେ ସେମାନଙ୍କ ଯାତ୍ରାର ଅଂଶ ହେବାକୁ ଉତ୍ସାହିତ ଅଛି।

ଉଲ୍ଲେଖଯୋଗ୍ୟ, ଭାରତର ପ୍ରଥମ ତାଲିକାଭୁକ୍ତ ରିଟେଲ୍ ଆରଇଆଇଟି 'ନେକ୍ସସ୍ ସିଲେକ୍ଟ ଟ୍ରଷ୍ଟ'ର ରିଟେଲ ୟୁନିଟ ନେକ୍ସସ୍ ସିଲେକ୍ଟ ମଲ୍ ବା ଏନ୍ଏସ୍ଏମ୍‌ର ୧୭ଟି ମଲ୍ ଦେଶର ବିଭିନ୍ନ ସ୍ଥାନରେ ପରିଚାଳିତ ହେଉଛି।

# 'କର୍କଟ ଯତ୍ନର ସାମ୍ପ୍ରତିକ ଆଧୁନିକୀକରଣ'




ଭୁବନେଶ୍ୱର,୨୩।୬(ଅନୁରାଧା ମହାରଣା)

ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ ପକ୍ଷରୁ କର୍କଟ ଯତ୍ନର ସାମ୍ପ୍ରତିକ ଆଧୁନିକରଣ ଉପରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମେଡିକାଲ ଡାଇରେକ୍ଟର ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ହସ୍ପିଟାଲ ପକ୍ଷରୁ ରେଡିଏଶନ ଅଙ୍କୋଲୋଜିଷ୍ଟ ଡା. ପ୍ରକାଶ କୁମାର ସାଇଁ, ସର୍ଜିକାଲ ଅଙ୍କୋଲୋଜିଷ୍ଟ ଡା. ସଂଗ୍ରାମ କେଶରୀ ପଣ୍ଡା, ମେଡିକାଲ ଅଙ୍କୋଲୋଜିଷ୍ଟ ଡା. ଶ୍ରୀଗୋପାଳ ମହାନ୍ତି ପ୍ରମୁଖ କର୍କଟ ଯତ୍ନର ସାମ୍ପ୍ରତିକ ଆଧୁନୀକରଣ ଉପରେ ବିଭିନ୍ନ ବୈଜ୍ଞାନିକ ଆଲୋଚନା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୦୦ରୁ ଅଧିକ ଡାକ୍ତର ଅଂଶ ଗ୍ରହଣ କରିଥିଲେ। ହସ୍ପିଟାଲ ପକ୍ଷରୁ ଏହାର ମୁଖ୍ୟ କାର୍ଯ୍ୟନିର୍ବାହୀ ଶାନ୍ତନୁ ଦାସ, ରେଡିଏଶନ ଅଙ୍କୋଲୋଜିଷ୍ଟ ଡାକ୍ତର ସିଦ୍ଧାର୍ଥ ପଟ୍ଟନାୟକ, ନ୍ୟୁକ୍ଲିୟର ମେଡିସିନର ଡାକ୍ତର ତୁଷାର ମହାପାତ୍ର, ମେଡିକାଲ ଅଙ୍କୋଲୋଜିଷ୍ଟ ଡା. ପ୍ରଶାନ୍ତ କୁମାର ପରିଡ଼ା, ରେଡିଏଶନ୍ ଅଙ୍କୋଲୋଜିଷ୍ଟ ରଣଜିତ୍ କରଙ୍କ ସମେତ ସମସ୍ତ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ପରିଶେଷରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଶୁଭ୍ରମ ପାଣି ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାରେ ପ୍ରଥମ ସିଏସ୍ ରାଜ୍ୟସ୍ତରୀୟ ସମ୍ମିଳନୀ

ଭୁବନେଶ୍ୱର,୨୩।୬ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ପ୍ରତିଷ୍ଠାନ ତଥା ଦି ଇନ୍‌ଷ୍ଟିଚ୍ୟୁଟ ଅଫ୍ କମ୍ପାନୀ ସେକ୍ରେଟାରିଜ ଅଫ୍ ଇଣ୍ଡିଆ (ଆଇସିଏସ୍ଆଇ)ର ଆଞ୍ଚଳିକ ପରିଷଦ (ପୂର୍ବ ଭାରତ) ତଥା ଇଆଇଆର୍‌ସି ଭୁବନେଶ୍ୱର ଶାଖାର ମିଳିତ ସହଯୋଗରେ ପ୍ରଥମ ସିଏସ୍ (କମ୍ପାନୀ ସେକ୍ରେଟାରିଜ) ରାଜ୍ୟସ୍ତରୀୟ ସମ୍ମିଳନୀ ରବିବାର ହୋଟେଲ ମେଫେୟାରଠାରେ ଅନୁଷ୍ଠିତ ହୋଇଯାଇଛି। ଏକ ଆଲୋଚନା ଚକ୍ର 'ନୂତନ ଓଡ଼ିଶାର ଅଭ୍ୟୁଦୟ' ଶୀର୍ଷକ ପ୍ରଥମ ରାଜ୍ୟସ୍ତରୀୟ ସମ୍ମିଳନୀ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କର ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସିଏ ରାଜୀବ ଶେଖର ସାହୁ ଏବଂ ହିମାଂଶୁ ଶେଖର ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି ଭୁବନେଶ୍ୱର ଶାଖା ଅଧ୍ୟକ୍ଷ ରୁଦ୍ର ମାଧବ ସାହୁ ଉକ୍ତ ସମ୍ମିଳନୀରେ ପୌରୋହିତ୍ୟ କରିଥିଲାବେଳେ



ଭୁବନେଶ୍ୱର ଶାଖାର ସମ୍ପାଦକ ଶ୍ରୀମନ୍ତ ବାବୁ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରାଷ୍ଟ୍ର ନିର୍ମାଣରେ କମ୍ପାନୀ ସେକ୍ରେଟାରିଙ୍କ ଭୂମିକା ଉପରେ ମନ୍ତ୍ରୀ ସ୍ୱାଇଁ ବିସ୍ତୃତ ଆଲୋକପାତ କରିବା ସହିତ ଓଡ଼ିଶାରେ ଶିଳ୍ପର ଅଭିବୃଦ୍ଧି ନିମନ୍ତେ କମ୍ପାନୀ ସଚିବମାନଙ୍କୁ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ଉପଦେଶ ଦେଇଥିଲେ। ରାଜୀବ ଶେଖର ସାହୁ କହିଥିଲେ, ଓଡ଼ିଶାରେ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ନିମନ୍ତେ ବର୍ତ୍ତମାନର ଶିଳ୍ପନୀତିର ଆବଶ୍ୟକ ପରିବର୍ତ୍ତନ ନିମନ୍ତେ ଅନୁରୋଧ ସେ କରିଥିଲେ ଓ କମ୍ପାନୀ ସେକ୍ରେଟରିମାନଙ୍କର ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାହୁ ସାଧୁବାଦ ଜଣାଇଥିଲେ। ଅପରପକ୍ଷରେ ହିମାଂଶୁ ଶେଖର କମ୍ପାନୀ ଆଇନ ୨୦୧୩ ଏବଂ ଏହାର ପାଳନ ନିମନ୍ତେ କମ୍ପାନୀ ସେକ୍ରେଟାରିଙ୍କ ଭୂମିକା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଏହି ସମ୍ମିଳନୀକୁ କମ୍ପାନୀ ସେକ୍ରେଟାରି ଏବଂ ବିଶିଷ୍ଟ ଶିଳ୍ପ ବିଶେଷଜ୍ଞ ବିଶ୍ୱରଞ୍ଜନ ସୂତାର ସମ୍ବୋଧନ କରିଥିଲେ। ଏଥିରେ ୨୫୦ରୁ ଊର୍ଦ୍ଧ୍ୱ କମ୍ପାନୀ ସେକ୍ରେଟାରିଙ୍କ ସମେତ ଶିଳ୍ପ ବିଶେଷଜ୍ଞମାନେ ଯୋଗ ଦାନ କରିଥିଲେ। ଭୁବନେଶ୍ୱର ଶାଖାର ପୂର୍ବତନ ଅଧ୍ୟକ୍ଷ ପ୍ରିୟଦର୍ଶୀ ନାୟକ ଓ ସୌମ୍ୟ ସୁଜିତ ମିଶ୍ର ସମ୍ମିଳନୀକୁ ପରିଚାଳନା କରିଥିଲେ।

# ୫ ଲକ୍ଷ ଟନ୍ ପିଆଜ କିଣିବେ ସରକାର

ଭୁବନେଶ୍ୱର,୨୩।୬(ଅନୁରାଧା ମହାରଣା)



ପିଆଜର ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ବଫର୍ ଷ୍ଟକ ପାଇଁ ସରକାର ପ୍ରାୟ ୭୧,୦୦୦ ଟନ ପିଆଜ କିଣିଛନ୍ତି। ଉପଭୋକ୍ତା ବ୍ୟାପାର ବିଭାଗର ତଥ୍ୟ ଅନୁଯାୟୀ ଶୁକ୍ରବାର ପିଆଜର ହାରାହାରି ଖୁଚୁରା ମୂଲ୍ୟ ୩୮.୬୭ ଟଙ୍କା ଥିବାବେଳେ ବର୍ତ୍ତମାନ ପିଆଜ ମୂଲ୍ୟ ୪୦ ଟଙ୍କା ଅତିକ୍ରମ କରିଛି। ମୂଲ୍ୟ ସ୍ଥିର ରଖିବା ପାଇଁ ସରକାର ଚଳିତ ବର୍ଷ ୫ ଲକ୍ଷ ଟନ ପିଆଜ କିଣିବାକୁ ଲକ୍ଷ୍ୟ ରଖିଛନ୍ତି। ଦେଶର ଅଧିକାଂଶ ସ୍ଥାନରେ ମୌସୁମୀର ଅଗ୍ରଗତି ସହିତ ଖୁଚୁରା ମୂଲ୍ୟ ମଧ୍ୟ ହ୍ରାସ ପାଇବ। ଉପଭୋକ୍ତା ବ୍ୟାପାର ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜୁନ ୨୦ ପର୍ଯ୍ୟନ୍ତ କେନ୍ଦ୍ର ସରକାର ବଫର୍ ଷ୍ଟକ ଭାବରେ ୭୦,୯୮୭ ଟନ ପିଆଜ କିଣିଛନ୍ତି। ଗତ ବର୍ଷ ସମାନ ଅବଧିରେ ୭୪,୦୭୧ ଟନ ପିଆଜ କ୍ରୟ କରାଯାଇଥିଲା। ସେ କହିଛନ୍ତି ଯେ ପ୍ରବଳ ଉତ୍ତାପ ଏବଂ କମ୍ ବର୍ଷା ହେତୁ ଚଳିତ ବର୍ଷ ରବି ଉତ୍ପାଦନରେ ପ୍ରାୟ ୨୦ ପ୍ରତିଶତ ହ୍ରାସ ହେବାର ସମ୍ଭାବନା ରହିଛି। ପିଆଜର ମୂଲ୍ୟ ବୃଦ୍ଧି ପାଇଁ ଏହି କାରଣଗୁଡିକ ମଧ୍ୟ ଦାୟୀ ବୋଲି ବିବେଚନା କରାଯାଏ। ଏହା ସତ୍ତ୍ୱେ ଚଳିତ ବର୍ଷ ବଫର ପିଆଜ କ୍ରୟ କରିବାର ଗତି ବୃଦ୍ଧି କରାଯାଇଛି। ପିଆଜ ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏହି ବଫର ଷ୍ଟକ ବ୍ୟବହାର କରିବେ। ପିଆଜ ମୂଲ୍ୟକୁ ନିୟନ୍ତ୍ରଣ କରିବା ପାଇଁ ପୂର୍ବରୁ ୪୦ ପ୍ରତିଶତ ରପ୍ତାନି ଶୁଳ୍କ ଲାଗୁ କରାଯାଇଥିଲା। ଏହା ପରେ ଅକ୍ଟୋବର ୨୦୨୪ରେ ସର୍ବନିମ୍ନ ରପ୍ତାନି ମୂଲ୍ୟ ଟନ ପିଛା ୮୦୦ ଡଲାର କରାଯାଇଥିଲା। ଡିସେମ୍ବର ୮, ୨୦୨୩ ରେ ରପ୍ତାନି ଉପରେ କଟକଣା ଲଗାଯାଇଥିଲା। ଏସବୁ ସତ୍ତ୍ୱେ ପିଆଜର ଲାଗାତର ଦର ବୃଦ୍ଧି ଖାଉଟିଙ୍କୁ ଚିନ୍ତାରେ ପକାଇଛି।

## ରାଜ୍ୟ ଖବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯହିଁ ପାଇ,**
**ତହିଁ ଗାଇ।**

ପର ଅନ୍ନରେ ପୋଷି ହେଉଥିବା ବ୍ୟକ୍ତି ସାଧାରଣତଃ ଋଣୀ ହୋଇଥାନ୍ତି। ଏପରିସ୍ଥଳେ ସାହା ଭରସା ଯୋଗାଉଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞ ରହିବା ଉଚିତ ହୋଇଥାଏ। କୌଣସି ବ୍ୟକ୍ତିଙ୍କଠାରୁ କିଛି ସାହାଯ୍ୟ ସମର୍ଥନ ପାଇଲେ ତାଙ୍କର ଗୁଣ ଗାନ କରିବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାଉ କାହିଁକି ଆସୁ କାହିଁକି**
**ଫିଟାଇ ନ କହୁ ମତେ**
**ପାନ ହୋଇଥିଲେ ଗୁଆ ହୋଇଥିଲେ**
**ଯାଚି କରି ଦେବି ତତେ।**

କିଛି ବ୍ୟକ୍ତି ଅଛନ୍ତି ମନର କଥାକୁ ମନରେ ରଖି ଅଯଥାରେ ଧନ୍ଦି ହୋଇଥାନ୍ତି। ତେବେ ମନର କଥା ଖୋଲିକରି ନ କହିଲେ କେହି ଯାଚିକରି ଦେଇଯିବା ସମ୍ଭବପର ହୋଇ ନ ଥାଏ। ମନକଥା ଖୋଲି କହିଦେଲେ ଅନେକ ସମସ୍ୟା ସମାଧାନ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ




ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କଣ୍ଟେନରକୁ ଧକ୍କାଦେଇ ଜଳିଗଲା ଆମ୍ବୁଲାନ୍ସ

## ରୋଗୀ, ଫାର୍ମାସିଷ୍ଟଙ୍କ ସମେତ ୬ ଗୁରୁତର

ରୂପସା,୨୩।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲ୍ଲା ୧୬ନଂ. ଜାତୀୟ ରାଜପଥର ରୂପ୍‌ସା ଥାନା ଅଞ୍ଚଳରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ରୋଗୀ ନେଇ ଯାଉଥିବା ୧୦୮ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ଏକ କଣ୍ଟେନରକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ଅକ୍ସିଜେନ ସିଲିଣ୍ଡର ଫାଟି ଆମ୍ବୁଲାନ୍ସଟି ଜଳିଯାଇଥିଲା। ଆମ୍ବୁଲାନ୍ସରେ ଥିବା ରୋଗୀ, ଫାର୍ମାସିଷ୍ଟଙ୍କ ସମେତ ୬ଜଣ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ବସ୍ତା ବ୍ଲକ୍ ଅଧୀନ ପୁତୁରା ଗ୍ରାମର ଯତୀନ୍ଦ୍ର ସିଂ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ଶନିବାର ରାତିରେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। କିନ୍ତୁ ଯତୀନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ରବିବାର ଭୋର ସମୟରେ ଆମ୍ବୁଲାନ୍ସ (ଓଡି୦୨ସିଏନ୍-୯୦୮୮)ରେ ଯତୀନ୍ଦ୍ରଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯିବା ସମୟରେ ଏକ କଣ୍ଟେନରକୁ ପଛପଟୁ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ଯତୀନ୍ଦ୍ରଙ୍କ ସମେତ ତାଙ୍କ ସ୍ତ୍ରୀ, ସମ୍ପର୍କୀୟ ପୁତୁରା, ଆମ୍ବୁଲାନ୍ସ ଡ୍ରାଇଭର, ହେଲ୍‌ପର ଓ ଫାର୍ମାସିଷ୍ଟ ଗୁରୁତର ହୋଇଥିଲେ। ଖବରପାଇ ଜାତୀୟ ରାଜପଥ ପାଟ୍ରୋଲିଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଅନ୍ୟ ଏକ ଆମ୍ବୁଲାନ୍ସ ସାହାଯ୍ୟରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ଯତୀନ୍ଦ୍ର ଓ ଫାର୍ମାସିଷ୍ଟଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଆମ୍ବୁଲାନ୍ସଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ବସ୍ତା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରୂପ୍‌ସା ଥାନାଧିକାରୀ ସଚ୍ଚିଦାନନ୍ଦ ଗିରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।



ଦୁର୍ଘଟଣାରେ ଜଳିଯାଇଥିବା ଆମ୍ବୁଲାନ୍ସ।

# ଶ୍ରୀପଦ୍ମକେଶର ମନ୍ଦିର ଅଭିଭାବକ ଥିଲେ ଶ୍ରୀଈଷାନଭୈରବ

ଡ. ସୁରେନ୍ଦ୍ର କୁମାର ମିଶ୍ର

ସରି ଆସୁଥାଏ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ କାର୍ଯ୍ୟ। ଶେଷ ହୋଇଆସୁଥାଏ ନିର୍ଦ୍ଧାରିତ ସମୟ। ତନ୍ମୟ ହୋଇ ଶିଳ୍ପୀମାନେ ଲାଗିପଡ଼ିଥାନ୍ତି ପ୍ରସ୍ତୁତି କାମରେ। ଏହା ତରବରିଆ କାମ ନୁହେଁ। ଅନେକ ବିଚାର ବିମର୍ଶ ଓ ଶିବେଇ ସାମନ୍ତରାଙ୍କ ପରାମର୍ଶରେ ନିମଗ୍ନ ଥାନ୍ତି ଶିଳ୍ପୀ। କିଏ ମୁଖଶାଳାର ପୀଢ଼ ନିର୍ମାଣରେ ଲାଗିଥାଏ ତ କିଏ ବିମାନ ଶିଖରରେ ସ୍ଥାନ ପାଇବା ପାଇଁ ଦଶଭୁଜା ଦୁର୍ଗାଙ୍କ ବିଗ୍ରହ ନିର୍ମାଣରେ ଲାଗିଥାଏ।

ଦଶ ଦିଗପାଳ ଓ ଦିଗପାଳ ପଟଣୀ ମୁଗୁନି ପଥରରେ ନିର୍ମିତ ହୋଇଥାଏ। ଏହି ପଥର ଜଣେ ପାଇକ ବାଣେଶ୍ୱର ନାସୀ(ବାଣେଶ୍ୱର ପାହାଡ଼ର ଶେଷ ପାଦ)ରୁ ପୋତରେ ଆଣିଲେ। ଏହି ପଥରକୁ କୁହାଯାଉଥିଲା 'ଆକର୍ଷକ' ପଥର। ଏଥିରେ ନିର୍ମିତ ବିଗ୍ରହ ଓ କାରୁକାର୍ଯ୍ୟକୁ ଦେଖିଲେ ଦଣ୍ଡେ ଅଟକିଯାଏ ଦର୍ଶକ। ସେହି ପଥର ଲାଗିଥିଲା ମୁଖଶାଳାର ଅନେକ କାର୍ଯ୍ୟରେ। ନରସିଂହ ମହାପାତ୍ର ବେକି ଭୈରବ ଓ ଅଳସକନ୍ୟା ନିର୍ମାଣରେ ଲଗାଇଥିଲେ।

ସମସ୍ତ କାମ ତଦାରଖ ପାଇଁ ଜଣେ



ଶ୍ରୀପଦ୍ମକେଶର ମନ୍ଦିରରେ ଶ୍ରୀଭୈରବଙ୍କ ବିଗ୍ରହ। (ଫଟୋ: ସଞ୍ଜୟ କୁମାର ବରାଳ)

ଜଣେ ପରିଚ୍ଛା ନିଯୁକ୍ତ ହୋଇଥିଲେ। ଇଂଲିଶ ସୁପରଭାଇଜର ଶବ୍ଦରେ ସେମାନଙ୍କୁ

### ପଦ୍ମଫୁଲିଆ ଅଁଳାଶ୍ରୀ ଭାରତରେ ବିରଳ

ଐତିହ୍ୟର ଓଡ଼ିଶା

ବୁଝିହେବ। ମୁଖଶାଳା ନିର୍ମାଣ ସମୟରେ ପରିଚ୍ଛା ନିଜେ ଉପସ୍ଥିତ ଥିଲେ। ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଗର୍ଭଗୃହରେ ଫାଶୀକାଠର ୭୨ଟି ଖମ୍ବ ବସାଯାଇଥିଲା। ଗଜପତିଙ୍କ ବାର ଅଙ୍କରେ ନିଧି ମହାପାତ୍ର ୧୩୦ଜଣ ପାଇଟିଆଙ୍କୁ ନେଇ ଆରମ୍ଭ କରିଥିଲେ ମୁଖଶାଳାର ପ୍ରଥମ ପୀଢ଼। ଛଅଟି ଶେଣି ଖଞ୍ଜାଯିବା ପରେ ମୁହାଁଟିରେ ହାତୀ ଓ ରାଜବନ୍ଧ ଖୋଦେଇ ଆରମ୍ଭ ହୋଇଥିଲା।

ତେଣେ ଗର୍ଭଗୃହ କାମ ଚାଲିଥାଏ। ଛାତତଳିଅଂଶ ଖୋଦେଇ କରୁଥାନ୍ତି ୧୦ଜଣ କାରିଗର। ଫାଶୀକାଠର ଖମ୍ବ ଉପରେ ବସି ଛାତତଳ ଖୋଦେଇ କରିବା ସହଜ କାମ ନୁହେଁ। ନିଧି ମହାପାତ୍ର ଓ ଅଙ୍ଗାର ନାୟକଙ୍କ ସମେତ ଚାରିଜଣ କାରିଗର ଏଥିପାଇଁ ପ୍ରଚୁର ପରିଶ୍ରମ କରୁଥାନ୍ତି।

ବାସ୍ତୁଶାସ୍ତ୍ର ଓ ଶିଳ୍ପ ଶାସ୍ତ୍ର ଅନୁଯାୟୀ ମନ୍ଦିରର ଅଭିଭାବକ ଭାବରେ ବିଗ୍ରହ ସ୍ଥାନିତ କରାଯାଏ। ଶ୍ରୀପଦ୍ମକେଶର ମନ୍ଦିରରେ ଅଭିଭାବକ ଭାବରେ ଶ୍ରୀଭୈରବଙ୍କୁ ଗ୍ରହଣ କରାଯାଇଥିଲା। ବାସ୍ତୁଶାସ୍ତ୍ରରେ ଶ୍ରୀଭୈରବଙ୍କୁ ଅଷ୍ଟମୂର୍ତ୍ତି ସ୍ୱରୂପ ଗ୍ରହଣ କରାଯାଏ। ଏହି ଅଷ୍ଟମୂର୍ତ୍ତି ମଧ୍ୟରେ 'ଈଷାନ' ରହିଛନ୍ତି, ଯେ କି ସୂର୍ଯ୍ୟଙ୍କ ତତ୍ତ୍ୱ ସମ୍ବଳିତ। ସନାତନ ପରମ୍ପରାରେ ପାଞ୍ଚ ଉପସନା ସହିତ ଶ୍ରୀଭୈରବ ଜଡ଼ିତ। ସେ 'ରୁଦ୍ର ଭୈରବ' ରୂପେ ଶିବ ଉପାସନାରେ ଗୃହୀତ। ସେହିପରି ଶ୍ରୀଜଗନ୍ନାଥଙ୍କ ଉପାସନାରେ ବଟୁକ ଭୈରବ ରୂପେ ପ୍ରସିଦ୍ଧ। ତନ୍ତ୍ର ମତରେ ଭୈରବ ତତ୍ତ୍ୱ ହେଉଛି ତାହା, ଯାହାକୁ କ୍ଲେଶ ଭୟ କରେ। ସେ ସମସ୍ତ ଦୁଃଖ ହରଣ କରନ୍ତି। ଭୈରବ ଉପାସନା ବ୍ୟତିରେକେ ମନ୍ତ୍ରସିଦ୍ଧି ସମ୍ଭବ ନୁହେଁ।

ଭୈରବଙ୍କ ସ୍ୱରୂପ ୬୪ ପ୍ରକାର। ଓଡ଼ିଶାରେ 'ଘଣ୍ଟାକର୍ଣ୍ଣ ଭୈରବ'ଙ୍କ ଉପାସନା ପ୍ରାଚୀନ କାଳରୁ ପ୍ରଚଳିତ। ସୁରକ୍ଷା ମାନସିକତା ଏହାର ମୂଳ ରହସ୍ୟ। ଭାଦ୍ରବ ମାସ କୃଷ୍ଣପକ୍ଷ ପଞ୍ଚମୀରେ ଘଣ୍ଟାକର୍ଣ୍ଣ ଭୈରବଙ୍କ ପୂଜା ମନ୍ଦିରରେ ଓ ଘରେ କରାଯାଇଥାଏ। କବାଟରେ ଭୈରବ ଚିତ୍ର ହୋଇ ଆବାହନ କରାଯାଇ ଯେଉଁ ମନ୍ତ୍ର ପ୍ରୟୋଗ ହୁଏ ସେଥିରେ ମନ୍ଦିରକୁ ରକ୍ଷା କରିବାର ନିବେଦନ ଅଛି। ରକ୍ଷତୁ ମମ ମନ୍ଦିରମ୍...।

ତେଣୁ ଶ୍ରୀପଦ୍ମକେଶର ମନ୍ଦିରର ଚାରି ଦିଗରେ ଶ୍ରୀଭୈରବ ମୂର୍ତ୍ତିଙ୍କୁ ସ୍ଥାନିତ କରାଯାଇଥିଲା। ସେତିକିବେଳେ ୩୦୪୪ଟି କୋଣକ ଭୂମି ପଥର ମନ୍ଦିର ଚାରିପଟେ ଖଞ୍ଜା ଯାଇଥିଲା।

କୋଣାର୍କଠାରେ ମନ୍ଦିର ନିର୍ମାଣ ସମୟରେ କେତେକ ନୂତନ ଶୈଳୀ ପ୍ରୟୋଗ ହୋଇଥିଲା। ମନ୍ଦିରର ମୂଳଦୁଆ ଥିଲା ପଦ୍ମ ଆକାରର। ପଥରରେ ନିର୍ମିତ ପଦ୍ମଫୁଲ ଝୁଲା ଆକାରରେ ଖଞ୍ଜା ଯାଇଥିଲା। ତୃତୀୟ ନୂତନ ଶୈଳୀ ହେଲା- ପଦ୍ମଫୁଲିଆ ଅଁଳାଶ୍ରୀ। ମନ୍ଦିର ଶୀର୍ଷ ଭାଗ ଆମଳକ ବା ଅଁଳାଶ୍ରୀ ପଦ୍ମଫୁଲର ଆକୃତିରେ ଖଞ୍ଜା ଯାଇଥିଲା। ମନେହୁଏ ଓଡ଼ିଶା ଶିଳ୍ପୀମାନଙ୍କର ଏକ ନୂତନ ଏବଂ ଅଭିନବ ପ୍ରୟାସ ଥିଲା ଭାରତବର୍ଷରେ। ଅନ୍ୟତ୍ର ଏପରି ଆକର୍ଷଣୀୟ କଳାକୃତି ବିଶେଷ ଦେଖିବାକୁ ମିଳେ ନାହିଁ। ଆମେ ହତଭାଗା! ସେଇ ଅଭିନବ ଶିଳ୍ପଚାତୁରି ଦେଖିବାର ସୁଯୋଗ ଏବେ ନାହିଁ।

## ଅତ୍ୟଧିକ ଜଙ୍କ୍ ଫୁଡ୍ ଖାଉଥିଲେ..



ଜଙ୍କ୍ ଫୁଡ୍ ପାଟିକୁ ସ୍ୱାଦ ଲାଗେ-ଏ କଥା ସତ, ହେଲେ ଏହା ଏକ ଅଭ୍ୟାସରେ ପରିଣତ ହୋଇଗଲେ ତାହା ପରବର୍ତ୍ତୀ ସମୟରେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକି ଆଣିଥାଏ। ନିକଟରେ ଏହି ତାଲିକାରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଆଉ ଏକ କଥାକୁ ସାମିଲ କରିଛନ୍ତି। ତାହା ହେଲା ମସ୍ତିଷ୍କର କାର୍ଯ୍ୟଧାରା। ଅର୍ଥାତ୍ ଆବଶ୍ୟକତାଠାରୁ ଅଧିକ ଜଙ୍କ୍ ଫୁଡ୍ ଖାଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। 'ଜଙ୍କ୍ ଫୁଡ୍ ଏବଂ ମସ୍ତିଷ୍କର କାର୍ଯ୍ୟଧାରା' ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଯେଉଁମାନେ ପ୍ରାୟ ପ୍ରତିଦିନ ଏଭଳି ଖାଦ୍ୟ ଖାଉଥିଲେ, ସେମାନଙ୍କର ମସ୍ତିଷ୍କର କାର୍ଯ୍ୟଧାରାକୁ ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା ନିରୀକ୍ଷା କରିବା ପରେ ଏକଥା ଜାଣିପାରିଥିଲେ। ତେଣୁ ଏଭଳି ଅଭ୍ୟାସକୁ କିପରି ନିୟନ୍ତ୍ରଣରେ ରଖାଯାଇପାରିବ ସେ ନେଇ ଚେଷ୍ଟା କରାଯିବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଆଘ୍ରାଣ ଶକ୍ତି ଓ ହୃଦ୍‌ଜନିତ ସମସ୍ୟା




ଆଘ୍ରାଣ ଶକ୍ତିର ହୃଦ୍‌ଜନିତ ସମସ୍ୟା ସହ ସଂଯୋଗ ରହିଛି। ଏଭଳି ରୋଚକ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି ଚାଇନାର ବିଶେଷଜ୍ଞମାନେ। ଏକ ସଦ୍ୟତମ ଗବେଷଣାରୁ ସେମାନେ ଜାଣିପାରିଛନ୍ତି ଯେ ଯଦି ଆଘ୍ରାଣ ଶକ୍ତି ଦୁର୍ବଳ ହେଲା ତେବେ ତାହାର ପ୍ରଭାବ ହୃତ୍‌ପିଣ୍ଡ ବା ହାର୍ଟ ଉପରେ ପଡ଼ିବାର ଆଶଙ୍କା ରହିଛି। ଆଘ୍ରାଣ ଶକ୍ତିଜନିତ ସମସ୍ୟା ବିଷୟରେ ଗବେଷଣା କରିବା ବେଳେ ସେମାନେ ଏଭଳି ଚାଞ୍ଚଲ୍ୟକର କଥା ଜାଣିପାରିଥିଲେ। ଏହି ସମୟରେ ଗବେଷଣା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଆଘ୍ରାଣ ଶକ୍ତିରେ ତାରତମ୍ୟ ଦେଖିବାକୁ ମିଳିଥିଲା, ସେମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତିଙ୍କଠାରେ ହୃଦ୍‌ଜନିତ ଲକ୍ଷଣ ସେମାନେ ଲକ୍ଷ୍ୟ କରିଥିଲେ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଆଘ୍ରାଣ ଶକ୍ତି ଦୁର୍ବଳ ହେଲେ ତାହାର ପ୍ରଭାବ ରକ୍ତ ସଞ୍ଚାଳନ ଉପରେ ପଡିଥାଏ। ଏହାଦ୍ୱାରା ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ତେଣୁ ଆଘ୍ରାଣ ଶକ୍ତିରେ କିଛି ସମସ୍ୟା ଥିଲେ ତୁରନ୍ତ ଅଭିଜ୍ଞ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ସେମାନେ କହିଛନ୍ତି।

# ଚାଇନାର ଚନ୍ଦ୍ର ଅଭିଯାନ



ନିକୁଞ୍ଜ ବିହାରୀ ସାହୁ

''ଚାଇନାର ଚଳିତ ଚେଙ୍ଗ'ଇ ୬ ଅଭିଯାନ ଚନ୍ଦ୍ରପୃଷ୍ଠରୁ ପ୍ରାୟ ୨ କି.ଗ୍ରା. ଓଜନର ମାଟି ସଂଗ୍ରହ କରି ପୃଥିବୀକୁ ଆଣିବ ବୋଲି ଲକ୍ଷ୍ୟ ରଖାଯାଇଛି। ଚାଇନା ଚନ୍ଦ୍ରର ଦୂରତମ ପାର୍ଶ୍ୱକୁ ସର୍ବପ୍ରଥମେ ୨୦୧୯ ମସିହାରେ ନିଜର ପ୍ରଥମ ଅଭିଯାନ ଚେଙ୍ଗ'ଇ ୪ ପ୍ରେରଣ କରିଥିଲା। ଏଥିରୁ ଏକ ଅବତରକ ଯାନ ବା ଲ୍ୟାଣ୍ଡର ଅଲଗା ହୋଇ ସଫଳତାର ସହିତ ଚନ୍ଦ୍ରର ଦୂରତମ ପାର୍ଶ୍ୱରେ ଅବତରଣ କରିଥିଲା। ଚନ୍ଦ୍ରର ଦୂରତମ ପାର୍ଶ୍ୱରେ ଏକ ଯାନକୁ ସଫଳତାର ସହିତ ଅବତରଣ କରାଇବାରେ ଚାଇନା ଥିଲା ବିଶ୍ୱର ସର୍ବପ୍ରଥମ ରାଷ୍ଟ୍ର। ଏହି ଯାନରୁ ବାହାରି ଏକ ରୋବୋଟ (ନାମ : ୟୁତି-୨) ଚନ୍ଦ୍ରପୃଷ୍ଠରେ ବିଚରଣ ପୂର୍ବକ ଅନୁଧାନ କରିଥିଲା। ସେବେଠାରୁ ଏହି ରୋବୋଟ ଚନ୍ଦ୍ରର ଦୂରତମ ପାର୍ଶ୍ୱରେ ଚନ୍ଦ୍ରପୃଷ୍ଠରେ କାର୍ଯ୍ୟରତ ବିଶ୍ୱର ସବୁଠାରୁ ଦୀର୍ଘସ୍ଥାୟୀ ରୋବୋଟ ରୂପେ ସକ୍ରିୟ ଅଛି।''



ଆମର ପଡ଼ୋଶୀ ଦେଶ ଚାଇନା ଗତ ମେ ୩ ତାରିଖରେ ଚନ୍ଦ୍ର ଅଭିମୁଖେ ଏକ ଅଭିଯାନ ପ୍ରେରଣ କରିଛି। ଏହା ଚନ୍ଦ୍ରର ଦୂରତମ ପାର୍ଶ୍ୱରେ ଅବତରଣ ପୂର୍ବକ ଚନ୍ଦ୍ରପୃଷ୍ଠରୁ କିଛି ମାଟି ସଂଗ୍ରହ କରି ପୃଥିବୀକୁ ଫେରାଇ ଆଣିବାର ଆଶା ରଖିଛି। ଏହି ଅଭିଯାନର ନାମ ଚେଙ୍ଗ'ଇ ୬। ଏହି ଅଭିଯାନକୁ ହୈନାନ ଦ୍ୱୀପର ୱେଞ୍ଚାଙ୍ଗ ଅନ୍ତରୀକ୍ଷ କେନ୍ଦ୍ରରୁ 'ଲାଙ୍ଗ ମାର୍ଚ୍ଚ ୫ ରକେଟ' ଜରିଆରେ ଉତକ୍ଷେପଣ କରାଯାଇଛି। ଏହି ଅଭିଯାନ ସଫଳ ହେଲେ ଆମେରିକା, ରୁଷିଆ ଓ ଭାରତକୁ ପଛରେ ପକାଇ ଚନ୍ଦ୍ରର ଦୂରତମ ପାର୍ଶ୍ୱରେ ଅବତରଣ କରି ପୃଥିବୀକୁ ନମୁନା ଫେରାଇ ଆଣିବାରେ ଚାଇନା ବିଶ୍ୱର ପ୍ରଥମ ରାଷ୍ଟ୍ର ରୂପେ ପରିଗଣିତ ହେବ। ଚାଇନା ଆଗାମୀ ୨୦୩୦ ମସିହା ସୁଦ୍ଧା ଚନ୍ଦ୍ରକୁ ମଣିଷ ପଠାଇ ଚନ୍ଦ୍ରର ଦକ୍ଷିଣ ମେରୁଠାରେ ଏକ ସ୍ଥାୟୀ ଘାଟି ନିର୍ମାଣ କରିବାର ଯୋଜନା ରଖିଛି। ଚାଇନାର ଏହି ଚଳିତ ଅଭିଯାନ ସେହି ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟର ଏକ ଅଂଶବିଶେଷ ବୋଲି ଜଣାପଡ଼ିଛି।

ଏପର୍ଯ୍ୟନ୍ତ ଦୁନିଆର ସମସ୍ତ ୧୦ଟି ଚନ୍ଦ୍ର ଅଭିଯାନ ଚନ୍ଦ୍ରର ନିକଟତମ ପାର୍ଶ୍ୱକୁ ଲକ୍ଷ୍ୟ କରି କରାଯାଇଛି; ଅର୍ଥାତ ଚନ୍ଦ୍ରର ଦୂରତମ ପାର୍ଶ୍ୱ ଅଭିମୁଖେ କୌଣସି ସଫଳ ଅଭିଯାନ ପ୍ରେରଣ କରାଯାଇ ପାରିନାହିଁ। ଚନ୍ଦ୍ରର ଏହି ରହସ୍ୟମୟ ପାର୍ଶ୍ୱ ସର୍ବଦା ପୃଥିବୀଠାରୁ ଦୂରରେ ରହିଥାଏ। ଏହାକୁ ମଧ୍ୟ ଚନ୍ଦ୍ରର 'ଅନ୍ଧକାରାଚ୍ଛନ୍ନ' ପାର୍ଶ୍ୱ କହନ୍ତି। ଏହାର ଅର୍ଥ ନୁହେଁ ଯେ, ଏହି ପାର୍ଶ୍ୱ ସଦାସର୍ବଦା ଅନ୍ଧକାରମୟ ରହିଥାଏ; ବରଂ ଏହି ପାର୍ଶ୍ୱ ସର୍ବଦା ଆମଠାରୁ ଦୂରରେ ରହିଥିବା ହେତୁ ସେ ସମ୍ପର୍କରେ ଆମର ସୀମିତ ଜ୍ଞାନ ଦୃଷ୍ଟିରୁ ଏହାର ଏପରି ନାମକରଣ କରାଯାଇଛି।

ଚେଙ୍ଗ'ଇ ୬ ଚନ୍ଦ୍ରର ସବୁଠାରୁ ପୁରାତନ ଗହ୍ୱର ସାଉଥ ଏଟକିନ ବେସିନଠାରେ ଅବତରଣ କରିବ। ଏହି ଗହ୍ୱରର ଓସାର ୨୫୦୦ କି.ମି. ଓ ବୟସ ୪୦୦ କୋଟି ବର୍ଷ। ସୁତରାଂ ଚାଇନାର ଏହି ଅଭିଯାନର ବୈଜ୍ଞାନିକ ଦୃଷ୍ଟିକୋଣରୁ ଯଥେଷ୍ଟ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ଚାଇନାର ଏହି ଅଭିଯାନରେ ନିଜସ୍ୱ ଉପକରଣ ବ୍ୟତୀତ ଅନ୍ୟାନ୍ୟ କିଛି ରାଷ୍ଟ୍ର ଯେପରି ପାକିସ୍ତାନ, ଫ୍ରାନ୍ସ, ଇଟାଲୀ ଏବଂ ୟୁରୋପୀୟ ସମୂହର ଭାର ମଧ୍ୟ ସ୍ଥାନିତ ଅଛି।

ଚେଙ୍ଗ'ଇ ୬ ଗତ ୨୦୨୦ ମସିହାରେ ପ୍ରେରଣ କରା ଯାଇଥିବା ଚେଙ୍ଗ'ଇ ୫ ଅଭିଯାନର ଏକ ସହାୟକ ଉପକ୍ରମ, ଯାହା ଚନ୍ଦ୍ରପୃଷ୍ଠରୁ ୧.୭ କି.ଗ୍ରା. ଓଜନର ମାଟି ଓ ପଥର ପୃଥିବୀକୁ ସଫଳତାର ସହିତ ଆଣି ପାରିଥିଲା। ଚାଇନାର ଚଳିତ ଚେଙ୍ଗ'ଇ ୬ ଅଭିଯାନ ଚନ୍ଦ୍ରପୃଷ୍ଠରୁ ପ୍ରାୟ ୨ କି.ଗ୍ରା. ଓଜନର ମାଟି ସଂଗ୍ରହ କରି ପୃଥିବୀକୁ ଆଣିବ ବୋଲି ଲକ୍ଷ୍ୟ ରଖାଯାଇଛି। ଚାଇନା ଚନ୍ଦ୍ରର ଦୂରତମ ପାର୍ଶ୍ୱକୁ ସର୍ବପ୍ରଥମେ ୨୦୧୯ ମସିହାରେ ନିଜର ପ୍ରଥମ ଅଭିଯାନ ଚେଙ୍ଗ'ଇ ୪ ପ୍ରେରଣ କରିଥିଲା। ଏଥିରୁ ଏକ ଅବତରକ ଯାନ ବା ଲ୍ୟାଣ୍ଡର ଅଲଗା ହୋଇ ସଫଳତାର ସହିତ ଚନ୍ଦ୍ରର ଦୂରତମ ପାର୍ଶ୍ୱରେ ଅବତରଣ କରିଥିଲା। ଚନ୍ଦ୍ରର ଦୂରତମ ପାର୍ଶ୍ୱରେ ଏକ ଯାନକୁ ସଫଳତାର ସହିତ ଅବତରଣ କରାଇବାରେ ଚାଇନା ଥିଲା ବିଶ୍ୱର ସର୍ବପ୍ରଥମ ରାଷ୍ଟ୍ର। ଏହି ଯାନରୁ ବାହାରି ଏକ ରୋବୋଟ (ନାମ : ୟୁତି-୨) ଚନ୍ଦ୍ରପୃଷ୍ଠରେ ବିଚରଣ ପୂର୍ବକ ଅନୁଧାନ କରିଥିଲା। ସେବେଠାରୁ ଏହି ରୋବୋଟ ଚନ୍ଦ୍ରର ଦୂରତମ ପାର୍ଶ୍ୱରେ ଚନ୍ଦ୍ରପୃଷ୍ଠରେ କାର୍ଯ୍ୟରତ ବିଶ୍ୱର ସବୁଠାରୁ ଦୀର୍ଘସ୍ଥାୟୀ ରୋବୋଟ ରୂପେ ସକ୍ରିୟ ଅଛି। ତେବେ ପ୍ରଶ୍ନ ଉଠେ: କୋଟି କୋଟି ଟଙ୍କା ବିନିମୟରେ ଚନ୍ଦ୍ର ପ୍ରତି ଚାଇନାର ଏଭଳି ଦୁର୍ବାର ଆକର୍ଷଣ କାହିଁକି?

ସୂଚନାଯୋଗ୍ୟ ଯେ, ଚନ୍ଦ୍ରର ପୃଷ୍ଠ ଅନେକ ଉଲ୍‌କାପାତ ଆଘାତ ଜନିତ ଗହ୍ୱରରେ ପରିପୂର୍ଣ୍ଣ। ସେଥିରୁ କିଛି ଗହ୍ୱର ଏତେ ଗଭୀର ଯେ ସେଗୁଡ଼ିକର ତଳ ସ୍ଥାୟୀ ରୂପେ ଅନ୍ଧକାରାଚ୍ଛନ୍ନ ଥାଏ, ଯେଉଁଠି ସୂର୍ଯ୍ୟାଲୋକ ଏପର୍ଯ୍ୟନ୍ତ ପ୍ରବେଶ କରିପାରି ନାହିଁ। ଏହା ସେଭଳି କିଛି ଗଭୀର ଗହ୍ୱର ତଳରୁ ବରଫ ଓ ମାଟି ସଂଗ୍ରହ କରିବ। ସେସବୁର ବୈଜ୍ଞାନିକ ବିଶ୍ଳେଷଣ ଦ୍ୱାରା ଆମ ସୌରଜଗତର ଗଠନ, ଅଭ୍ୟୁଦୟ ତଥା ବୟସ ଭଳି ବହୁ ଅସମାହିତ ରହସ୍ୟର ଉନ୍ମୋଚନ କରିହେବ।

ସମ୍ପ୍ରତି ପରିବେଶୀୟ ପ୍ରଦୂଷଣ ତଥା ଜଳବାୟୁ ପରିବର୍ତ୍ତନଜନିତ କାରଣରୁ ଆମର ସୁନ୍ଦର ଗ୍ରହ ପୃଥିବୀ ଏବେ ଅବକ୍ଷୟମୁଖୀ ଓ ଧ୍ୱଂସପଥର ଯାତ୍ରୀ। ଏହି ଧାରା ଅବ୍ୟାହତ ରହିଲେ ଦିନ ଅସିବ, ଆମର ପୃଥିବୀ ଆଉ ଜୀବନୋପଯୋଗୀ ହୋଇ ରହିବ ନାହିଁ। ସୁତରାଂ ଏହି ବିଶାଳ ବିଶ୍ୱରେ ମନୁଷ୍ୟଜାତିକୁ ବଞ୍ଚାଇ ରଖିବାକୁ ହେଲେ ଆମକୁ ପୃଥିବୀ ଛାଡ଼ି ଅନ୍ୟ ଗ୍ରହ ଗ୍ରହାନ୍ତରରେ ସୁରକ୍ଷିତ ରାଇଜର ସନ୍ଧାନ କରିବାକୁ ପଡ଼ିବ। ଆଉ ସେ କ୍ଷେତ୍ରରେ, ଆମର ପଡ଼ୋଶୀ ଚନ୍ଦ୍ର ହେବ ଆମର ସର୍ବପ୍ରଥମ ଲକ୍ଷ୍ୟସ୍ଥଳୀ। ଦିନ ଆସିବ, ଯେବେ ପୃଥିବୀରୁ ନିୟମିତ ସଟଲ ଯାନମାନ ଚନ୍ଦ୍ର ଅଭିମୁଖେ ଯାତ୍ରା କରିବ ଏବଂ ସେଥିରେ ବସି ଦଳଦଳ ପୁରୁଷ ଓ ସ୍ତ୍ରୀ ଚନ୍ଦ୍ର ଯାତ୍ରା କରି ଜହ୍ନ ରାଇଜରେ ନିଜର ଘରସଂସାର କରିବେ। ପୁଣି ମଙ୍ଗଳ ଭଳି ବାସୋପଯୋଗୀ ସୌରଜଗତର ଅନ୍ୟ ଗ୍ରହମାନଙ୍କୁ ସହଜରେ ଏବଂ ସ୍ୱଳ୍ପ ଖର୍ଚ୍ଚରେ ଯାତ୍ରା କରିବାକୁ ହେଲେ ଚନ୍ଦ୍ର ମନୁଷ୍ୟ ପାଇଁ ଏକ ମଧ୍ୟବର୍ତ୍ତୀ ସୋପାନ ହେବ। ଚନ୍ଦ୍ର ମଧ୍ୟ ଯେକୌଣସି ଦେଶ ପାଇଁ ଅର୍ଥନୈତିକ ତଥା ସାମରିକ ଦୃଷ୍ଟିକୋଣରୁ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଚନ୍ଦ୍ରରେ ବିଭିନ୍ନ ବିରଳ ଖଣିଜ ଯଥା ସିଲିକନ, ମାଙ୍ଗାନିଜ, ଟାଇଟାନିୟମର ପ୍ରଚୁର ଭଣ୍ଡାର ଗଚ୍ଛିତ ଅଛି। ଏସବୁକୁ ଉତ୍ତୋଳନ କରି ରାଷ୍ଟ୍ରୀୟ ପ୍ରଗତି ନିମନ୍ତେ ପୃଥିବୀକୁ ସଫଳତାର ସହିତ ଆଣିବା ଉଦ୍ଦେଶ୍ୟରେ ଏହି ଚନ୍ଦ୍ର ସମ୍ପଦ ଉପରେ ଅଧିକାଂଶ ଦେଶର ଲୋଲୁପ ଦୃଷ୍ଟି ରହିଛି। ପୁନଶ୍ଚ, ଚନ୍ଦ୍ରରେ ଏକ ସାମରିକ ଘାଟି ସ୍ଥାପନ କରି ଅନ୍ତରୀକ୍ଷରୁ ସମରସଜ୍ଜା ପ୍ରସ୍ତୁତ କରିହେବ, ଯାହା ଯେକୌଣସି ଦେଶ ପାଇଁ ସମରରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ।

ଚାଇନା ଆଗାମୀ ଦିନରେ ନିଜର ଆର୍ଥିକ ଓ ସାମରିକ ବିକାଶ ଦୃଷ୍ଟିକୋଣକୁ ଆଖି ଆଗରେ ରଖି ଚନ୍ଦ୍ରପୃଷ୍ଠରେ ଏକ ସ୍ଥାୟୀ ଘାଟି ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖିଛି। ଚାଇନାର ସଦ୍ୟତମ ଚେଙ୍ଗ'ଇ ୬ ତଥା ସମୁଦାୟ ଚେଙ୍ଗ'ଇ ସିରିଜ ଚନ୍ଦ୍ର ଅଭିଯାନ ଡ୍ରାଗନ ରାଷ୍ଟ୍ରର ସେହି ସୁଦୂର ଓ ଦୁର୍ବାର ଲକ୍ଷ୍ୟକୁ ବାସ୍ତବରେ ରୂପାୟିତ କରିବା ଉଦ୍ୟମରେ ଏକ ପଦକ୍ଷେପ ମାତ୍ର।

-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

## ସ୍ୱାସ୍ଥ୍ୟୋପକାରୀ ଲେମ୍ବୁ



ସାଧାରଣତଃ ଲେମ୍ବୁର ବ୍ୟବହାର ବିଭିନ୍ନ ପୂଜା, ଦେବ କାର୍ଯ୍ୟ, ନୂତନ ବାସଗୃହରେ ପ୍ରବେଶ ବେଳେ, ଯାନବାହନ ଆଦିର ପୂଜା ତଥା ଯେ କୌଣସି ଶୁଭାଶୁଭ ପୂଜା କାର୍ଯ୍ୟରେ ହୋଇଥାଏ। ଲେମ୍ବୁରେ ଅନେକ ପ୍ରକାର ଔଷଧୀୟ ଗୁଣ ଭରି ରହିଛି। ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଲେମ୍ବୁ ଖାଆନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଆହୁରି ଦୃଢ଼ ହୋଇଥାଏ। କେବଳ ସେତିକି ନୁହେଁ, ରକ୍ତହୀନତା ଦୂର କରିବା, ଜୀର୍ଣ୍ଣ ଶକ୍ତି ବୃଦ୍ଧି କରାଇଥାଏ। ଏହାବ୍ୟତୀତ ଉଷୁମପାଣିରେ ଏକ ଫାଳ ଲେମ୍ବୁ ରସ ମିଶାଇ ପ୍ରତିଦିନ ସେବନ କଲେ ମୋଟାପଣ ହ୍ରାସ ପାଇଥାଏ। ଏହା ହୃଦ୍‌ଜନିତ ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିଥାଏ। କିଡ୍‌ନୀ ଷ୍ଟୋନ୍‌କୁ ପ୍ରତିରୋଧ କରିବାର ଶକ୍ତି ମଧ୍ୟ ଏହାର ରହିଛି। ରୋଗ ପ୍ରତିରୋଧକ ଶକ୍ତିକୁ ଏହା ଦୃଢ଼ କରିବା ସହ ଶରୀରରେ ବିଭିନ୍ନ ପ୍ରକାର ଭୂତାଣୁ ଜନିତ ରୋଗକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ହେଲେ ଆବଶ୍ୟକତାଠାରୁ ମାତ୍ରାଧିକ ଲେମ୍ବୁରସ ସେବନ କରିବା ଅନୁଚିତ। ଏହାଦ୍ୱାରା ଛାତି ଜ୍ୱାଳା, ବାନ୍ତି, ଓକାର ଲାଗିବା ସହ ଆମାଶୟ ଜନିତ ସମସ୍ୟା ଦେଖାଯାଏ। ତେଣୁ ଦିନରେ ଅତିବେଶିରେ ୨ ଗୋଟି ଲେମ୍ବୁ ଖାଇବା ଉଚିତ। ଦୈନନ୍ଦିନ ଖାଦ୍ୟ ତାଲିକାରେ ଲେମ୍ବୁ ସାମିଲ କଲେ ତାହା ଆମକୁ ଅନେକାଂଶରେ ସୁସ୍ଥ ତଥା ନୀରୋଗ ରଖିପାରିବ।


## ନିଶାଦ୍ରବ୍ୟ ସେବନ ବଢ଼ାଏ ଓଜନ



ନିଶାଦ୍ରବ୍ୟ ସେବନ ଏଭଳି ଏକ ଖରାପ ଅଭ୍ୟାସ ଯାହା ଅଯଥାରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ। କେବଳ ସେତିକି ନୁହେଁ, ଏଥିପାଇଁ ଅକାଳ ମୃତ୍ୟୁର ସାମ୍ନା କରିବାକୁ ପଡ଼ିପାରେ। ତେଣୁ ଏଭଳି କୁଅଭ୍ୟାସକୁ ବର୍ଜନ କରିବା ଆବଶ୍ୟକ। ଏହା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏଥିରୁ ସାମୟିକ ଆନନ୍ଦ ମିଳିପାରେ, ହେଲେ ସେମାନଙ୍କୁ ଏଭଳି ଏକ ଦୁନିଆକୁ ଏହା ଟାଣିନିଏ, ଯେଉଁଠୁ ଫେରି ଆସିବା ସହଜ ହୋଇ ନ ଥାଏ। ଏହାର ଅପକାରୀ ଗୁଣ ବିଷୟରେ ଅନେକ ଅଳ୍ପ ବହୁତ ଜାଣନ୍ତି। ଯଦି ଜଣେ ବ୍ୟକ୍ତି ନିୟମିତ ନିଶାଦ୍ରବ୍ୟ ସେବନ କରନ୍ତି, ତେବେ ପରବର୍ତ୍ତୀ ସମୟରେ ସେ ମେଦବହୁଳତା ବା ଓଜନ ବୃଦ୍ଧି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏ ନେଇ ନିକଟରେ ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ନିୟମିତ ଏଭଳି ଅଭ୍ୟାସ ସହ ଜଡିତ କେତେକ ବ୍ୟକ୍ତିଙ୍କର ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଓଜନ ପରୀକ୍ଷା କରି ସେମାନେ ଏକ କଥା ଜାଣିପାରିଛନ୍ତି। ତେଣୁ ଓଜନକୁ ସନ୍ତୁଳିତ ରଖିବାକୁ ହେଲେ ନିଜର ଖାଦ୍ୟପେୟ ପ୍ରତି ଯଥେଷ୍ଟ ଧ୍ୟାନ ଦିଅନ୍ତୁ। ତା'ସହ ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ନିଶ୍ଚୟ ସାମିଲ କରନ୍ତୁ। ଏହାବ୍ୟତୀତ ନିଶାଦ୍ରବ୍ୟ ସେବନ ଅଭ୍ୟାସକୁ ବର୍ଜନ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ➢ପ୍ରତିଦିନ ସକାଳୁ ବିଛଣା ଛାଡିବା ପୂର୍ବରୁ ସେଠାରେ କିଛି କିଛି ଷ୍ଟ୍ରେଚିଙ୍ଗ୍ ଏକ୍ସରସାଇଜ୍ କରନ୍ତୁ। ଏହା ଅଣ୍ଟାଜନିତ ବ୍ୟଥାରୁ ମଧ୍ୟ କେତେକାଂଶରେ ଉପଶମ ଦେଇଥାଏ।
- ➢ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖିବା ଠିକ୍ ନୁହେଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ କରି ଖାଦ୍ୟ ଖାଆନ୍ତୁ।
- ➢ବୟସ୍କ ବ୍ୟକ୍ତିମାନେ ସବୁବେଳେ ନିଜକୁ ଚିନ୍ତାଠାରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ।
- ➢ଖାଇବା ସାରିବା ପରେ ଚା', କଫି କିମ୍ବା କୋଲ୍ଡ ଡ୍ରିଙ୍କ୍‌ସ ଆଦୌ ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ଖାଦ୍ୟର ପ୍ରୋଟିନ୍ ଅଂଶ ନଷ୍ଟ ହୋଇଯାଇଥାଏ ଓ ଏହା ରକ୍ତ ସଞ୍ଚାଳନ ଉପରେ ପ୍ରଭାବ ପକାଏ।
- ➢ଡାଇବେଟିସ୍ ରୋଗୀ ନିଜର ଖାଦ୍ୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିବା ଦରକାର। ଖାଇ ସାରିବା ପରେ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ। କାରଣ ଏହା ଦ୍ୱାରା ମେଦ ବୃଦ୍ଧି ପାଇଥାଏ।
- ➢ଦାନ୍ତକୁ ସଫା ରଖିବା ପାଇଁ ପ୍ରତିଦିନ ସକାଳେ ଓ ରାତ୍ରି ଭୋଜନ ପରେ ଭଲଭାବକରେ ବ୍ରଶ୍ କରନ୍ତୁ। ଏହା ସହ ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।




## ଆଲର୍ଜି ସମସ୍ୟା ଥିଲେ..

ଭିଟାମିନ୍-ଇ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ। ବିଶେଷ ଭାବରେ ଏଥିରେ ତତ୍ତ୍ୱ ରହିଛି ଯାହା ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ-ଇ ଯୁକ୍ତ ଖାଦ୍ୟ ଆଣ୍ଟିଅକ୍ସିଡାଣ୍ଟ୍ ପରି କାମ କରିଥାଏ। ଏହାର ଆଉ ଏକ ଉପକାରୀ ଗୁଣ ମଧ୍ୟ ରହିଛି। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।



## ଦୀର୍ଘାୟୁ ହେବାର ସହଜ ଉପାୟ

ଦୀର୍ଘାୟୁ ହେବାକୁ କିଏ ବା ନ ଚାହେଁ? ହେଲେ କେବଳ କହିଦେଲେ ତ ହେବ ନାହିଁ ଏଥିପାଇଁ କେତୋଟି ଦିଗ ପ୍ରତି ଧ୍ୟାନ ଦେବାକୁ ପଡିଥାଏ। ବିଶେଷଭାବରେ ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ସତର୍କ ରହିବା ଦରକାର। ହେଲେ ଦୀର୍ଘାୟୁ ହେବା ପଛରେ ଆଉ ଏକ ସହଜ ତଥା ସରଳ ଉପାୟ ରହିଛି। ଏ ବିଷୟରେ ନିକଟରେ ସୂଚନା ଦେଇଛନ୍ତି ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଏହା କେତେକାଂଶରେ ଉପକାରୀ ସାବ୍ୟସ୍ତ ହୋଇଥାଏ। ଯଦି ଜଣେ ବୟସ୍କ ବ୍ୟକ୍ତି ନିୟମିତ ବ୍ୟାୟାମ କରନ୍ତି, ତେବେ ତାଙ୍କର ଆୟୁ କେତେକାଂଶରେ ବୃଦ୍ଧି ପାଇଥାଏ ବୋଲି ସେମାନେ ଜାଣିପାରିଛନ୍ତି। ପ୍ରାୟ ୮୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ସର୍ଭେ ପରିସରଭୁକ୍ତ କରିଥିଲେ। ସେମାନେ ନିୟମିତ ବ୍ୟାୟାମ କରିବା ଦ୍ୱାରା ତାହା କେଉଁ ପ୍ରକାର ସୁପ୍ରଭାବ ସେମାନଙ୍କ ଶରୀର ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇଥିଲା। ଆଶ୍ଚର୍ଯ୍ୟର କଥା ଯେ ଏମାନଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କର ଆୟୁ ବୃଦ୍ଧି ପାଉଥିବାର ସେମାନେ ଜାଣିପାରିଥିଲେ। ହେଲେ ଜଣେ ବୟସ୍କ ବ୍ୟକ୍ତି ନିଜର ସାମର୍ଥ୍ୟ ଅନୁସାରେ ହିଁ ବ୍ୟାୟାମ କରିବା ଦରକାର।






**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାରତ ଆଜି ଅଷ୍ଟ୍ରେଲିଆକୁ ଭେଟିବ

**ଗ୍ରସ୍ ଆଇସ୍‌ଲେଟ୍, ୨୩।୬(ପି.ଟି.)**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଏହାର ଶେଷ ସୁପର-୮ ମ୍ୟାଚ୍ ସୋମବାର ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ। ଭାରତ ଏପର୍ଯ୍ୟନ୍ତ ଖେଳିଥିବା ୨ଟିଯାକ ମ୍ୟାଚ୍ ଜିତି ୪ ପଏଣ୍ଟ ସହ ଗ୍ରୁପ୍-୧ ଟେବୁଲର ଶୀର୍ଷରେ ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ରବିବାର ଆଫଗାନିସ୍ତାନଠାରୁ ହାରିଯାଇଥିବାରୁ ଆଶଙ୍କାରେ ରହିଛି। ଏହି ଦଳ ୨ ମ୍ୟାଚରୁ ୧ ବିଜୟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ତୃତୀୟ ସ୍ଥାନରେ ଥିବା


କୁଳଦୀପ ଯାଦବ

ଆଫଗାନିସ୍ତାନ ଏହାର ଶେଷ ସୁପର-୮ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ଖେଳିବାର ଅଛି। ଯଦି ଆସନ୍ତା ମ୍ୟାଚ୍‌ରେ ଭାରତ ନିକଟରୁ ଅଷ୍ଟ୍ରେଲିଆ ହାରେ ଏବଂ ବାଂଲାଦେଶ ବିପକ୍ଷରେ ଆଫଗାନିସ୍ତାନ ବିଜୟ ହାସଲ କରେ ତେବେ ଭାରତ ଓ ଆଫଗାନିସ୍ତାନ ସେମିଫାଇନାଲରେ ପ୍ରବେଶ କରିବେ। ବାଂଲାଦେଶ ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିବାରୁ ଆଫଗାନିସ୍ତାନର ଆଶା ବଢ଼ିଛି। ଅନ୍ୟପକ୍ଷରେ ଏପର୍ଯ୍ୟନ୍ତ ଅପରାଜେୟ ରହିଥିବା ଭାରତ ବିଜୟ ବଜାୟ ରଖି ସେମିଫାଇନାଲ ପ୍ରବେଶ ଆଶା ରଖିଛି।

ସୁପର-୮ରେ ଭାରତ କ୍ରମାଗତ ୨ଟି ମ୍ୟାଚ୍‌ରେ ଆଫଗାନିସ୍ତାନ ଓ ବାଂଲାଦେଶକୁ ପରାସ୍ତ କରିଛି। ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି କ୍ରମେ ଉନ୍ନତ ପ୍ରଦର୍ଶନ କରିବାରେ ଲାଗିଛନ୍ତି। ଶିବମ୍ ଦୁବେ ମଧ୍ୟ ବାଂଲାଦେଶ ବିପକ୍ଷରେ ୨୪ ବଲ୍‌ରୁ ୩୪ ରନ୍ କରି ନିଜ ସମାଲୋଚକଙ୍କୁ ଦୃଢ଼ ଜବାବ ଦେଇଛନ୍ତି। ୩ ନମ୍ବର ସ୍ଥାନରେ ଆସୁଥିବା ରିଷଭ ପନ୍ତ ଭଲ ଆରମ୍ଭ କରୁଥିଲେ ମଧ୍ୟ ତାଙ୍କ ରିଭର୍ସ ହିଟ୍ ଶଟ୍‌ରେ ରହିଥିବା ତ୍ରୁଟିକୁ ସୁଧାରିବା ଆବଶ୍ୟକ। ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଉଭୟ ବ୍ୟାଟ୍ ଓ ବଲ୍‌ରେ ଭଲ ପ୍ରଦର୍ଶନ କରିବା ଭାରତ ପାଇଁ ଅନେକ ସମସ୍ୟାର ସମାଧାନ କରିଛି। ବିଳମ୍ବରେ ସୁଯୋଗ ପାଇଥିବା କୁଳଦୀପ ଯାଦବ ମ୍ୟାଚ୍ ବିଜୟୀ ଅବଦାନ ଦେବାରେ ସକ୍ଷମ ହୋଇଛନ୍ତି। ଦଳ ବିଜୟ ପଥରେ ଥିବାରୁ ଏବଂ ସମ୍ମୁଖରେ ଅଷ୍ଟ୍ରେଲିଆ ପରି ଶକ୍ତିଶାଳୀ ଦଳ ଥିବାରୁ ଭାରତୀୟ ପ୍ଲେଇଂ କମ୍ବିନେଶନରେ ପରିବର୍ତ୍ତନର ସମ୍ଭାବନା ନାହିଁ। ଶନିବାର ରାତିରେ ସେଣ୍ଟ ଲୁସିଆରେ ପହଞ୍ଚିଥିବା ଭାରତୀୟ ଦଳ ଟ୍ରେନିଂ ନ କରି ବିଶ୍ରାମକୁ ପସନ୍ଦ କରିଥିଲା। ଡାରେନ ସାମି କ୍ରିକେଟ ଷ୍ଟାଡିୟମରେ ସାଧାରଣତଃ ହାଇ-ସ୍କୋରିଂ ମ୍ୟାଚ୍ ହୋଇଥାଏ। ମାତ୍ର ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚ୍‌ରେ ଇଂଲଣ୍ଡ ୧୬୪ ରନ ଚେଜ୍ କରିବାକୁ ସକ୍ଷମ ହୋଇ ନ ଥିଲା। ତେଣୁ ଏଠାରେ ସ୍ଲୋ ବୋଲରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ।

**ଟି୨୦ ବିଶ୍ୱକପ**

**(ଆଜିର ମ୍ୟାଚ୍)**

**ୱେଷ୍ଟଇଣ୍ଡିଜ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଆଣ୍ଟିଗୁଆ
ସମୟ: ସକାଳ ୬ଟା

**ଭାରତ ବନାମ ଅଷ୍ଟ୍ରେଲିଆ**
ସ୍ଥାନ: ସେଣ୍ଟ ଲୁସିଆ
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଟି୨୦ ବିଶ୍ୱକପ୍‌ରେ ବଡ଼ ବିପର୍ଯ୍ୟୟ

## ଅଷ୍ଟ୍ରେଲିଆକୁ ହରାଇଲା ଆଫଗାନିସ୍ତାନ

**ସେଣ୍ଟ ଭିନ୍‌ସେଣ୍ଟ, ୨୩।୬**

ଅଧିନାୟକ ପ୍ୟାଟ୍ କୁମିନ୍ସଙ୍କ କ୍ରମାଗତ ହ୍ୟାଟ୍ରିକ, ଗ୍ଲେନ୍ ମ୍ୟାକ୍ସୱେଲଙ୍କ ଦ୍ରୁତ ଅର୍ଦ୍ଧଶତକ ସବୁକିଛି ଫିକା ପଡ଼ିଲା। ଚମକାଇ ଦେଲାଭଳି ପ୍ରଦର୍ଶନ କଲେ ଆଫଗାନିସ୍ତାନ ବୋଲର। ମାତ୍ର ୧୪୮ ରନ୍ ସ୍କୋର କରିଥିଲେ ହେଁ ଚମତ୍କାର ଭାବେ ଡିଫେଣ୍ଡ କଲା ଆଫଗାନିସ୍ତାନ। ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆକୁ ହରାଇ ବଡ଼ ବିପର୍ଯ୍ୟୟ ସୃଷ୍ଟିକଲା ରଶିଦ୍ ଖାଁଙ୍କ ଦଳ। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ରମାନୁଲ୍ଲା ଗୁରବାଜଙ୍କ ଅର୍ଦ୍ଧଶତକ ସହାୟତାରେ ୨୦ ଓଭରରେ ୬ ଉଇକେଟ ହରାଇ ୧୪୮ ରନ୍ କରିଥିଲା। ବିଶ୍ୱ କ୍ରିକେଟରେ ଶକ୍ତିଶାଳୀ ଦଳ ଅଷ୍ଟ୍ରେଲିଆ ପାଇଁ ବିଜୟ ସହଜ ହେବ ବୋଲି ଆକଳନ କରାଯାଉଥିଲା। ମାତ୍ର ଆଫଗାନିସ୍ତାନ ବୋଲରମାନେ ପ୍ରଥମ ବଲ୍‌ରୁ ହିଁ ଅଷ୍ଟ୍ରେଲିଆକୁ ଅଡୁଆରେ ପକାଇବା ଭଳି ପ୍ରଦର୍ଶନ କଲେ। ପ୍ରଥମ ଓଭରର ୩ୟ ବଲ୍‌ରେ ବିପଜ୍ଜନକ ଟ୍ରାଭିସ୍ ହେଡ୍‌ଙ୍କୁ ଆଉଟ କରି ନଭିନ୍-ଉଲ-ହକ୍ ଯେଉଁ ଅଭିଯାନ ଆରମ୍ଭ କରିଥିଲେ ୨୦ତମ ଓଭରର ୨ୟ ବଲ୍‌ରେ ଆଡାମ ଜାମ୍ପାଙ୍କୁ ପାଭିଲିୟନ ପଠାଇ ତାହାକୁ ଅନ୍ତିମ ରୂପ ଦେଇଥିଲେ ଆଜମତୁଲ୍ଲା ଓମାରଜାଇ। ୧୨୭ ରନ୍‌ରେ ଅଷ୍ଟ୍ରେଲିଆକୁ ଅଲ୍‌ଆଉଟ କରି ବିଜୟ ଉତ୍ସବ ମନାଇଥିଲା ଆଫଗାନିସ୍ତାନ। ଚଳିତ ବିଶ୍ୱକପ୍‌ରେ ଏହା ଥିଲା ଦ୍ୱିତୀୟ ବିପର୍ଯ୍ୟୟ। ଜୁନ୍ ୬ରେ ଅନୁଷ୍ଠିତ ଏକ ଗ୍ରୁପ୍


ଅଷ୍ଟ୍ରେଲିଆକୁ ହରାଇବା ପରେ ଉଲ୍ଲସିତ ଆଫଗାନିସ୍ତାନ ଖେଳାଳି।

ମ୍ୟାଚ୍‌ରେ ପାକିସ୍ତାନକୁ ସୁପର ଓଭରରେ ପରାସ୍ତ କରି ବିଶ୍ୱକପ୍‌ରେ ନିଜର ଉପସ୍ଥିତି ଜାହିର କରିଥିଲା ଆମେରିକା। ଟି୨୦ ବିଶ୍ୱକପ୍‌ରେ ବିପର୍ଯ୍ୟୟ ସୃଷ୍ଟି କରିବା ଆଫଗାନିସ୍ତାନ ପାଇଁ ନୂଆ ନୁହେଁ। ୨୦୧୬ରେ ୱେଷ୍ଟଇଣ୍ଡିଜକୁ ମଧ୍ୟ ଏହି ଦଳ ପରାସ୍ତ କରିଥିଲା।


ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନର ଆରମ୍ଭ ବହୁତ ଭଲ ରହିଥିଲା। ଦୁଇ ଓପନର ରମାନତୁଲ୍ଲା ଗୁରବାଜ ଓ ଇବ୍ରାହିମ୍ ଜଦ୍ରାନ ଓପନିଂ ଯୋଡ଼ିରେ ୧୧୮ ରନ୍ ଯୋଗକରି ଦଳକୁ ଦୃଢ଼ ସ୍ଥିତିରେ ପହଞ୍ଚାଇଥିଲେ। ମାତ୍ର ଯୋଡ଼ି ଭାଙ୍ଗିବାପରେ ଦଳର ଇନିଂସ ଦିଗହରା ହୋଇଯାଇଥିଲା। ଗୁରବାଜ ସର୍ବାଧିକ ୬୦ (୪୯ ବଲ, ୪ ଚୌକା, ୪ ଛକା) ଓ ଜଦ୍ରାନ ୫୧ (୪୮ ବଲ, ୬ ଚୌକା) ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ କୁମିନ୍ସ ହ୍ୟାଟ୍ରିକ ସହ ୩ଟି, ଆଡାମ ଜାମ୍ପା ୨ଟି ଓ ମାର୍କୁସ ଷ୍ଟୋଇନିସ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ମାତ୍ର ୩୨ ରନ୍ ମଧ୍ୟରେ ୩ ଉଇକେଟ ହରାଇ ବ୍ୟାକ୍‌ଫୁଟ୍‌ରେ ରହିଥିଲା। ମିଡଲ ଅର୍ଡରରେ ମ୍ୟାକ୍ସୱେଲ ୫୯ (୪୧ ବଲ, ୬ ଚୌକା, ୩ ଛକା) ରନ୍‌ର ଲଢୁଆ ଇନିଂସ ଖେଳିଥିଲେ ହେଁ ୭ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରି ନ ପାରିବା ଅଷ୍ଟ୍ରେଲିଆ ପରାଜୟର କାରଣ ସାଜିଥିଲା। ଆଫଗାନିସ୍ତାନ ବୋଲରଙ୍କ ମଧ୍ୟରେ ହିରୋ ସାଜିଥିଲେ ଗୁଲାବଦିନ ନାଇବ। ସେ ମାତ୍ର ୨୦ ରନ୍‌ରେ ୪ଟି ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ନଭିନ-ଉଲ-ହକ୍‌ଙ୍କୁ ୩ଟି ଉଇକେଟ ମିଳିଥିଲା। ଆଜମତୁଲ୍ଲା ଓମାରଜାଇ, ମହମ୍ମଦ ନବି ଓ ରଶିଦ୍ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**୬ ବଡ଼ ବିପର୍ଯ୍ୟୟ**
- ➤ଅଷ୍ଟ୍ରେଲିଆକୁ ହରାଇଲା ଆଫଗାନିସ୍ତାନ, ୨୦୨୪
- ➤ପାକିସ୍ତାନକୁ ହରାଇଲା ଆମେରିକା, ୨୦୨୪
- ➤ଇଂଲଣ୍ଡକୁ ହରାଇଲା ଆୟର୍ଲାଣ୍ଡ, ୨୦୨୨
- ➤ଶ୍ରୀଲଙ୍କାକୁ ହରାଇଲା ନାମିବ୍ୟା, ୨୦୨୨
- ➤ୱେଷ୍ଟଇଣ୍ଡିଜକୁ ହରାଇଲା ଆଫଗାନିସ୍ତାନ, ୨୦୧୬
- ➤ଇଂଲଣ୍ଡକୁ ହରାଇଲା ନେଦରଲାଣ୍ଡ୍ସ, ୨୦୦୯

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୨୦ ଓଭରରେ ୧୪୮/୬ (ରମାନତୁଲ୍ଲା ଗୁରବାଜ-୬୦, ଇବ୍ରାହିମ୍ ଜଦ୍ରାନ-୫୧, ପ୍ୟାଟ୍ କୁମିନ୍ସ-୩/୨୮, ଆଡାମ ଜାମ୍ପା-୨/୨୮, ମାର୍କୁସ ଷ୍ଟୋଇନିସ-୧/୧୯)। ଅଷ୍ଟ୍ରେଲିଆ ୧୯.୨ ଓଭରରେ ୧୨୭/ଅଲ୍‌ଆଉଟ (ଗ୍ଲେନ ମ୍ୟାକ୍ସୱେଲ-୫୯, ଗୁଲାବଦିନ ନାଇବ-୪/୨୦, ନଭିନ ଉଲ ହକ୍-୩/୩୦, ଆଜମତୁଲ୍ଲା ଓମାରଜାଇ-୧/୧୦, ମହମ୍ମଦ ନବି-୧/୧, ରଶିଦ୍ ଖାଁ-୧/୨୩)।

# ପ୍ୟାଟ୍ କୁମିନ୍ସଙ୍କ କ୍ରମାଗତ ହ୍ୟାଟ୍ରିକ



ଚଳିତ ଟି୨୦ ବିଶ୍ୱକପ୍‌ରେ କ୍ରମାଗତ ହ୍ୟାଟ୍ରିକ ଅର୍ଜନ କରିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ। ରବିବାର ସୁପର-୮ ମ୍ୟାଚ୍‌ରେ ସେ ନିଜ ତୃତୀୟ ଓଭରର ଅନ୍ତିମ ବଲ୍‌ରେ ଆଫଗାନିସ୍ତାନର ରଶିଦ୍ ଖାଁଙ୍କୁ ଏବଂ ୪ର୍ଥ ଓଭରର ପ୍ରଥମ ଓ ଦ୍ୱିତୀୟ ବଲ୍‌ରେ ଯଥାକ୍ରମେ କରିମ ଜନତ ଓ ଗୁଲବଦିନ ନାଇବଙ୍କୁ ଆଉଟ କରି ହ୍ୟାଟ୍ରିକ ପୂରଣ କରିଥିଲେ। ପୂର୍ବରୁ ସେ ଶୁକ୍ରବାର ବାଂଲାଦେଶ ବିପକ୍ଷରେ ୧୮ତମ ଓଭରର ଶେଷ ୨ ବଲ୍‌ରେ ମହମୁଦୁଲ୍ଲା ଓ ମେହେଦି ହାସନଙ୍କ ଉଇକେଟ ନେଇଥିଲେ। ୨୦ତମ ଓଭରର ପ୍ରଥମ ବଲ୍‌ରେ ସେ ତୋହିଦ ହ୍ରିଦୟଙ୍କୁ ଆଉଟ କରିଥିଲେ।

**ଅନ୍ତର୍ଜାତୀୟ ମ୍ୟାଚ୍‌ରେ କ୍ରମାଗତ ହ୍ୟାଟ୍ରିକ**
- ▶ୱାସିମ୍ ଆକ୍ରମ ବନାମ ଶ୍ରୀଲଙ୍କା (ଟେଷ୍ଟରେ, ୧୯୯୯)
- ▶ପ୍ୟାଟ୍ କୁମିନ୍ସ ବନାମ ବାଂଲାଦେଶ ଓ ଆଫଗାନିସ୍ତାନ (୨ଟି ବିଶ୍ୱକପ୍ ୨୦୨୪)

(ଅଷ୍ଟ୍ରେଲିଆର ଜିମି ମାଥ୍ୟୁସ ୧୯୧୨ରେ ଓଲ୍ଡ ଟ୍ରାଫୋଡରେ ଗୋଟିଏ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୨ଥର ହ୍ୟାଟ୍ରିକ ଅର୍ଜନ କରିଥିଲେ।)

## ଟି୨୦ ବିଶ୍ୱକପ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| **ସୁପର-୮, ଗ୍ରୁପ୍-୧** | | | | | | |
| ଭାରତ | ୨ | ୨ | ୦ | ୦ | ୪ | +୨.୪୨୫ |
| ଅଷ୍ଟ୍ରେଲିଆ | ୨ | ୧ | ୧ | ୦ | ୨ | +୦.୨୨୩ |
| ଆଫଗାନିସ୍ତାନ | ୨ | ୧ | ୧ | ୦ | ୨ | -୦.୬୫୦ |
| ବାଂଲାଦେଶ | ୨ | ୦ | ୨ | ୦ | ୦ | -୨.୪୮୯ |
| **ସୁପର-୮, ଗ୍ରୁପ୍-୨** | | | | | | |
| ଇଂଲଣ୍ଡ | ୩ | ୨ | ୧ | ୦ | ୪ | +୧.୯୯୨ |
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୦ | ୪ | +୦.୬୨୫ |
| ୱେଷ୍ଟଇଣ୍ଡିଜ | ୨ | ୧ | ୧ | ୦ | ୨ | +୧.୮୧୪ |
| ଆମେରିକା | ୩ | ୦ | ୩ | ୦ | ୦ | -୩.୯୦୬ |

# ଜୋର୍ଡାନଙ୍କ ହ୍ୟାଟ୍ରିକ, ସେମିରେ ଇଂଲଣ୍ଡ

**ବାର୍ବାଡୋସ, ୨୩।୬**

କ୍ରିସ୍ ଜୋର୍ଡାନଙ୍କ ହ୍ୟାଟ୍ରିକ ଏବଂ ଜୋଶ୍ ବଟଲରଙ୍କ ଧୂଆଁଧାର ବ୍ୟାଟିଂ ସହାୟତାରେ ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡ ପ୍ରଥମ ଦଳଭାବେ ଚଳିତ ଟି୨୦ କ୍ରିକେଟ ବିଶ୍ୱକପର ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଅନୁଷ୍ଠିତ ସୁପର-୮ ମ୍ୟାଚରେ ଏହି ଦଳ ଆମେରିକାକୁ ୧୦ ଉଇକେଟରେ ପରାସ୍ତ କରିଛି। ଆମେରିକା ୧୮.୫ ଓଭରରେ ୧୧୫ ରନରେ ଅଲ୍‌ଆଉଟ ହୋଇଥିବାବେଳେ ଇଂଲଣ୍ଡ ୯.୪ ଓଭରରେ କୌଣସି ଉଇକେଟ ନ ହରାଇ ୧୧୭ ରନ ସଂଗ୍ରହ କରି ନେଇଥିଲା। ଅଧିନାୟକ ଜୋସ ବଟଲର ୩୮ ବଲ୍‌ରୁ ୮୩ ଓ ଫିଲ୍ ସଲ୍ଟ ୨୫ ରନରେ ଅପରାଜିତ ରହିଥିଲେ। ଇଂଲଣ୍ଡ ୩ ମ୍ୟାଚରୁ ୪ ପଏଣ୍ଟରେ ପହଞ୍ଚିଛି। ରନହାର ଦୃଷ୍ଟିରୁ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଦକ୍ଷିଣ ଆଫ୍ରିକା ୪ ପଏଣ୍ଟ ସହ ଦ୍ୱିତୀୟ ଓ ୱେଷ୍ଟଇଣ୍ଡିଜ ୨ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଛି। ସୋମବାର ଦକ୍ଷିଣ ଆଫ୍ରିକା-ୱେଷ୍ଟଇଣ୍ଡିଜ ମ୍ୟାଚର ବିଜେତା ସେମିଫାଇନାଲରେ ପ୍ରବେଶ କରିବ।


କ୍ରିସ୍ ଜୋର୍ଡାନ

**ସଂକ୍ଷିପ୍ତ ସ୍କୋର**

ଆମେରିକା ୧୮.୫ ଓଭରରେ ୧୧୫/ଅଲ୍‌ଆଉଟ (ନୀତୀଶ କୁମାର-୩୦, କୋରେ ଆଣ୍ଡରସନ-୨୯ ଓ ହରମିତ ସିଂ-୨୧, କ୍ରିସ୍ ଜୋର୍ଡାନ-୪/୧୦, ସାମ୍ କୁରାନ-୨/୨୩, ଆଦିଲ ରଶିଦ-୨/୧୩, ରିସି ଟୋପ୍‌ଲେ-୧/୨୯, ଲିଆମ ଲିଭିଂଷ୍ଟୋନ-୧/୨୪)। ଇଂଲଣ୍ଡ ୯.୪ ଓଭରରେ ୧୧୭/୦ (ଜୋଶ ବଟଲର-୮୩*, ଫିଲ୍ ସଲ୍ଟ-୨୫*)।

## ଟି୨୦ ବିଶ୍ୱକପରେ ହ୍ୟାଟ୍ରିକ
- ➡ବ୍ରେଟ୍ ଲୀ (ଅଷ୍ଟ୍ରେଲିଆ): ବନାମ ବାଂଲାଦେଶ, କେପ୍‌ଟାଉନ୍, ୨୦୦୭
- ➡କର୍ଟିସ କାମ୍ଫର (ଆୟର୍ଲାଣ୍ଡ): ବନାମ ନେଦରଲାଣ୍ଡ୍ସ, ଆବୁ ଧାବି, ୨୦୨୧
- ➡ୱାନିନ୍ଦୁ ହସରଙ୍ଗା (ଶ୍ରୀଲଙ୍କା): ବନାମ ଦକ୍ଷିଣ ଆଫ୍ରିକା, ଶାରଜା, ୨୦୨୧
- ➡କାଗିସୋ ରାବାଡ଼ା (ଦକ୍ଷିଣ ଆଫ୍ରିକା): ବନାମ ଇଂଲଣ୍ଡ, ଶାରଜା, ୨୦୨୧
- ➡କାର୍ତ୍ତିକ ମେୟାପ୍ପାନ (ୟୁଏଇ): ବନାମ ଶ୍ରୀଲଙ୍କା, ଗିଲଙ୍ଗ୍, ୨୦୨୨
- ➡ଜୋଶୁଆ ଲିଟଲ(ଆୟର୍ଲାଣ୍ଡ): ବନାମ ନ୍ୟୁଜିଲାଣ୍ଡ, ଆଡିଲେଡ, ୨୦୨୨
- ➡ପ୍ୟାଟ୍ କୁମିନ୍ସ (ଅଷ୍ଟ୍ରେଲିଆ): ବନାମ ବାଂଲାଦେଶ, ଆଣ୍ଟିଗୁଆ, ୨୦୨୪
- ➡ପ୍ୟାଟ୍ କୁମିନ୍ସ (ଅଷ୍ଟ୍ରେଲିଆ): ବନାମ ଆଫଗାନିସ୍ତାନ, ସେଣ୍ଟ ଭିନସେଣ୍ଟ, ୨୦୨୪
- ➡କ୍ରିସ୍ ଜୋର୍ଡାନ (ଇଂଲଣ୍ଡ): ବନାମ ଆମେରିକା, ବାର୍ବାଡୋସ, ୨୦୨୪

**Classified Everyday**
**0674-2580101, 2549949**


REAL ESTATE
SALE

BDA plot for sale 50x75 Kalinga Nagar, paper ready (1.80cr. negotiable). Only owners to contact- (7008717032, 9437028705). D-565

Bhubaneswar କଳ୍ପନା ଛକରୁ 6.5K.M. ଦୂରତାରେ ଘରବାରି boundarywall plot କିଣନ୍ତୁ 1470/-, ସୁନ୍ଦରପଦା 1350/-, IIT Arugul- 420/-, ପ୍ରତାପନଗରୀ- 1470/-. 7853913366. D-75967

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

**BDA new planning area at Benupur low cost investment plots available, price starts from @799/-. 6371364640.** D-75966




Relax refreshment body massage therapy by experience lady therapist. 7008773793. D-76129

**Relax, Refresh your body, Mind at Saikrupa SPA with best therapies. 8984068077.** D-527

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Monalisa massage Club: All types Body massage with hiprofile smart lady rooms service available. 9708545108. D-555

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

In the Court of Executive Magistrate, Jaipur, Chaitanya Sahoo, S/o- Late Gouranga Sahoo of Village- Anaka, P.O.- Krushnapur Sasan, P.S.- Balichandrapur, Dist.- Jaipur hereby solemnly affirm my daughter's actual name is Ratisri Sahoo in H.S.C. Certificate but wrongly mentioned in Aadhaar Card bearing No.- 313778765066 is Jyotilata Sahu. Ratisri Sahoo and Jyotilata Sahu is one and same person. D-566

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**୧୭ତମ ଶ୍ରାଦ୍ଧବାର୍ଷିକୀ**



୰ବିମଳ ପ୍ରସାଦ ପଟ୍ଟନାୟକ
ଗ୍ରାମ: ଯାଆଁଳା, ଭୁବନେଶ୍ୱର
ଆବିର୍ଭାବ:୦୧।୦୭।୧୯୩୮
ତିରୋଧାନ:୦୩।୦୭।୨୦୦୭

ସମୟ ସ୍ରୋତରେ ୧୭ବର୍ଷ ବିତିଗଲାଣି। ଆପଣଙ୍କ ଅନୁପସ୍ଥିତି ତଥା ନୀତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଧାର୍ମିକ ଚିନ୍ତାଧାରାକୁ ଆମ୍ଭେ ପ୍ରତି ମୁହୂର୍ତ୍ତରେ ଅନୁଭବ କରିଆସୁଛୁ। ଆପଣଙ୍କ ଆଶୀର୍ବାଦ ସର୍ବଦା ଆମ୍ଭ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୬୧୯୬୪

# ରୋମାନିଆକୁ ହରାଇଲା ବେଲ୍‌ଜିୟମ

**ୟୁରୋ କପ୍ ଫୁଟବଲ**

**କୋଲୋନେ, ୨୩।୬ (ଏପି)**

ଚଳିତ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ଗ୍ରୁପ୍‌ 'ଇ'ରେ ବେଲ୍‌ଜିୟମ ପ୍ରଥମ ବିଜୟ ହାସଲ କରିଛି। ଦଳ ନିଜ ଗ୍ରୁପ୍‌ରେ ଏହାର ଦ୍ୱିତୀୟ ମ୍ୟାଚ୍‌ରେ ରୋମାନିଆକୁ ୨-୦ ଗୋଲ୍‌ରେ ପରାସ୍ତ କରିଛି। କୋଲୋନେ ଷ୍ଟାଡିୟମରେ ଶନିବାର ରାତିରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଖେଳର ଦ୍ୱିତୀୟ ମିନିଟ୍‌ରେ ୟୁରି ଯେଲିମାନ୍ସ ବିଜୟୀ ଦଳ ତରଫରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ଅନ୍ୟ ଗୋଲ୍‌ଟିକୁ ଦ୍ୱିତୀୟାର୍ଦ୍ଧରେ କେଭିନ ଡି' ବ୍ରୁଇନ୍ ଦେଇଥିଲେ। ଏହି ମ୍ୟାଚ୍ ବେଳେ ବେଲ୍‌ଜିୟମ ରାଜା ଫିଲିପ୍ ଓ ରାଣୀ ମାଥିଲ୍‌ଡି ପ୍ରମୁଖ ଉପସ୍ଥିତ ଥିଲେ। ବେଲ୍‌ଜିୟମ ଏହାର ଓପନିଂ ମ୍ୟାଚ୍‌ରେ ସ୍ଲୋଭାକିଆଠାରୁ ହାରିଯାଇଥିଲା।



ରୋମାନିଆ-ବେଲଜିୟମ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଏହି ବିଜୟ ପରେ ଦଳ ଗ୍ରୁପ୍ ପଏଣ୍ଟ ଟେବୁଲରେ ୩ ପଏଣ୍ଟ ସହ ରୋମାନିଆ (୩ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଗ୍ରୁପ୍‌ର ଅନ୍ୟ ୨ ଦଳ ସ୍ଲୋଭାକିଆ ଓ ୟୁକ୍ରେନ୍ ମଧ୍ୟ ୩ ପଏଣ୍ଟ ଲେଖାଏଁ ଅର୍ଜନ କରିଛନ୍ତି। ଗୋଲ୍ ବ୍ୟବଧାନ ଦୃଷ୍ଟିରୁ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ଅଛନ୍ତି। ଗ୍ରୁପ୍‌ର ଫାଇନାଲ ରାଉଣ୍ଡ ମ୍ୟାଚ୍ ଦୁଇଟି ବୁଧବାର ଖେଳାଯିବ। ସେଦିନ ବେଲ୍‌ଜିୟମ ୟୁକ୍ରେନ୍‌କୁ ଏବଂ ରୋମାନିଆକୁ ସ୍ଲୋଭାକିଆ ଭେଟିବ। ବେଲ୍‌ଜିୟମ କୋଚ୍ ଡୋମିନିକୋ ଟେଡେସ୍କୋ କହିଛନ୍ତି, ଏହି ଗେମ୍ ପରେ ସେ ଆଶ୍ୱସ୍ତ ଅଛନ୍ତି। ମ୍ୟାଚ୍‌ରୁ ୩ ପଏଣ୍ଟ ଅର୍ଜନ କରିବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା।

## ଭର୍ଷ୍ଟାପେନ୍ ଜିତିଲେ ସ୍ପାନିସ ଗ୍ରାଁ ପ୍ରି

**ମଣ୍ଟମେଲୋ (ସ୍ପେନ୍), ୨୩।୬:** ରେଡବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ସ୍ପାନିଶ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ୨୦୨୪ ସିଜନରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୦ଟି ରେସ ମଧ୍ୟରେ ୩ ଥର ବିଶ୍ୱ ଚାମ୍ପିୟନଙ୍କର ଏହା ହେଉଛି ୭ମ ବିଜୟ। ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିବା ମ୍ୟାକଲରେନର ଲାଣ୍ଡୋ ନୋରିସ ଦ୍ୱିତୀୟ ଓ ମର୍ସିଡିଜର ଲୁଇସ୍ ହାମିଲଟନ ତୃତୀୟ ସ୍ଥାନରେ ରହିଛନ୍ତି। ମର୍ସିଡିଜର ଚଳିତବର୍ଷ ଏହା ପ୍ରଥମ ପୋଡିୟମ ଫିନିଶ। ରେସ୍‌ରେ ଚତୁର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭର ମାନେ ହେଲେ ଜର୍ଜ ରସେଲ (ମର୍ସିଡିଜ), ଚାର୍ଲ୍ସ ଲେକ୍‌ଲେର୍କ୍ (ଫେରାରି), କାର୍ଲୋସ ସେଞ୍ଜ ଜୁନିୟର (ଫେରାରି), ଓସ୍କାର ପିଆଷ୍ଟ୍ରି (ମ୍ୟାକଲରେନ), ସର୍ଗିଓ ପେରେଜ (ରେଡବୁଲ୍), ପିଏରେ ଗାସ୍‌ଲି (ଅଲ୍‌ପାଇନ) ଓ ଏଷ୍ଟିବାନ ଓକନ (ଅଲପାଇନ୍)।

# ବଜରଙ୍ଗଙ୍କୁ ପୁଣି ସସ୍‌ପେଣ୍ଡ କଲା ନାଡା

**ନୂଆଦିଲ୍ଲୀ, ୨୩।୬(ପି.ଟି.)**

ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ୍ ଏଜେନ୍ସି (ନାଡା) ରବିବାର ଭାରତର ବିଶିଷ୍ଟ କୁସ୍ତିଯୋଦ୍ଧା ବଜରଙ୍ଗ ପୁନିଆଙ୍କୁ ଦ୍ୱିତୀୟଥର ପାଇଁ ସସ୍‌ପେଣ୍ଡ କରିଛି। ୩ ସପ୍ତାହ ପୂର୍ବେ ନାଡାର ଆଣ୍ଟି-ଡିସିପ୍ଲିନାରି ଡୋପିଙ୍ଗ୍ ପ୍ୟାନେଲ(ଏଡିଡିପି) ତାଙ୍କ ଉପରୁ ସସ୍‌ପେଣ୍ଡ ଆଦେଶକୁ ରଦ୍ଦ କରିଦେଇଥିଲା। ପୁନିଆଙ୍କ ବିରୋଧରେ ଅଣାଯାଇଥିବା ଆରୋପ ଉପରେ ନୋଟିସ ଜାରି କରାଯାଇ ନ ଥିବା ଦର୍ଶାଇ ନାଡା ପୁଣି ତାଙ୍କୁ ସସ୍‌ପେଣ୍ଡ କରିଛି। ମାର୍ଚ୍ଚ ୧୦ରେ ସୋନେପତ୍‌ଠାରେ ସିଲେକ୍ସନ ଟ୍ରାଏଲ ବେଳେ ଏକ ଡୋପ୍ ଟେଷ୍ଟ ହୋଇଥିଲା। ମାତ୍ର ଟୋକିଓ ଗେମ୍ସ ବ୍ରୋଞ୍ଜ ପଦକ ବିଜେତା କୁସ୍ତିଯୋଦ୍ଧା ସେତେବେଳେ ମୂତ୍ର ନମୁନା ଦେବାକୁ ମନାକରି ଦେଇଥିଲେ। ଖେଳର ଗ୍ଲୋବାଲ ଗଭର୍ନିଂ ବଡି ୟୁନାଇଟେଡ୍ ରେସ୍‌ଲିଂ ୱାର୍ଲ୍ଡ(ୟୁଡବ୍ଲ୍ୟୁଡବ୍ଲ୍ୟୁ)



ମଧ୍ୟ ତାଙ୍କୁ ସସ୍‌ପେଣ୍ଡ କରିଥିଲା। ବଜରଙ୍ଗ ସାମୟିକ ସସ୍‌ପେଣ୍ଡ ବିରୋଧରେ ଅପିଲ କରିଥିଲେ। ନାଡା ପକ୍ଷରୁ ନୋଟିସ୍ ଜାରି ପର୍ଯ୍ୟନ୍ତ ଏଡିଡିପି ଏହାକୁ ମେ' ୩୧ରେ ରଦ୍ଦ କରିଦେଇଥିଲା। ପଦକ୍ଷେପସ୍ୱରୂପ ନାଡା ପକ୍ଷରୁ ରବିବାର ନୋଟିସ ଜାରି କରାଯାଇଛି। ବଜରଙ୍ଗଙ୍କୁ ଜୁଲାଇ ୧୧ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ଏହି ସମୟ ମଧ୍ୟରେ ସେ ଏକ ଶୁଣାଣି ପାଇଁ ନିବେଦନ କରିପାରନ୍ତି ଅବା ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ଗ୍ରହଣ କରିପାରନ୍ତି। ଷ୍ଟାର କୁସ୍ତିଯୋଦ୍ଧା ଜଣକ କିନ୍ତୁ ବାରମ୍ବାର କହିଆସୁଛନ୍ତି ସେ ସାମ୍ପଲ ଦେବାଲାଗି କେବେ ମନାକରି ନାହାନ୍ତି। ୨୦୨୩ ଡିସେମ୍ବରରେ ତାଙ୍କଠାରୁ ସାମ୍ପଲ ସଂଗ୍ରହ ପାଇଁ କାହିଁକି ଏକ୍ସପାଏରି କିଟ୍ ପଠାଯାଇଥିଲା ତାହାର ଜବାବ ସେ ନାଡାଠାରୁ ଇ-ମେଲ୍ ଜରିଆରେ ଜାଣିବାକୁ ଚାହିଁଥିଲେ। ନାଡା ଏହାର କାର୍ଯ୍ୟାନୁଷ୍ଠାନ ଉପରେ ସଫେଇ ଦେଇଥିଲା। ଡୋପ୍ ପରୀକ୍ଷା ପାଇଁ ମୂତ୍ର ନମୁନା ସଂଗ୍ରହ କରାଯାଉଥିବାରୁ ଏକ୍ସପାଏରି କିଟ୍ ଏଥିପାଇଁ କୌଣସି ସମସ୍ୟା ସୃଷ୍ଟି କରିବ ନାହିଁ। ଡୋପିଙ୍ଗ୍ କଣ୍ଟ୍ରୋଲ ଅଫିସର ବହୁ ବୁଝାଶୁଝା କରିବା ସତ୍ତ୍ୱେ ବଜରଙ୍ଗ ତାଙ୍କ କଥା ଶୁଣି ନ ଥିଲେ। ବଜରଙ୍ଗଙ୍କ ଓକିଲ ବିଦୁଷ୍ପାତ ସିଂଘାଣିଆ କହିଛନ୍ତି, ଏହି ସସ୍‌ପେଣ୍ଡ ଆଦେଶକୁ ଚ୍ୟାଲେଞ୍ଜ କରାଯିବ।

# ରାଖାଲ୍‌ଙ୍କୁ ରୌପ୍ୟ

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

ଫ୍ରାନ୍ସରେ ଅନୁଷ୍ଠିତ ଅନ୍ତର୍ଜାତୀୟ ହୁଇଲ ଚେୟାର ଫେନ୍‌ସିଂ ସାଟେଲାଇଟ୍ କପରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ରାଖାଲ୍ କୁମାର ସେଠୀ ରୌପ୍ୟ ପଦକ ହାସଲ କରିଛନ୍ତି। ବ୍ୟକ୍ତିଗତ ଇପି ଇଭେଣ୍ଟରେ ରାଖାଲ ୫ ପୁଲ୍ ମ୍ୟାଚରୁ ୩ଟିରେ ଜିତି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ସେଥିରେ ସେ ଆଇ. ଅଝଗିରି (ଏନପିଏ)ଙ୍କୁ ୧୫-୫ ଏବଂ କ୍ୱାର୍ଟର ଫାଇନାଲରେ ଫ୍ରାନ୍ସର ରବିନ୍ ସାର୍ଗେଙ୍କୁ ୧୫-୧୨ରେ ହରାଇ ସେମିଫାଇନାଲରେ ପହଞ୍ଚିଥିଲେ। ସେମିରେ ଆର୍ଜେଣ୍ଟିନାର କାର୍ଲୋସ ଫ୍ରିଟାସଙ୍କୁ ୧୫-୧୩ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ ହେଁ ଟାଇଟଲ ପର୍ଯ୍ୟାୟରେ ଫ୍ରାନ୍ସର ଚାର୍ଲୋଟ୍ ଜି.ଙ୍କଠାରୁ ୬-୧୫ରେ ହାରି ଯାଇଥିଲେ।



ପଦକ ସହ ରାଖାଲ୍ କୁମାର ସେଠୀ।

# ଭାରତର କ୍ଲିନ୍ ସୁଇପ୍

**ମହିଳା କ୍ରିକେଟ**




ସିରିଜ ଟ୍ରଫି ସହ ଅଧିନାୟିକା ହରମନପ୍ରୀତ କୌର।

**ବେଙ୍ଗାଲୁରୁ, ୨୩।୬ (ପି.ଟି.)**

ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ତଥା ଅନ୍ତିମ ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ୬ ଉଇକେଟରେ ସହଜ ବିଜୟ ହାସଲ କରିଛି। ଏଥିସହିତ ଦଳ ୩-୦ରେ ସିରିଜ କ୍ଲିନ ସୁଇପ୍ କରିଛି। ଦକ୍ଷିଣ ଆଫ୍ରିକା ମହିଳା ଦଳ ଟସ୍ ଜିତି ବ୍ୟାଟିଂ ନେବା ପରେ ନିର୍ଦ୍ଧାରିତ ୫୦ ଓଭରରେ ୮ ଉଇକେଟ ବିନିମୟରେ ୨୧୫ ରନ କରିଥିଲା। ଜବାବରେ ଭାରତ ୪୦.୪ ଓଭରରେ ୪ଉଇକେଟ ବିନିମୟରେ ୨୨୦ ରନ କରି ମ୍ୟାଚ ଜିତି ନେଇଥିଲା। ଭାରତ ପକ୍ଷରୁ ଟପ ସ୍କୋରର ତଥା ଓପନର ସ୍ମୃତି ମନ୍ଧାନା ୯୦ ରନ (୮୩ ବଲ୍, ୧୧ ଚୌକା) କରିଥିବା ବେଳେ ଅଧିନାୟିକା ହରମନପ୍ରୀତ କୌର ୪୨, ପ୍ରିୟା ପୁନିଆ ୨୮ ଏବଂ ଶେଫାଳି ବର୍ମା ୨୫ ରନ କରିଥିଲେ। ରିଚା ଘୋଷ ତୁମି ସେଖୁଖୁନେଙ୍କ ବଲ୍‌ରେ ଛକା ଲାଗାଇ ଭାରତର ବିଜୟ ଲକ୍ଷ୍ୟର ପରିସମାପ୍ତି ଘଟାଇଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ ଆୟାବୋଙ୍ଗା ଖାକା, ତୁମି ସେଖୁଖୁନେ, ନୋଙ୍କୁଲୁଲେକୋ ଏମ୍‌ଲାବା ପ୍ରମୁଖ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ପୂର୍ବରୁ ଦକ୍ଷିଣ ଆଫ୍ରିକାର ଆରମ୍ଭ ଉତ୍ସାହଜନକ ଥିଲା। ଲାଉରା ଓଲ୍‌ଭାର୍ଡଟ (୬୧ରନ, ୫୭ବଲ୍, ୭ ଚୌକା) ଓ ତାଜମିନ ବ୍ରିଟ୍ସ (୩୮ରନ, ୬୬ ବଲ୍, ୨ ଚୌକା ଓ ୧ ଛକା) ପ୍ରଥମ ଉଇକେଟରେ ୧୧୯ ବଲ୍‌ରୁ ୧୦୨ ରନ ଯୋଗ କରିଥିଲେ। ହେଲେ ଦଳ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ଭାରତ ତରଫରୁ ଅରୁନ୍ଧତି ରେଡ୍ଡୀ (୨/୩୬)ଓ ଦୀପ୍ତି ଶର୍ମା (୨/୨୭) ଚମତ୍କାର ବୋଲିଂ କରି ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ। ଦୀପ୍ତି ଶର୍ମା ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ସ୍ମୃତି ମନ୍ଧାନା ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।

# ଆଦିତ୍ୟ ପ୍ରଧାନ ଚାମ୍ପିୟନ



ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

**ସ୍କୁଲ୍ସ ଓପନ ଚେସ୍**

**ଭୁବନେଶ୍ୱର, ୨୩।୬ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ହରପ୍ରିୟା ମହାନ୍ତି ମେମୋରିଆଲ ସ୍କୁଲ୍ସ ଓପନ ଚେସ୍ ରବିବାର କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କେଭି ନଂ-୧ର ଆଦିତ୍ୟ ପ୍ରଧାନ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ଅନୁଭବ ଦାଶ, ଓମ୍ ସ୍ୱରୂପ ପାଢ଼ୀ, ରୁଦ୍ର ପ୍ରତାପ ମିଶ୍ର, ସାଇ ରଞ୍ଜନ ମିଶ୍ର ଓ ଆୟୁଷ୍ମାନ ବେହେରା ୪ ପଏଣ୍ଟ ଲେଖାଏ, ଯଶଶ୍ରୀ ସ୍ୱାଇଁ ୩.୫ ଏବଂ ସ୍ୱସ୍ତିକ ବେହେରା, ସତ୍ୟମ ଓଝା ଓ ଆରାଧ ମିଶ୍ର ୩.୫ ପଏଣ୍ଟ ଲେଖାଏ ପାଇ ଟପ୍-୧୦ ଫିନିଶ୍ କରିଛନ୍ତି। ୮, ୧୦, ୧୨, ୧୪ ବର୍ଷରୁ କମ୍ ଓ ବାଳିକା ବର୍ଗରେ ୨ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ଅନ୍ୟ ୬ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ଡାଇରେକ୍ଟର ପ୍ରତାପ କିଶୋର ସାମିଲ ପ୍ରମୁଖ ପୁରସ୍କାର ପ୍ରଦାନ ଉତ୍ସବରେ ଉପସ୍ଥିତ ଥିଲେ।








DION AUTOMOTIVES: Berhampur: 9152102460.

Ex-showroom price New Nexon Smart(O) MT, New Delhi. *Tata Nexon has scored highest adult occupant scores per test conducted by GNCAP in the category of SUV less than 4 meter in length & engine less than 1.5L SUV as per GNCAP test result. #Tata Nexon is highest selling SUV from April'21 cumulative sales as per SIAM data. **7 in 7 celebration offer varies on select models & valid till 30th June only. Accessories shown and features mentioned may not be a part of standard equipment and are subject to change without prior notice. Actual colour of the vehicle and upholstery might differ. Tinted glass and number plates shown are for creative visualisation. T&C apply.



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ